

ପୃଷ୍ଠା ୫
କୌଣସି ବି ମୁହୂର୍ତ୍ତରେ ହୋଇପାରେ ନିର୍ବାଚନ


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 34 | ISSUE 99 ଭାଗ ୩୪ | ସଂଖ୍ୟା ୯୯ | Tuesday 30 June 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୩୦ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଗଜାନନ ବେଶରେ ଝଟକିଲେ ମହାବାହୁ



- ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ
- ଆଜିଠୁ ଜ୍ୱରରେ ପଡ଼ିବେ ଶ୍ରୀଜୀଉ
- ନିର୍ଦ୍ଧାରିତ ସମୟରେ ହେଲା ନୀତିକାନ୍ତି
- ଆଜିଠୁ ଶ୍ରୀମନ୍ଦିରରେ ପୂଜା ପାଇବେ ପଟିଦିଅଁ
- ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତସେବା
- ଜୁଲାଇ ୧୪ରେ ନବଯୌବନ ଦର୍ଶନ

**ପୁରୀ,୨୯।୬(ସଂଚାର ବ୍ୟୁରୋ):** ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନ ଯାତ୍ରା ଆଜି ଏକ ଭକ୍ତିମୟ ପରିବେଶ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ନୀତି ନିର୍ଘଣ୍ଟ ଅନୁସାରେ, ଭୋର ୫ଟା ୫ରେ ମଙ୍ଗଳାର୍ପଣ ସହ ଆରମ୍ଭ ହୋଇଥିଲା ଦେବସ୍ନାନ ପୂର୍ଣ୍ଣିମାର ସ୍ୱତନ୍ତ୍ର ନୀତିକାନ୍ତି। ୫ଟା ୧୫ ବେଳକୁ ସହଳ ସହଳ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ରତ୍ନବେଦୀରୁ ଓହ୍ଲାଇ ସ୍ନାନବେଦୀକୁ ଆସିଥିଲେ ଚତୁର୍ଦ୍ଧାମୂରତି। ଟାହିଆ ହଲାଇ ଝୁଲି ଝୁଲି କାଳିଆ ସାଆନ୍ତ ଆସିବାର ଦୃଶ୍ୟ ଯେତିକି ଦିବ୍ୟ ଥିଲା, ସେତିକି ଭବ୍ୟ ମଧ ଥିଲା। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଚକା ଆଖିରେ ଆଖି ମିଶାଇ କିଏ ଲୁହ ଢାଳୁଥିଲା, କିଏ ଦୀପଟିଏ ଜାଳି ମଉଡ଼ମଣିଙ୍କୁ ଜଣାଉଥିଲା ମନର କଥା। ଆଉ କିଏ ମନଭରି କାଳିଆର ଶ୍ରୀମୁଖକୁ ଚାହିଁ ରହିଥିଲା।

ଦିନ ବଢ଼ିବା ସହ ସ୍ନାନ ମଣ୍ଡପରେ ନୀତି ବଢୁଥିଲା, ଏଣେ ବଡ଼ଦାଣ୍ଡରେ ➪ ପୃଷ୍ଠା-୬

## ଦୀପ କଳା ବୋଳିହେଲେ ସେବାୟତ ଓ ଭକ୍ତ

ମହାପ୍ରଭୁ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଛାଡ଼ି ସ୍ନାନବେଦୀକୁ ବିଜେ କରିବା ପରେ ଶ୍ରୀମନ୍ଦିର ଗର୍ଭଗୃହରେ ଏକ ସ୍ୱତନ୍ତ୍ର ପରମ୍ପରା ପାଳନ କରାଯାଏ। ମହାପ୍ରଭୁଙ୍କ ଅନୁପସ୍ଥିତିରେ ଗର୍ଭଗୃହରୁ ପୁରୁଣା ଚାନ୍ଦୁଆକୁ କଢ଼ାଯାଇଛି। ବର୍ଷ ସାରା ଗର୍ଭଗୃହରେ ଜଳୁଥିବା ଦୀପର କଳା ଏହି ଚାନ୍ଦୁଆରେ ଲାଗି ରହିଥାଏ। ଯେତେବେଳେ ଚୂନରା ସେବାୟତମାନେ ଏହି ଚାନ୍ଦୁଆକୁ କାଢ଼ିଥିଲେ, ସେଥିରେ ଲାଗିଥିବା ଦୀପର କଳାରେ ସେମାନେ ସମ୍ପୂର୍ଣ୍ଣ ରୂପେ ବୋଳି ହୋଇଯାଇଥିଲେ। ଏହି ଚାନ୍ଦୁଆକୁ ସିଂହଦ୍ୱାର ଦେଇ ବାହାରକୁ ଅଣାଯିବା ସମୟରେ ଏକ ଭାବପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ➪ ପୃଷ୍ଠା-୬

### ଆକ୍ରମଣ ପ୍ରତିଆକ୍ରମଣରୁ ଓହରିଲେ ଆମେରିକା ଓ ଇରାନ

# ଆଜି କତାରରେ ଭେଟିବେ ଉଭୟ ରାଷ୍ଟ୍ର ପ୍ରତିନିଧି

**ୱାଶିଂଟନ,୨୯।୬:** ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ରବିବାର ଇରାନ୍ ଓ ଆମେରିକା ପରସ୍ପରର ସାମରିକ ଘାଟିକୁ ଆକ୍ରମଣ କରିବା ସହ ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇ ଆସିଥିଲେ। ରବିବାରର ସ୍ଥିତିକୁ



ଦେଖିବା ପରେ ମଧ୍ୟପ୍ରାଚ୍ୟ ପୁଣିଥରେ ଏକ ଯୁଦ୍ଧଭୂମିରେ ରୂପାନ୍ତରିତ ହୋଇପାରେ ବୋଲି ବିଶ୍ୱର କୂଟନୈତିକ ମହଲରେ କଳ୍ପନାଜଳ୍ପନା ସୃଷ୍ଟି ହୋଇଥିଲା। ତେବେ ଦିନକ ପରେ ମଧ୍ୟପ୍ରାଚ୍ୟକୁ ନେଇ ଏକ ଆଶ୍ୱସ୍ତିକର ଖବର ଆସିଛି। ଆମେରିକା ଓ ଇରାନ ସୋମବାର ପରସ୍ପର ଉପରେ ଆକ୍ରମଣକୁ ସ୍ଥଗିତ ରଖିଛନ୍ତି। ଏଥିସହ ମଙ୍ଗଳବାର ଦୁଇ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଶାନ୍ତି ଆଲୋଚନା ଲାଗି ମଧ୍ୟପ୍ରାଚ୍ୟର ଉପଦ୍ୱୀପ ରାଷ୍ଟ୍ର କତାରରେ ପରସ୍ପରକୁ ଭେଟିବେ ବୋଲି ବିଶ୍ୱର ପ୍ରମୁଖ ଗଣମାଧମରେ ଖବର ପ୍ରକାଶ ପାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଏହି ଆଲୋଚନା ହେବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଷ୍ଟି କରିଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ତେହରାନ ପକ୍ଷରୁ ବୈଠକ ପାଇଁ ଅନୁରୋଧ ଆସିଥିଲା। ମଙ୍ଗଳବାର ଆମେରିକା ଓ ଇରାନର ଅଧିକାରୀ ପରସ୍ପରକୁ କତାର ରାଜଧାନୀ ଦୋହାରେ ଭେଟିବେ ବୋଲି ସେ ସୋମବାର ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଛନ୍ତି। ଦୁଇ ଦେଶ ମଧ୍ୟରେ ➪ ପୃଷ୍ଠା-୬

### ସମବାୟ ସମିତି ଦ୍ୱାରା ସାର ବଣ୍ଟନ ନେଇ ବଡ଼ ପଦକ୍ଷେପ

# ୪୨ କୋଟିର ସୁଧ ରିହାତି ଯୋଜନାକୁ ମଞ୍ଜୁରୀ

- କ୍ୟାସ କ୍ରେଡିଟ ଋଣ ଉପରେ ମିଳିବ ସୁଧ ରିହାତି
- ସମବାୟ ସମିତି ମାଧ୍ୟମରେ ବଣ୍ଟାଯିବ ୬୦% ସାର



**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ସମବାୟ ସମିତିଗୁଡ଼ିକ ଦ୍ୱାରା ସାର ବଣ୍ଟନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ୪୨ କୋଟି ଟଙ୍କାର ସୁଧ ରିହାତି ଯୋଜନାକୁ ମଞ୍ଜୁର କରିଛନ୍ତି ରାଜ୍ୟ ସରକାର। ରାଜ୍ୟର ଚାଷୀମାନଙ୍କୁ ସଠିକ୍ ସମୟରେ ସାର ଉପଲବ୍ଧ କରାଇବା ଓ ସେମାନଙ୍କୁ କଳାବଜାରୀଙ୍କଠାରୁ ରକ୍ଷା କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ। ସମବାୟ ବିଭାଗ ଦ୍ୱାରା ଏହି ନୂଆ ଯୋଜନାର କାର୍ଯ୍ୟକାରିତାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଚାଷୀଙ୍କୁ ସାର ବଣ୍ଟନ ପ୍ରକ୍ରିୟାକୁ ସହଜ ଓ ସୁଗମ ହେବା ସମବାୟ ବିଭାଗର କମିଶନର ତଥା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ଥାୟୀ ଆର୍ଥିକ କମିଟି (ଏସଏଫସି)ର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ନୂତନ ଯୋଜନାର ନାମ ହେଉଛି 'ସାରର ପୂର୍ବ-ମହଜୁଦ (ପ୍ରି-ପୋଜିସନିଂ) ପାଇଁ କ୍ୟାସ କ୍ରେଡିଟ ଋଣ ଉପରେ ସୁଧ ରିହାତି'। ଅର୍ଥ ବିଭାଗ ଚଳିତ ଆର୍ଥିକ ବର୍ଷରୁ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଅନୁମୋଦନ ପ୍ରଦାନ କରିସାରିଛି। ଏହି ଯୋଜନା ସମବାୟ ସମିତିଗୁଡ଼ିକର ଏକ ପ୍ରମୁଖ ଆର୍ଥିକ ସମସ୍ୟାର ସମାଧାନ କରିବ। ସାଧାରଣତଃ ଚାଷ ସମୟ ପୂର୍ବରୁ ଅଗ୍ରୀମ ଭାବେ ସାର ଆଣି ମହଜୁଦ ରଖିବା ଯୋଗୁଁ ସମିତିଗୁଡ଼ିକ ଉପରେ ମାତ୍ରାଧିକ ସୁଦ୍ଧ ବୋଝ ପଡ଼ିଥାଏ। କ୍ୟାସ କ୍ରେଡିଟ ଋଣ ଉପରେ ୧୦୦ ପ୍ରତିଶତ ସୁଧ ରିହାତି ପ୍ରଦାନ କରି ରାଜ୍ୟ ସରକାର ଏହି ଆର୍ଥିକ ➪ ପୃଷ୍ଠା-୬

# ମୃତ୍ୟୁ ପଛର କାହାଣୀ କହିଲେ ଫେରିଥିବା ଯୁବତୀ

- ପାଠ ନାହିଁ, ଚାଷ ନାହିଁ, କାମ ବି ନାହିଁ
- ପେଟ ପାଇଁ ଦଲାଲଙ୍କ ଦ୍ୱାରା ନିର୍ଯାତିତ ହେବାକୁ ବାଧ୍ୟ



**କେନ୍ଦୁଝର,୨୯।୬(ସଂଚାର ବ୍ୟୁରୋ):** ତାମିଲନାଡୁସ୍ଥିତ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ କାମ କରୁଥିଲେ କେନ୍ଦୁଝର ଜିଲ୍ଲାର ୧୦୦ରୁ ଅଧିକ ଜୁଆଙ୍ଗ ଯୁବତୀ। ଶ୍ରମିକମାନଙ୍କ ମଧ୍ୟରୁ କିଏ ପଞ୍ଚମ ତ ଆଉ କିଏ ମାଟ୍ରିକ ପରେ ପାଠପଢ଼ା ଛାଡ଼ିଛନ୍ତି। ଅର୍ଥାଭାବରୁ ପାଠପଢ଼ାରେ ମଧ୍ୟ ଡୋରି ବନ୍ଧାଯାଇଛି। ସ୍କୁଲ କଲେଜ ଯିବା ବୟସରେ ସେମାନେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ଦୁଇଟି ସିଫ୍ଟରେ କାମ କରୁଥିଲେ। ସକାଳ ୯ଟାରୁ ରାତି ୯ଟା ଗୋଟେ ସିଫ୍ଟ୍। ରାତି ୯ଟାରୁ ସକାଳ ୯ଟା ଆଉ ଗୋଟେ। ଫ୍ୟାକ୍ଟ୍ରି ପରିସରରେ ଶ୍ରମିକମାନେ ରହିବା ପାଇଁ ୪ଟି ବଡ଼ କୋଠରୀ ରହିଛି। ଗୋଟିଏ ସିଫ୍ଟରେ ଶହେ ପର୍ଯ୍ୟନ୍ତ ଶ୍ରମିକ କାମ କରନ୍ତି। ଶନିବାର ଅର୍ଥାତ ଗତ ୨୦ ତାରିଖ ରାତିରେ ଯେଉଁମାନେ କାମ କରିଥିଲେ, ସେମାନେ ସକାଳ ୯ଟାରେ ଫେରି ନିଜ ରୁମ୍‌ରେ ବିଶ୍ରାମ ନେଉଥିଲେ।

ରବିବାର ଯୋଗୁ ବିରିୟାନୀ ହୋଇଥିଲା। କେନ୍ଦୁଝର ଜିଲ୍ଲା କୋଡ଼ିପଶା ଗାଁ ସୁଜନୀ ଜୁଆଙ୍ଗଙ୍କୁ ଅନ୍ୟ ମହିଳା ଶ୍ରମିକମାନେ ଖାଇବାକୁ ଡାକିଥିଲେ। ସେ ବିରିୟାନୀ ଖାଇବାକୁ ମନା କରିଥିଲେ। ନିଦରେ ଶୋଇଯାଇଥିଲେ। ମାତ୍ର କିଏ ଜାଣିଥିଲା ସେହି ନିଦ୍ରା ହେବ ଶେଷନିଦ୍ରା। ଦିନ ପ୍ରାୟ ୧୧ଟା ସମୟରେ ଆମୋନିଆ ଗ୍ୟାସ ଲିକ୍ ହୋଇଥିଲା। ➪ ପୃଷ୍ଠା-୬

### ମହାପ୍ରଭୁଙ୍କ ସ୍ନାନଯାତ୍ରାର ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

# ଦର୍ଶନ ଅନୁଭୂତି ଅତ୍ୟନ୍ତ ଭାବପୂର୍ଣ୍ଣ



**ମହାପ୍ରଭୁଙ୍କ ପାଖରେ ସମସ୍ତଙ୍କ ସୁଖ, ସମୃଦ୍ଧି କାମନା**

**ପୁରୀ,୨୯।୬(ସଂଚାର ବ୍ୟୁରୋ):** ଆଜି ପବିତ୍ର 'ଦେବସ୍ନାନ ପୂର୍ଣ୍ଣିମା' ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଦର୍ଶନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀକ୍ଷେତ୍ରର ସ୍ନାନ ମଣ୍ଡପରେ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାପ୍ରଭୁଙ୍କ ଏହି ସ୍ନାନଯାତ୍ରା ଦର୍ଶନ କରି ସେ ନିଜକୁ ଧନ୍ୟ ମନେ କରିଛନ୍ତି।

ଶ୍ରୀ ପ୍ରଧାନ ସ୍ନାନ ବେଦୀରେ ବିରାଜମାନ ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି କହିଛନ୍ତି ଯେ ସ୍ନାନ ମଣ୍ଡପରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ତାଙ୍କର ଆଶୀର୍ବାଦ ଲାଭ କରୁଛନ୍ତି। ଆଜିର ଏହି ଦର୍ଶନ ଅନୁଭୂତି ସମ୍ପୂର୍ଣ୍ଣ ନିଆରା ଓ ଭାବଗମ୍ଭୀର ଥିଲା। ମହାପ୍ରଭୁଙ୍କ ଲୀଳା ଦେଖିବାର ଯେଉଁ ସୌଭାଗ୍ୟ ମତେ ପ୍ରାପ୍ତ ହୋଇଛି, ସେଥିପାଇଁ ମୁଁ ନିଜକୁ କୃତ୍ୟ କୃତ୍ୟ ମନେ କରୁଛି। ମହାପ୍ରଭୁଙ୍କ ମହିମା ଅପାର ଓ ଅନନ୍ତ। କାଳିଆ ସାଆନ୍ତଙ୍କ ଆଶୀର୍ବାଦ ଓ କରୁଣା ସମସ୍ତଙ୍କ ସହ ସଦାସର୍ବଦା ରହିଥାଉ। ଏହି ପବିତ୍ର ଅବସରରେ ସେ ମହାପ୍ରଭୁଙ୍କ ଶ୍ରୀଚରଣରେ ଓଡ଼ିଶାବାସୀଙ୍କ ସମେତ ସମଗ୍ର ବିଶ୍ୱବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି।

## ମହାପ୍ରଭୁଙ୍କ ଇଚ୍ଛାରେ ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ସାକାର ହେବ



**ପୁରୀ,୨୯।୬(ସଂଚାର ବ୍ୟୁରୋ):** ଆଜି ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରେ ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ରାଜ୍ୟବାସୀଙ୍କ ସମୃଦ୍ଧି କାମନା କରିଛନ୍ତି। ଏଥିସହ ଚଳିତ ବର୍ଷର ରଥଯାତ୍ରା କିପରି ସୁରୁଖୁରରେ ହେବ, ସେ କାମନା ମଧ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ସେ କହିଛନ୍ତି ଯେ ସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଦର୍ଶନ ଲଭିବାର ସୌଭାଗ୍ୟ ଜୁଟିଛି। ଏଥିସହ ରାଜ୍ୟର ମଙ୍ଗଳ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମଧ ମହାପ୍ରଭୁଙ୍କ ସମ୍ମୁଖରେ ପ୍ରାର୍ଥନା କରିଛନ୍ତି। ଏଥିସହ ରାଜ୍ୟ ସରକାର ସମଗ୍ର ରାଜ୍ୟବାସୀଙ୍କ ସହଯୋଗରେ ଆଗକୁ ବଢ଼ିବେ ଓ ପ୍ରଭୁ ଜଗନ୍ନାଥଙ୍କ ଇଚ୍ଛାରେ ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ସାକାର ➪ ପୃଷ୍ଠା-୬

# ରାହୁଲଙ୍କ ତାଗିଦ ପରେ ଭକ୍ତଙ୍କ ମିଶନ ପରିବର୍ତ୍ତନ

- ପ୍ରଭାରୀ ପରିବର୍ତ୍ତନ ପରେ ଏବେ ବଦଳିବେ ପିଏସି ସଦସ୍ୟ
- ଜିଲ୍ଲା ଓ ଛାମୁଆ ସଙ୍ଗଠନର ହେବ ପୁନର୍ଗଠନ

**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ରାହୁଲ ଗାନ୍ଧିଙ୍କ ଅସନ୍ତୋଷ ପରେ କଂଗ୍ରେସ ସଂଗଠନକୁ ମଜବୁତ କରିବାକୁ ପିସିସି ଆପଣାଇଛି ପରିବର୍ତ୍ତନ ଫର୍ମୁଲା। ତୃଣମୂଳ ସ୍ତରରୁ ରାଜନୈତିକ ବ୍ୟାପର କମିଟିର ପୂର୍ଣ୍ଣଗଠନ କରିବାକୁ ଅଣ୍ଟା ଭିଡ଼ିଛି ପିସିସି। ଆସନ୍ତା ୨ ତାରିଖରୁ ଜିଲ୍ଲା ସ୍ତରର ସଂଗଠନର ସମୀକ୍ଷା କରିବା ସହ ପଞ୍ଚାୟତ କମିଟି ଗଠନ କରିବ ଦଳ। ଏଥିସହ ବିଭିନ୍ନ ପ୍ରସଙ୍ଗକୁ ନେଇ କିପରି ସରକାରଙ୍କୁ ବିରୋଧରେ ଦଳ ଶାଣିତ ସ୍ୱର ଉଠାଇବ



ସେନେଇ ନୂଆ ପ୍ରଭାରୀଙ୍କ ସହ ଆଲୋଚନା କରି ଲମ୍ବା ରଣନୀତି ପ୍ରସ୍ତୁତ କରାଯିବ। ଭକ୍ତଙ୍କ ଏହି ନୂଆ ରଣନୀତିକୁ ନେଇ କଂଗ୍ରେସ ରାଜନୀତିରେ ହଲଚଲ ହୋଇଛି। ପ୍ରଭାରୀ ପରିବର୍ତ୍ତନ ପରେ ଜିଲ୍ଲା ସଂଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଆସନ୍ତା ୨ ତାରିଖରୁ ୩୫ଟି ସାଙ୍ଗଠନିକ ➪ ପୃଷ୍ଠା-୬

## ଫିଫା ଇନଷ୍ଟାଗ୍ରାମରେ ଓଡ଼ିଆ ଶବ୍ଦ 'ଯାଦୁକର'

**ନୂଆଦିଲ୍ଲୀ,୨୯।୬:** ଅନ୍ତର୍ଜାତୀୟ ଫୁଟବଲ୍ ମହାସଂଘ (ଫିଫା) ତା'ର ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଓଡ଼ିଆ ଶବ୍ଦ 'ଯାଦୁକର' ବ୍ୟବହାର କରିଛି। ଫିଫା ତା'ର ଇନଷ୍ଟାଗ୍ରାମ ପୋଷ୍ଟରେ ଜଣେ ଖେଳାଳିଙ୍କ କୌଶଳକୁ ବର୍ଣ୍ଣନା କରିବାକୁ ଯାଇ ଓଡ଼ିଆ ଶବ୍ଦ 'ଯାଦୁକର' ବ୍ୟବହାର କରିଛି। ଫିଫାର ଏହି ପ୍ରୟାସ ଦ୍ୱାରା ଓଡ଼ିଆ ଭାଷା ବିଶ୍ୱ ସ୍ତରରେ ପରିଚିତି ହାସଲ କରିଛି। ଫୁଟବଲ୍ ଭଳି ଏକ ବିଶ୍ୱବ୍ୟାପୀ କ୍ରୀଡ଼ା ମଞ୍ଚରେ ଓଡ଼ିଆ ଭାଷାର ଉପସ୍ଥିତି ଦର୍ଶାଉଛି ଯେ ଓଡ଼ିଆ ଭାଷାର ମହତ୍ତ୍ୱ ଓ ଏହାର ଶବ୍ଦ ସମ୍ଭାର ଏବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଉଛି। ଫିଫାର ଏଭଳି ପଦକ୍ଷେପ ଓଡ଼ିଶାର ଲକ୍ଷ ଲକ୍ଷ ଫୁଟବଲ୍‌ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଏହି ଘଟଣାଟି କେବଳ ଏକ ପୋଷ୍ଟ ନୁହେଁ, ବରଂ ଓଡ଼ିଆ ସଂସ୍କୃତି ଓ ଭାଷା ପାଇଁ ଏକ ବିଶ୍ୱବ୍ୟାପୀ ସ୍ୱୀକୃତି ବୋଲି କୁହାଯାଉଛି।

## ଜୁଲାଇ ପହିଲାରୁ ହଟିବ କଟକଣା

**ନୂଆଦିଲ୍ଲୀ,୨୯।୫:** ଜୁଲାଇ ୧ ତାରିଖରୁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ ଜାରି କରିଥିବା ଅସ୍ଥାୟୀ କଟକଣାକୁ ଉଠାଇନେବେ। ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ କରିବା ଯୋଗୁ ହର୍ମୁଜ୍ ପ୍ରଣାଳୀ ବନ୍ଦ ରହିବା ଫଳରେ ଘରୋଇ ଇନ୍ଧନ ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ଚଳିତ ମାସ ପ୍ରାରମ୍ଭରେ ସରକାର ଏଭଳି ଏକ ଜରୁରିକାଳୀନ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବାଣିଜ୍ୟିକ ଗ୍ରାହକମାନଙ୍କୁ ଖୁଚୁରା ଇନ୍ଧନ ଷ୍ଟେସନରୁ ପେଟ୍ରୋଲ ଓ ଡିଜେଲ କିଣିବାକୁ ବାରଣ କରାଯାଇଥିଲା।

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବିଜୟଙ୍କ ଅଭୟ

**ଚେନ୍ନାଇ,୨୯।୬:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ରାଜ୍ୟକୁ ଅପରାଧମୁକ୍ତ କରିବା ସକାଶେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ଅଭୟ ପ୍ରଦାନ କରିଛନ୍ତି। ଅର୍ଥାତ୍ ଅପରାଧ ଘଟାଉଥିବା କୌଣସି ତତ୍ତ୍ୱ ଯେତେ ବି ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି, ସେମାନଙ୍କୁ ଦମନ କରିବା ସକାଶେ ଏସ୍‌ପି ଓ ଜିଲ୍ଲାପାଳମାନେ କଦାପି ଅବହେଳା କରନ୍ତୁ ନାହିଁ। ଏପରି ତତ୍ତ୍ୱମାନଙ୍କୁ ଦମନ କରିବା କ୍ଷେତ୍ରରେ କୌଣସି ପ୍ରକାର ରାଜନୈତିକ ହସ୍ତକ୍ଷେପକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି। ପ୍ରଥମ ଥର ପାଇଁ ବିଜୟ ରାଜ୍ୟପାଳ, ଏସ୍‌ପି ଓ ବରିଷ୍ଠ ପଦାଧିକାରୀମାନଙ୍କ ବୈଠକକୁ ସମ୍ବୋଧନ କରିବା ଅବସରରେ ନିଶା କାରବାର, ବେଆଇନ ବାଲି ଚୋରି ଓ ସଙ୍ଗଠିତ ଅପରାଧକୁ ରୋକିବା ସହ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ବିଜୟ ନିର୍ଦ୍ଦେଶ ଦେଇଛନ୍ତି।



### କାନ ଡେରିଥା

ନବ ଦାସଙ୍କର ହତ୍ୟା ମାମଲା ଟି
ଫାଇଲ ରେ ଲୁଚିଗଲା
ମନ୍ତ୍ରୀ ହୋଇ ପୁଣି ଟଳି ପଡ଼ିଥିଲେ
ନ୍ୟାୟ ପାଇଁ ଚାଲେ ଝାମେଲା
ସବୁ ରାଜନୀତି ପାଲା....
ମନ୍ତ୍ରୀ ହୋଇ ତାଙ୍କୁ ନ୍ୟାୟ
ମିଳୁନାହିଁ
ସାଧାରଣ ଲୋକ ମଲା ।

▮ ଦେବାଶିଷ

# କର୍ମୀଙ୍କ ସହ ସୁଜାତା ; ଦର୍ଶକଙ୍କ ସହ ଶ୍ରୀମୟୀ

- ପଞ୍ଚାୟତ ନିର୍ବାଚନରେ ଜଣାପଡ଼ିବ କାଟ୍‌ତି
- ନଜର ରଖିଛନ୍ତି ବିଜେପି ଓ କଂଗ୍ରେସ

**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ରାଜ୍ୟ ରାଜନୀତିରେ ମହିଳା ନେତ୍ରୀଙ୍କ ଦବ୍‌ଦବା ବେଶ୍ ବଢୁଥିବା ବେଳେ ଏବେ ଦୁଇ ନେତ୍ରୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ଦୁଇ ଜଣ ହେଲେ ସଦ୍ୟ ବିଜେଡିରେ ଯୋଗ ଦେଇଥିବା ସୁଜାତା ରାଉତ ଓ ବିଜେଡିରୁ ତଡ଼ା ଖାଇଥିବା ଶ୍ରୀମୟୀ ମିଶ୍ର। ସୁଜାତା ଦଳୀୟ କର୍ମୀଙ୍କ ସହ ରହିଥିବା ବେଳେ ଶ୍ରୀମୟୀ ଦର୍ଶକଙ୍କ ପାଖକୁ ଫେରିଛନ୍ତି। ଉଭୟ ରାଜନୀତିରେ ନିଜର ଭାଗ୍ୟ ପରୀକ୍ଷା କରୁଥିବା ବେଳେ ପଞ୍ଚାୟତ ନିର୍ବାଚନ ଫଳାଫଳରୁ କାହାର କାଟ୍‌ତି କେତେ ତା' ଜଣାପଡ଼ିବ।



ବିଜେଡିରେ ଏବେ ସଦ୍ୟ ଯୋଗ ଦେଇଛନ୍ତି ସୁଜାତା। ଦଳରେ ଯୋଗଦେବା ପରେ ପରେ ସିଏ ସୁପ୍ରିମୋ ନବୀନଙ୍କ ସହ ଦଳୀୟ ପ୍ରସଙ୍ଗରେ ଆଲୋଚନା କରିବା ସଙ୍ଗେ ସଙ୍ଗେ କର୍ମୀମାନଙ୍କୁ ଭେଟିବାରେ ଲାଗିଛନ୍ତି। କର୍ମୀ ବି ବେଶ୍ ଉତ୍ସାହିତ ଅଛନ୍ତି। ପ୍ରଥମରୁ ନିଜକୁ ଦଳର ଜଣେ ସାଧାରଣ କର୍ମୀ ବୋଲି କହିଥିବା ସୁଜାତା ଲୋକଙ୍କ ସେବା ପାଇଁ ରାଜନୀତିକୁ ଆସିଥିବା ସ୍ପଷ୍ଟ କରିଛନ୍ତି। ଉଲ୍ଲେଖନୀୟ ଯେ ସୁଜାତା ହେଉଛନ୍ତି ଜଣେ ପୂର୍ବତନ ଆଇଏଏସ୍ ଅଫିସର। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ସିଏ ଏବେ ରାଜନୀତିରେ ପାଦ ଥାପିଛନ୍ତି। ଚାକିରିରେ ଥିବା ବେଳେ ମିଶନ ଶକ୍ତିର ନିର୍ଦ୍ଦେଶିକା ଭାବେ ସେ ଓଡ଼ିଶାର ଘରେ ଘରେ ବେଶ୍ ପରିଚିତ ହୋଇପାରିଥିଲେ।

ସେହିଭଳି ଦଳ ବିରୋଧରେ ବିଷୋଦଗାର କରିଥିବା ଶ୍ରୀମୟୀ ମିଶ୍ର ବିଜେଡିରୁ ତଡ଼ା ଖାଇଛନ୍ତି। ଏକଦା ବିଜେଡିରେ ଆଗଧାଡ଼ିର ନେତ୍ରୀ ଥିବା ଶ୍ରୀମୟୀଙ୍କୁ ଦଳ ରାଜ୍ୟ ପର୍ଯ୍ୟଟନ ନିଗମର ଅଧ୍ୟକ୍ଷା କରିଥିବା ବେଳେ ନିର୍ବାଚନ ପ୍ରଚାରରେ ବି ଆଗରେ ରଖିଥିଲା। ଦଳରେ ଶ୍ରୀମୟୀଙ୍କର ବେଶ୍ ଦବଦବା ଥିଲା। କିନ୍ତୁ ୨୦୨୪ ନିର୍ବାଚନରେ ଦଳ ହାରିବା ପରେ ହଠାତ୍ ଶ୍ରୀମୟୀ ବିଜେଡି ବିରୁଦ୍ଧରେ ବିଷ ଓଗାଳିବାରେ ଲାଗିଲେ। ସୋସିଆଲ ମିଡିଆରେ ସମାଲୋଚନା ଜାରି ରଖିଲେ। କିଛି ଗଣମାଧ୍ୟମ ତାଙ୍କ କଥାକୁ ତିଳରୁ ତାଳ କରି ପ୍ରଚାର କଲେ। ବିଭିନ୍ନ ପ୍ରସଙ୍ଗରେ ବିଜେଡିକୁ କାଠଗଡ଼ାରେ ଛିଡ଼ା କରାଇବା ପାଇଁ ଶ୍ରୀମୟୀ ତାଙ୍କର ଉଦ୍ୟମ ଜାରି ରଖିଥିଲେ ମଧ୍ୟ କୌଣସି ରାଜନୈତିକ ଦଳରେ ନ ଥିବାରୁ ସେ ଉଠାଉଥିବା ପ୍ରସଙ୍ଗ ଦୁଇ ସପ୍ତାହରୁ ଅଧିକ ଦିନ ତିଷ୍ଠି ରହିପାରୁନାହିଁ।

ବିଜେଡିରୁ ଯିବା ପରେ ସମସ୍ତେ ଭାବିଥିଲେ ଶ୍ରୀମୟୀ ବିଜେପିକୁ ଯିବେ। କାରଣ ତାଙ୍କର ସୋସିଆଲ ମିଡିଆ ବାର୍ତ୍ତାଗୁଡ଼ିକ ବିଜେପିର ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା। ତେବେ ତାଙ୍କୁ ବିଜେପି ଶିବିରରୁ କୌଣସି ସବୁଜ ସଙ୍କେତ ମିଳୁନାହିଁ। ଶ୍ରୀମୟୀ ଧିରେ ଧିରେ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯାଉଥିବା ବେଳେ ଏବେ ଚଳଚ୍ଚିତ୍ର ଜଗତକୁ ଫେରିଛନ୍ତି। ➪ ପୃଷ୍ଠା-୬

## ତୁଳସୀକ୍ଷେତ୍ରରେ ଶ୍ରୀବଳଦେବଜୀଉଙ୍କ ସ୍ନାନ ପୂର୍ଣ୍ଣିମା



କେନ୍ଦ୍ରାପଡ଼ା,୨୯।୬ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ନିମନ୍ତେ ବଳଦେବଜୀଉ ମନ୍ଦିର ଦେବୋତ୍ତର ଟ୍ରଷ୍ଟ ପକ୍ଷରୁ ସ୍ଥିର କରାଯାଇଥିବା ନୀତି ନିର୍ଘଣ୍ଟ ଅନୁଯାଇ ନୀତିକାନ୍ତି କରାଯାଇଛି । ସୋମବାର ସକାଳ ୭ଟା ଭିତରେ ବଳଭଦ୍ର, ସାନ ଭାଇ ଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା । ସକାଳ ୭ଟା ୩୦ରେ ସ୍ନାନ ମଣ୍ଡପରେ ଜୟ ମଙ୍ଗଳା ଆଳତୀ କରାଯିବା ପରେ ପୂର୍ବାହ୍ନ ୧୦ଟାରେ ସ୍ନାନ ବେଦୀରେ ସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୧୦୮ କଳସୀ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ବଲ୍ଲଭ ମଣୋହି ନୀତି ସମ୍ପନ୍ନ ହୋଇଥିଲା । ଅପରାହ୍ନ ଗୋଟାଏରେ ମଙ୍ଗଳାର୍ପଣ କରାଯିବା ପରେ ଦିନ ସାଢେ ଗୋଟାଏରେ ଗଜାନନ ବା ହାତୀ ବେଶରେ ତିନି ଠାକୁରଙ୍କୁ ସଜ୍ଜାଇ ଦିଆଯାଇଥିଲା । ଗଜାନନ ବେଶରେ ଶ୍ରୀଜୀଉଙ୍କୁ ଦେଖି ଭକ୍ତମାନେ ଭାବବିହ୍ବଳ ହୋଇପଡିଥିଲେ । ଦିନ ୨ଟାରେ ଖେଚୁଡ଼ି ଧୂପ ଅନୁଷ୍ଠିତ ହେବା ପରେ ରାତ୍ର ୯ଟାରେ ତିନି ଠାକୁର ଅଣସର ଘରେ ପ୍ରବେଶ କରିଥିଲେ ବୋଲି ଶ୍ରୀବଳଦେବଜୀଉ ଦେବୋତ୍ତର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିର୍ବାହୀ ଅଧିକାରୀ ବଳଭଦ୍ର ପଣ୍ଡା ସୂଚନା ଦେଇଛନ୍ତି । ପ୍ରବଳ ଜନ ଗହଳିକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏହି ସ୍ନାନ ପୂର୍ଣ୍ଣିମା ଅବସରରେ ହଜାର ହଜାର ଭକ୍ତ ସ୍ନାନ ବେଦୀରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ ।

## ଭରତପୁର ଶ୍ରୀଦଧିବାବନଜୀଉଙ୍କ ସ୍ନାନପୂର୍ଣ୍ଣିମା



କେନ୍ଦ୍ରାପଡ଼ା, ୨୯।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତ ଲାହାଖଣ୍ଡ ଭରତପୁର ଗ୍ରାମରେ ଥିବା ଶ୍ରୀଦଧିବାବନଜୀଉଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ରୀତିନୀତି ଅନୁଯାଇ ଅନୁଷ୍ଠିତ ହୋଇଯାଇଛି । ସୋମବାର ପୂର୍ବାହ୍ନରେ ଶ୍ରୀଦଧିବାବନଜୀଉଙ୍କ ବଳଦେବ, ଜଗନ୍ନାଥ ଓ ସୁଭଦ୍ରା ତ୍ରିମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ସ୍ନାନବେଦୀକୁ ଅଣାଯାଇଥିଲା । ସେଠାରେ ଖିର ଓ ଚନ୍ଦନ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା । ଏଥିସହ ଦେବସ୍ନାନ ପୂର୍ଣ୍ଣିମାର ସମସ୍ତ ନୀତିକାନ୍ତି କରାଯିବା ପରେ ଶ୍ରୀଜୀଉମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା । ଶ୍ରୀଜୀଉଙ୍କ ଏହି ବେଶକୁ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳର ଗ୍ରାମ ଗୁଡିକରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଭରତପୁର ଗ୍ରାମରେ ଥିବା ଶ୍ରୀଜୀଉଙ୍କ ମନ୍ଦିରକୁ ଆସି ସ୍ନାନ ପୂର୍ଣ୍ଣିମା ଦେଖି ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ୧୫ ଦିନ ଧରି ପ୍ରଭୁ ଶ୍ରୀ ଦଧିବାବନଜୀଉ ଅଣବସର ଘରେ ରହିବେ । ଏହାପରେ ନେତ୍ରୋତ୍ସବ, ଶ୍ରୀଗୁଣ୍ଡିଚା ଯାତ୍ରା ପରେ ବାହୁଡାରେ ଶ୍ରୀଜୀଉମାନେ ମନ୍ଦିରକୁ ବିଜେ କରିବେ ବୋଲି ପୂଜକ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଦାଶ କହିଛନ୍ତି ।

## ପଚାମୁଣ୍ଡାଇରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ



ପଚାମୁଣ୍ଡାଇ, ୨୯।୬ (ସଂଚାର ବ୍ୟୁରୋ): ପଚାମୁଣ୍ଡାଇ ଅଂଚଳର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ରାଧାରମଣ ମଠ, ପତିତ ପାବନ ମନ୍ଦିର, ପଚାମୁଣ୍ଡାଇ ଶ୍ରୀରାମ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିର, ପୋଖରୀଆପଡା ହରପାର୍ବତୀ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିର, କଷଣ ଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିର, ବେଲତଳ ଭୋଳିବାବା ମଠସ୍ଥ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ଦେବାଦେବୀ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ସମାରୋହ ପାଳିତ ହୋଇଯାଇଛି । ପଚାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ପ୍ରଭୁ ସୁଦର୍ଶନ ଓ ମା ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ସ୍ନାନ କରାଯାଇଥିଲା । ଏହା ପରେ ସମସ୍ତ ଦେବାଦେବୀଙ୍କୁ ଯଥାୱିଧି ପୂଜାର୍ଚ୍ଚନା କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ଭଜନ ଜଣାଣ ଓ ନାମସଂକ୍ରିତନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ସାମିଲ ହୋଇଥିଲେ। ସେହିପରି ପୋଖରୀଆପଡା ପତିତପାବନ ମନ୍ଦିର, ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଥିବା ଜଗନ୍ନାଥ ମନ୍ଦିର, ପଚାମୁଣ୍ଡାଇ ଶ୍ରୀରାମ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ସମାରୋହରେ ପାଳିତ ହୋଇଯାଇଛି । ଏଥିସହିତ ପଚାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ସମାରୋହରେ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି ।

## ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି



ବାଲିଆପାଳ, ୨୯।୬ (ସଂଚାର ବ୍ୟୁରୋ): ବାଲିଆପାଳର ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରରେ ସ୍ନାନପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। ଏହିଅବସରରେ ଶ୍ରୀ ବିଗ୍ରହମାନଙ୍କର ସ୍ନାନଉତ୍ସବ ଯଥାରିତି ଅନୁଷ୍ଠିତ ହୋଇଅଛି। ପାରମ୍ପରିକ ରିତିନିତି ଅନୁଯାଇ ସୋମବାର ସକାଳେ ଶ୍ରୀ ବିଗ୍ରହ ମାନଙ୍କର ମଙ୍ଗଳାଆଳତୀ, ଅବକାଶ ନୀତି ଆଦି ସମସ୍ତ ପୂଜାରିତୀ କରାଯାଇଥିଲା। ପରେ ଶଙ୍ଖ ମୃଦଙ୍ଗ ହରିବୋଲ ହୁଳୁହୁଳିରେ ସେବାୟତମାନେ ବିଗ୍ରହମାନଙ୍କୁ ଗୋଟିପହଣ୍ଡିରେ ସ୍ନାନମଣ୍ଡପକୁ ପାଛୋଟି ଆଣିଥିଲେ । ସ୍ନାନ ବେଦୀରେ ପୂଜା ନିତୀପରେ ୧୦୮ ସୁବାସିତ କଳସ ଜଳ ତଥା ପଞ୍ଚାମୃତରେ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା । ସ୍ନାନମଣ୍ଡପରେ ଷୋଡଷ ଉପଚାର ପୂଜା ଏବଂ ହୋମ ପରେ ଚତୁର୍ଦ୍ଧା ମୁର୍ତ୍ତୀଙ୍କୁ ଗଜାନନ ବେଶ କରାଯାଇଥିଲା। ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏହି ଗଜାନନ ବେଶ ଦର୍ଶନ ପାଇଁ ହଜାର ହଜାର ଭକ୍ତ ଭିଡ ଜମାଇଥିଲେ।ରାତି ଆଠଟା ପରେ ପୂଜାନିତୀ ପରେ ଚତୁର୍ଦ୍ଧାମୁରତି ଅଣସରଘରେ ବିଜେ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ



କେନ୍ଦ୍ରାପଡ଼ା,୨୯।୬(ସଂଚାର ବ୍ୟୁରୋ): ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ, କେନ୍ଦ୍ରାପଡ଼ା ପକ୍ଷରୁ ଆଜି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୨୦ତମ ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ-୨୦୨୬ ପାଳନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକର ଉପନିର୍ଦ୍ଦେଶିକା ଆରତୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଚଳିତ ଜାତୀୟ ପରିସଂଖ୍ୟାନ ଦିବସ ପାଳନର ଉଦ୍ଦେଶ୍ୟ, ଆବଶ୍ୟକତା ଏବଂ ବିକାଶମୂଳକ ଯୋଜନା ପ୍ରସ୍ତୁତିରେ ପରିସଂଖ୍ୟାନର ଭୂମିକା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ମୁଖ୍ୟ ଆଲୋଚକ ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ପ୍ରାଧ୍ୟାପକ ଅଜୟ କୁମାର ଦାସ, ନାବାର୍ଡର ଡିଡିଏମ ସ୍ମିତା ବନ୍ଧଜେନା ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ସୁସ୍ମିତା ମହାନ୍ତି ଯୋଗଦେଇ ଜାତୀୟ ପରିସଂଖ୍ୟାନ ଦିବସର ତାତ୍ପର୍ଯ୍ୟ ଓ ଦେଶର ଯୋଜନାବଦ୍ଧ ବିକାଶରେ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଇଏଆରଏଇସ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଏନ୍ ଏସ ଏସ, ବିଭିନ୍ନ ପଦାର୍ଥର ଦରଦାମ ସର୍ଭେ, କୃଷି ଗଣନା, କ୍ଷୁଦ୍ର ଜଳସେଚନ ଏବଂ ଅର୍ଥନୈତିକ ଗଣନା ଭଳି ବିଭିନ୍ନ ସର୍ଭେ ଓ ଯୋଜନାର କାର୍ଯ୍ୟକାରିତା, ଆବଶ୍ୟକତା ଓ ଉପାଦେୟତା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ।

ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ, ପରିସଂଖ୍ୟାନର ଜନକ ଭାବେ ପରିଚିତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସଙ୍କ ଜନ୍ମ ଜୟନ୍ତୀ ଅବସରରେ ୨୦୦୬ ମସିହାରୁ ପ୍ରତିବର୍ଷ ୨୯ ଜୁନରେ ଜାତୀୟ ପରିସଂଖ୍ୟାନ ଦିବସ ପାଳନ କରାଯାଉଛି। କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ ଓ ଅନ୍ୟାନ୍ୟ କ୍ଷେତ୍ରରେ ସଠିକ୍ ପରିସଂଖ୍ୟାନ ତଥ୍ୟ ଉନ୍ନୟନମୂଳକ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତାର ମୂଳ ଆଧାର ବୋଲି ସେମାନେ ମତ ପ୍ରକାଶ କରିଥିଲେ।

ଏହି ଅବସରରେ କେନ୍ଦ୍ରାପଡ଼ାର ପାଞ୍ଚଟି ମହାବିଦ୍ୟାଳୟର ୪୪ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ତିନିଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜକନିକାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

### ୧୨୧ଟି ଅଭିଯୋଗରୁ ୩୪ଟିର ତୁରନ୍ତ ସମାଧାନ, ୨ ହିତାଧିକାରୀଙ୍କୁ ସହାୟତା ପ୍ରଦାନ



କେନ୍ଦ୍ରାପଡ଼ା/ରାଜକନିକା, ୨୯।୬ (ସଂଚାର ବ୍ୟୁରୋ): ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ଦ୍ୱାରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ରାଜକନିକା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ରଘୁରାମ ଆର୍. ଅୟରଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା।

ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ। ଶିବିରରେ ମୋଟ ୧୨୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୯୭ଟି ବ୍ୟକ୍ତିଗତ ଏବଂ ୨୪ଟି ସାମୂହିକ ଅଭିଯୋଗ ଥିଲା। ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ବନ୍ଧିତ ସମସ୍ୟା ପ୍ରମୁଖ ଅଭିଯୋଗ ରହିଥିଲା।

ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୩୪ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

## ବାଲିପାଟଣା ଉଚ୍ଚ ବିଦ୍ୟାଳୟ ୧୯୯୫ ବ୍ୟାଚର ବନ୍ଧୁମିଳନ




କେନ୍ଦ୍ରାପଡ଼ା,୨୯।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ବାଲିପାଟଣା ଉଚ୍ଚ ବିଦ୍ୟାଳୟରେ ଗୁରୁ ପୂଜନ ଉତ୍ସବ ଓ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ପୁରାତନ ଛାତ୍ର ତଥା ଯୁବ ସମାଜସେବୀ ଅକ୍ଷୟ ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ମାନଙ୍କ ଦ୍ୱାରା ପ୍ରଧାନ ଶିକ୍ଷୟତ୍ରୀ ବିଦୁଲତା ମଲିକ, ସ୍କୁଲ ପରିଚାଳନା ସମିତିର ସୌମେନ୍ଦ୍ର ନାୟକ, ପସଖା ଶିକ୍ଷାସେତୁ ଅଧ୍ୟକ୍ଷ ସଞ୍ଜୀବ ଜେନା, ଉପାଧ୍ୟକ୍ଷା ସବିତା ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇତ୍ୟବସରରେ ଧୋୟାଞ୍ଚଳର ଏହି ଗରିମାମୟ ଶିକ୍ଷାନୁଷ୍ଠାନର ସାମଗ୍ରୀକ୍ ବିକାଶ ପାଇଁ ଉଦ୍ୟମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଦୀର୍ଘ ତିରିଶ ବର୍ଷ ପରେ ସହପାଠୀ ମାନେ ପରସ୍ପରକୁ ନିକଟରେ ପାଇ ଭାବବିହ୍ୱଳ ହୋଇପଡ଼ିଥିଲେ । ସ୍କୁଲର ରଙ୍ଗ ବଦଳିଛି ସତ କିନ୍ତୁ ସ୍ମୃତି ଯେମିତି ସତେଜ ହୋଇ ରହିଥିବାରୁ ଉପସ୍ଥିତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । ଶେଷରେ ଛାତ୍ରମାନଙ୍କ ଦ୍ୱାରା ଛାତ୍ରୀମାନଙ୍କୁ "ରଜ" ଉପଲକ୍ଷେ ଏକ ଉପହାର ଦିଆଯାଇଥିଲା ।

## ପୂର୍ବତନ ବହୁମୂଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ୪ବର୍ଷ ଜେଲ

କେନ୍ଦ୍ରାପଡ଼ା,୨୯।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ବହୁମୂଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ରାହାସ ବିହାରୀ ମହାନ୍ତିଙ୍କୁ ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସେ ଏକ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱରା ଗିରଫ ହୋଇ ଜେଲ ଯାଇଥିଲେ । ଏ ନେଇ ଭିଜିଲାନ୍ସ ଥାନାରେ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ଥାନା ଏହି ମାମଲାରେ ଭିଜିଲାନ୍ସ କୋର୍ଟରେ ଅଭିଯୋଗପର୍ଦ୍ଦ ଦାଖଲ କରିବା ପରେ ତାଙ୍କ ବିରୋଧରେ ବିଚାର ଚାଲିଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିକରି ଭିଜିଲାନ୍ସ କୋର୍ଟ ବିଚାରପତି ପୂର୍ବତନ ବହୁମୂଖୀ ସ୍ୱାସ୍ଥ୍ୟାକର୍ମୀ ରାହାସ ବିହାରୀ ମହାନ୍ତିଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରବା ସହ ଜୋରିମାନା ଦଣ୍ଡ ଦେଇଛନ୍ତି ।

## ବଉଳା ନିମଦେବୀ ଓ ମା' ମଙ୍ଗଳା ପରିସରରେ ବଢୁଛି ନିଶାଦ୍ରବ୍ୟ କାରବାର

### ପୁଲିସ ଓ ଅବକାରୀ ବିଭାଗ ନିଷ୍କ୍ରିୟ



ମାହାଙ୍ଗା,୨୯।୬(ସଂଚାର ବ୍ୟୁରୋ): କଟକ ଜିଲ୍ଲା ମାହାଙ୍ଗା ଥାନା ଅଞ୍ଚଳରେ ଏବେ ଦିନକୁ ଦିନ ଚୋରାରେ ବ୍ରାଉନ ସୁଗାର, ଗଞ୍ଜେଇ ଓ ମଦ କାରବାର ବଢ଼ିବାରେ ଲାଗିଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ଚୁପ ହୋଇ ବସି ରହିଛନ୍ତି। ଏପରିକି ପୋଲିସ ଓ ଅବକାରୀ ବିଭାଗର କିଛି ଅସାଧୁ କର୍ମଚାରୀ ଚୋରାରେ ନିଶା ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ସହ ଭିତିରି ବୁଝାମଣା କରି ଲାଞ୍ଚ ନେଇ ଏହି କାରବାରକୁ ପ୍ରଶୟ ଦେଉଛନ୍ତି।

ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅଧିନ ବଉଳା ରେ। ବିଶେଷ କରି ବଉଳା ଗ୍ରାମରେ ଥିବା ନିମଦେବୀ ଓ ମା ମଙ୍ଗଳା ମନ୍ଦିର ପରିସରରେ ବ୍ରାଉନ ସୁଗାର, ଗଞ୍ଜେଇ ଓ ମଦ କାରବାର ଚାଲିଛି। ବ୍ରାଉନସୁଗାର ନିଶାଡି ମାନେ ଦିନ ୧୦ରୁ ୨ଟା ପର୍ଯ୍ୟନ୍ତ ନିଶା ଖାଉଥିବା ବେଳେ ସନ୍ଧ୍ୟା ୭ରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ବ୍ରାଉନସୁଗାର ସହ ଗଞ୍ଜେଇ ଓ ମଦ ଆଦି ନିଶା ଦ୍ରବ୍ୟ ଖାଉଛନ୍ତି। ସୁଚନା ଥାଉ କି ବଉଳା ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏହି ନିଶା କାବରାର କରୁଥିବା ଶୁଣିବାକୁ ମିଳୁଛି।

ଯୁବକ ମାନେ ନିଶା ଖାଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କରିବା ସହ ପରିବାର ପ୍ରତି ବିପଦ ସୃଷ୍ଟି କରିଥାନ୍ତି। ଯାହା ଫଳରେ ପରିବାରରେ ଅଶାନ୍ତି ସୃଷ୍ଟି ହେବା ଅନେକ ସମୟରେ ଏହି ନିଶାସକ୍ତ ଯୁବକ ଓ ବ୍ୟକ୍ତି ମାନେ ଅକାଳରେ ମୃତ୍ୟୁବରଣ କରିଥାନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରି ସ୍ୱତନ୍ତ୍ର ଦୃଷ୍ଟି ଦେଇ ନିଶା ବିକ୍ରୟ କରୁଥିବା ବ୍ୟକ୍ତି ଓ ଏଥିରେ ସମ୍ପୃକ୍ତ ପ୍ରଶାସନର ଅସାଧୁ କର୍ମଚାରୀଙ୍କ ଉପରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧା।।ଣରେ ଦାବି ହୋଇଛି। ତେଣୁ ପ୍ରଶାସନ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ତାହା ଦେଖିବାକୁ ବାକି ରହିଲା। ଅପର ପକ୍ଷେ ଏହି ସ୍ଥାନ ମାନଙ୍କରେ ପୋଲିସ ପେଟ୍ରୋଲିଙ୍ଗ କଡା କଡି କରି ସେମାନଙ୍କୁ ଧରିବା ପାଇଁ ଅନୁରୂପ ଦାବି ହୋଇଛି।

## ବିଜେଡିର ବରିଷ୍ଠ ସଂଗଠକ ପ୍ରଦ୍ୟୁମ୍ନ ଦାଶଙ୍କ ପରଲୋକ



ଆଳି,୨୯।୬(ସଂଚାର ବ୍ୟୁରୋ): ଆଳି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ସଙ୍ଗଠକ ତଥା ବଡାମ୍ବିଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଦାଶଙ୍କର ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି । ପ୍ରଦ୍ୟୁମ୍ନ ଦାଶ ଗତ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଧିନ ଅବସ୍ଥାରେ ସୋମବାର ସନ୍ଧ୍ୟାରେ ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ପ୍ରଦ୍ୟୁମ୍ନଙ୍କୁ ୫୪ବର୍ଷ ହୋଇଥିଲା । ତାଙ୍କ ପରଲୋକରେ ଆଳି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପ୍ରଦ୍ୟୁମ୍ନ ବଡାମ୍ବିଳା ପଞ୍ଚାୟତରେ ଦୁଇ ଥର ସରପଞ୍ଚ ହୋଇଥିବା ବେଳେ ବିଜୁ ଯୁବ ଜନତା ଦଳର ସଭାପତି, ବିଜେଡି କେନ୍ଦ୍ରାପଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟକରି ଦଳର ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଥିଲେ। ତାଙ୍କ ପରଲୋକ ଖବର ପାଇ ଗ୍ରାମର ଅନେକ ବ୍ୟକ୍ତି ମେଡିକାଲରେ ପହଞ୍ଚି ଥିବା ବେଳେ ଆଳିର ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି, ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ବିଭିନ୍ନ ସଂଗଠନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ମଙ୍ଗଳବାର ଦିନ ଏକ ଶବ ଶୋଭାଯାତ୍ରା କରାଯାଇ ବଡାମ୍ବିଳା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯିବ।

## ଶାବର ଶ୍ରୀକ୍ଷେତ୍ରରେ ଗଜାନନ ବେଶରେ ଦର୍ଶନ ଦେଲେ ଜଗତର ନାଥ



କୋରାପୁଟ,୨୯।୬(ସଂଚାର ବ୍ୟୁରୋ): ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ଭକ୍ତି, ପରମ୍ପରା ଓ ଆଧ୍ୟାତ୍ମିକତାର ଅପୂର୍ବ ସମାଗମ ମଧ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି।

ଦେବସ୍ନାନ ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ସେହି ଦିବ୍ୟ ରୂପ ଦେଖି ହଜାର ହଜାର ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡ଼ିଥିଲେ। ମନ୍ଦିର ପରିସର "ହରିବୋଲ" ଓ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ସକାଳୁ ନୀତିକାନ୍ତି ଆରମ୍ଭ ହୋଇ ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଅବକାଶ ଓ ପ୍ରଥମ ଭୋଗ ସମ୍ପନ୍ନ ହେବା ପରେ ନିର୍ଦ୍ଧାରିତ ସମୟରେ ଚମ୍ପାବନ ସୁନାକୂଅରୁ ୧୦୮ କଳଶ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ପରେ ମୃଦଙ୍ଗ ଓ ଘଣ୍ଟର ଧ୍ୱନି ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପହଣ୍ଡି ବିଜେ ସ୍ନାନ ମଣ୍ଡପକୁ ଅନୁଷ୍ଠିତ ହୋଇଥିଲା। ବିଧିବିଧାନ ଅନୁଯାୟୀ ମହାସ୍ନାନ ପରେ ଯଜ୍ଞ ସମ୍ପନ୍ନ କରି ମହାପ୍ରଭୁଙ୍କୁ ଦୁର୍ଲଭ ଗଜାନନ ବେଶରେ ସଜାଯାଇଥିଲା। ଗଜାନନ ବେଶରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ଧାଡ଼ିରେ ରହି ଭକ୍ତମାନେ ମହାପ୍ରଭୁଙ୍କ ଦିବ୍ୟ ରୂପ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ।

ସ୍ନାନଯାତ୍ରା ପରେ ଶ୍ରୀଜିଉମାନେ ଅଣସର ଗୃହକୁ ବିଜେ କରିଥିଲେ। ନେତ୍ରୋତ୍ସବ ପର୍ଯ୍ୟନ୍ତ ମହାପ୍ରଭୁ ସେଠାରେ ବିରାଜମାନ ରହିଲେ ଏବଂ ଏହି ସମୟରେ ଶାବର ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ର ପରମ୍ପରା ଅନୁଯାୟୀ ଶବର ସମ୍ପ୍ରଦାୟର ଆଦିବାସୀ ପୂଜକମାନେ ଗୁପ୍ତ ନୀତିକାନ୍ତି ସମ୍ପାଦନ କରିଥିଲେ। ଏହି ପରମ୍ପରା ଶାବର ଶ୍ରୀକ୍ଷେତ୍ରର ଏକ ନିଆରା ପରିଚୟ ଭାବେ ପରିଗଣିତ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା କାର୍ଯ୍ୟକ୍ରମ



ଫୁଲବାଣୀ, ୨୯।୬ (ସଂଚାର ବ୍ୟୁରୋ): ଫୁଲବାଣୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଏଜେଓ ଉଚ୍ଚ ବିଦ୍ୟାଳୟରେ ଠାରେ ଆଜି ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ରାମାକାନ୍ତ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୁତି ଭୂଷଣ ମହାପାତ୍ର, ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଞ୍ଜଳି ଶତପଥୀ, ଚିକିତ୍ସା ଅଧିକାରୀ ଡାକ୍ତର ଅରବିନ୍ଦ ଦାସ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସିମାଞ୍ଚଳ ସ୍ୱାଇଁ, ଫୁଲବାଣୀ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ସରୋଜ କୁମାର କହ୍ନର, ଏ.ଜେ.ଓ. ଉଚ୍ଚ ବିଦ୍ୟାଳୟ ଫୁଲବାଣୀର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶୁଭସ୍ମିତା ପଟ୍ଟନାୟକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ପୋକ୍ସୋ ଆଇନ, କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ପୋକ୍ସୋ ଆଇନ ଅନୁଯାୟୀ ପୀଡ଼ିତାଙ୍କୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ବ୍ୟବସ୍ଥା ଓ ଅନ୍ୟାନ୍ୟ ଅପରାଧର ଶିକାର/ପିଡିତାଙ୍କ ପାଇଁ ନାଲସା କ୍ଷତିପୂରଣ ଯୋଜନା- ୨୦୧୮ ଏବଂ ଭାରତୀୟ ସମ୍ବିଧାନରେ ଉଲ୍ଲେଖିତ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଆଇନ ସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲସା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ନାଲସା ପୋର୍ଟାଲ ସମ୍ପର୍କିତ ସୂଚନା ପତ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

## ଠାକୁରଅଜା ସିଦ୍ଧବଳରାମଙ୍କ ସ୍ନାନ ଯାତ୍ରା



ସତ୍ୟବାଦୀ, ୨୯।୬ (ସଂଚାର ବ୍ୟୁରୋ): ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଅଜା ଭାବରେ ସତ୍ୟବାଦୀର ବକୁଳବନ ଠାରେ ପୂଜାପାଉଥିବା ସିଦ୍ଧବଳରାମ ଠାକୁର ବେଶ ଜଣାଶୁଣା । ଆଜି ସକାଳେ ଠାକୁରଙ୍କ ପ୍ରତିଦିନ ଭଳି ନୀତିକାନ୍ତି କରାଯିବା ପରେ ବାଳଭୋଗ କରାଯାଇଥିଲା । ଲୋକନାଥ ମହାପାତ୍ର, ସୋମନାଥ ମହାପାତ୍ର ଓ ରାକେଶ ମହାପାତ୍ର ଠାକୁରଙ୍କ ନୀତିକାନ୍ତି କରିବା ପରେ ଚକାଛଡା ଖେଚୁଡି ଭୋଗ କରାଯାଇଥିଲା । ଠାକୁରଙ୍କୁ ଦେବସ୍ନାନ ବେଦୀକୁ ପହଣ୍ଡି କରି ଆଣିଥିଲେ ।

ପାରମ୍ପାରିକ ରୀତିନୀତି ଅନୁଯାୟୀ ମନ୍ଦିର ପରିସରରେ ଥିବା କୂଅରୁ ଜଳ ଅଣାଯାଇ ସେଥିରେ କ୍ଷୀର, ମହୁ, କର୍ପୁର, ଅଗୁର, ଗୋଲାପଜଳ, ଚନ୍ଦନ, ଜାଇଫଳ ଆଦି ପକାଯାଇ ସୁଗନ୍ଧିତ ଜଳରେ ସେବାୟତ ମାନେ ମହାପ୍ରଭୁଙ୍କୁ ୧୦୮ ଗଡୁ ଜଳରେ ସ୍ନାନ କରାଇଥିଲେ। ଠାକୁରଙ୍କୁ ନୂତନବସ୍ତ୍ର ପରିଧାନ ପରେ ଟାହିଆ, ତୁଳସୀ ଫୁଲମାଳ ଲାଗି କରାଯାଇଥିଲା । ଏହାପରେ ଯାତଭୋଗ ଅନୁଷ୍ଠିତ ହେବାପରେ ଭକ୍ତ ମାନଙ୍କ ପାଇଁ ଦର୍ଶନର ସୁଯୋଗ ମିଳିଥିଲା । ସଂଧ୍ୟାରେ ଆଳତୀ, ଧୂପ ରାତିରେ ବାଳଭୋଗ କରାଯିବା ପରେ ବିଳମ୍ବିତ ରାତିରେ ଅଣସର ଘରକୁ ବିଜେ କରାଇଥିଲେ।

ସେହିପରି ସାକ୍ଷୀଗୋପିନାଥଙ୍କ ପାଖରେ ପୂଜା ପାଉଥିବା ଜଗନ୍ନାଥ ଆଜି ଭକ୍ତ ମାନଙ୍କୁ ସ୍ନାନମଣ୍ଡପରେ ଦର୍ଶନ ଦେଇଛନ୍ତି ।

# ମହାକାଳପଡ଼ା ବ୍ଲକ୍‌ରେ କାର୍ଯ୍ୟକାରୀ ହେଉନି ବଦଳି ନିୟମ

### ୩ ବର୍ଷରୁ ଊର୍ଦ୍ଧ୍ୱ ହେବ 'ଗାଦି ମାଡ଼ି' ବସିଛନ୍ତି ଅଧିକାରୀ

### ବିଡ଼ିଓ ପଦବୀ ବି ଫାଙ୍କା




ମହାକାଳପଡ଼ା,୨୯।୬ (ସଂଚାର ବ୍ୟୁରୋ): ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କୌଣସି ସରକାରୀ କର୍ମଚାରୀ ୩ ବର୍ଷରୁ ଅଧିକ ଯାଏଁ ରହିପାରିବେ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକରେ ସରକାରଙ୍କ ଏହି ବଦଳି ନୀତିକୁ ଜଳାଞ୍ଜଳି ଦିଆଯାଇଥିବା ଦେଖିବାକୁ ମିଳିଛି। ଜଣେ ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଗାଦି ମାଡ଼ି ବସି ରହିଛନ୍ତି। ଯାହାଫଳରେ ସରକାରଙ୍କ ନିର୍ଦ୍ଦେଶନାମାର ଧଜିୟା ଉଡୁଛି। ଏମିତି ତଥ୍ୟ ସୂଚନା ଅଧିକାର ଆଇନ ବଳରେ ମିଳିବା ପରେ ବ୍ଲକ୍ ରେ ଗାଦିମଡା ଅଧିକାରୀଙ୍କ ଚିଠା ଏବେ ସାମ୍ନାକୁ ଆସିଛି।

ସୂଚନା ମୁତାବକ ଯନ୍ତ୍ରୀ ମନୋଜ କୁମାର ଜେନା ୧୯ ଜୁନ୍ ୨୦୧୭ ରୁ ଅର୍ଥାତ୍ ଦୀର୍ଘ ଆଠବର୍ଷରୁ ଅଧିକ, ଯନ୍ତ୍ରୀ ବିଭୂତି ଚରଣ ବେହେରା ୩୦ ନଭେମ୍ବର ୨୦୧୯ ଠାରୁ ପ୍ରାୟ ୭ ବର୍ଷ, ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଦାସ ୩୦ ଜୁନ୍ ୨୦୨୧ ଠାରୁ ପ୍ରାୟ ୪ ବର୍ଷରୁ ଅଧିକ, କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଶେଖର ଦାଶ ୩୦ ମାର୍ଚ୍ଚ ୨୦୨୧ ଠାରୁ ପ୍ରାୟ ୪ ବର୍ଷରୁ ଅଧିକ, ଖଲାସି ଭାବେ କାର୍ଯ୍ୟ କରୁଥିବା ସୁଭେନ୍ଦୁ ନାରାୟଣ ଦାସ ୦୧ ଜୁନ୍ ୨୦୧୯ ଠାରୁ ପ୍ରାୟ ୬ ବର୍ଷରୁ ଅଧିକ, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ସୁବ୍ରତ କୁମାର ସାହୁ ୨୭ ଡିସେମ୍ବର ୨୦୨୧ ଠାରୁ ପ୍ରାୟ ସାଢ଼େ ୪ ବର୍ଷ ଧରି ମହାକାଳପଡ଼ା ବ୍ଲକ୍ରେ ରହିଛନ୍ତି। ଏହା ବ୍ୟତୀତ ଟିସି,ଏସ ଏସଏ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅତନୁ କୁମାର ଦାଶ ୨୬ ଜୁଲାଇ ୨୦୨୨ ଠାରୁ ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଏଠାରେ କାର୍ଯ୍ୟରତ ଥିବା ତଥ୍ୟ ସୁଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି।

ସବୁଠାରୁ ବଡ଼ କଥା ହେଲା ୱ୍ୱାଚ୍ ମ୍ୟାନ ଭାବେ ନିରଞ୍ଜନ ଲେଙ୍କା ୧ ଅକ୍ଟୋବର ୧୯୯୪ରେ ଯୋଗଦାନ କରିଛନ୍ତି ବୋଲି ସୂଚନାରେ ଉଲ୍ଲେଖ ହୋଇଛି, ଯାହାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଏଠି ପ୍ରଶ୍ନ କାହିଁକି ମହାକାଳପଡ଼ା ବ୍ଲକ୍‌ରେ ଏହି ଅଧିକାରୀମାନେ ଗାଦି ମାଡ଼ି ବସିଛନ୍ତି? ଏମାନଙ୍କୁ ବଦଳି ନକରାଇ ଏମାନଙ୍କ ଗାଦିକୁ ସୁରକ୍ଷିତ କରୁଛି କିଏ? ତେବେ ସରକାର ସ୍ୱଚ୍ଛ ପ୍ରଶାସନିକ ଶାସନ ଓ ଦୁର୍ନୀତିମୁକ୍ତ ପାଇଁ ଏହି ବଦଳି ନୀତିକୁ ମହାକାଳପଡ଼ା ବ୍ଲକ୍‌ରେ କାହିଁକି କାର୍ଯ୍ୟକାରୀ କରାଯାଉନି ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କୁ ନିୟମ ଅନୁସାରେ ଅନ୍ୟତ୍ର ବଦଳି କରିବାକୁ ସୂଚନା ଅଧିକାର କର୍ମୀ ଓ ସଚେତନ ନାଗରିକମାନେ ଦାବି କରିଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୩୦ ଜୁନ୍ ୨୦୨୬, ଭୁବନେଶ୍ୱର
Tuesday 30 June 2026, Bhubaneswar

# ପାକିସ୍ତାନରେ ଅସ୍ଥିରତାର ଚକ୍ର




ପାକିସ୍ତାନ ଆଜି ଏକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ଦେଶର ସରକାରୀ ଋଣ ବୋଝ ଦ୍ରୁତ ଗତିରେ ବଢୁଛି, ଯାହା ଦେଶର ଆର୍ଥିକ ସ୍ଥିରତା ଏବଂ ଭବିଷ୍ୟତକୁ ବିପନ୍ନ କରୁଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ପାକିସ୍ତାନର ଋଣ-ଜିଡିପି ଅନୁପାତ ପ୍ରାୟ ୭୧-୮୩ ପ୍ରତିଶତରେ ପର୍ଯ୍ୟନ୍ତ ପହଞ୍ଚିଛି, ଏବଂ ମୋଟ ସରକାରୀ ଋଣ ଟ୍ରିଲିୟନ୍ ରୁପିଆ ଅତିକ୍ରମ କରିଛି। ବୈଦେଶିକ ଋଣ ପ୍ରାୟ ୧୩୦-୧୪୦ ବିଲିୟନ ଡଲାର ପର୍ଯ୍ୟନ୍ତ ବଢ଼ିଛି। ଏହି ବଢୁଥିବା ଋଣ ବୋଝ କେବଳ ଏକ ସଂଖ୍ୟା ନୁହେଁ, ବରଂ ଦେଶର ଆର୍ଥିକ ସ୍ୱାଧୀନତା ଏବଂ ଉନ୍ନୟନର ଏକ ବଡ଼ ବାଧା ହୋଇ ଉଠିଛି।

ପ୍ରଥମ ଏବଂ ମୂଳ କାରଣ ହେଉଛି ଦୀର୍ଘଦିନର ରାଜକୋଷୀୟ ଘାତ ବା ବିତ୍ତିୟ ନିୟଣ୍ଟ ସ୍ଥିତି ଜାରି ରହେବା। ପାକିସ୍ତାନ ସରକାର ପ୍ରତିବର୍ଷ ରାଜସ୍ୱ ସଂଗ୍ରହ ତୁଳନାରେ ଅଧିକ ଖର୍ଚ୍ଚ କରୁଛନ୍ତି। ଟ୍ୟାକ୍ସ ବେସ୍ ସଂକୀର୍ଣ୍ଣ, ଟ୍ୟାକ୍ସ ଫିଙ୍କ୍ସିଂ ଏବଂ ଦୁର୍ନୀତି ଯୋଗୁଁ ରାଜସ୍ୱ ସଂଗ୍ରହ କମ ହେଉଛି। ଟ୍ୟାକ୍ସ-ଜିଡିପି ଅନୁପାତ ମାତ୍ର ୮-୧୦ ପ୍ରତିଶତ ମଧ୍ୟରେ ସୀମିତ ରହିଛି, ଯାହା ଉନ୍ନୟନଶୀଳ ଦେଶଗୁଡ଼ିକ ପାଇଁ ଅତ୍ୟନ୍ତ କମ। ଫଳସ୍ୱରୂପ, ସରକାର ଘାତ ପୂରଣ ପାଇଁ ଘରୋଇ ଏବଂ ବୈଦେଶିକ ଋଣ ଉପରେ ନିର୍ଭର କରୁଛନ୍ତି। ଏହି ଋଣର ସୁଧ ପୁନର୍ପୟଣ ପାଇଁ ଆଉ ଋଣ ନେବା ଏକ ଦୁଷ୍ଟ ଚକ୍ର ସୃଷ୍ଟି କରିଛି। ୨୦୨୨-୨୩ ମଧ୍ୟରେ ସୁଧ ପେମେଣ୍ଟ ସରକାରୀ ରାଜସ୍ୱର ୬୦% ପର୍ଯ୍ୟନ୍ତ ଖାଇ ଯାଉଛି, ଯାହା ଉନ୍ନୟନମୂଳକ ଖର୍ଚ୍ଚକୁ ସଙ୍କୁଚିତ କରୁଛି।

ଦ୍ୱିତୀୟ କାରଣ ହେଉଛି ମୁଦ୍ରା ଅବମୂଲ୍ୟନ ଏବଂ ବୈଦେଶିକ ଋଣର ପ୍ରଭାବ। ପାକିସ୍ତାନୀ ରୁପିଆର ଦୁର୍ବଳତା ଯୋଗୁଁ ବୈଦେଶିକ ଋଣର ସ୍ଥାନୀୟ ମୂଲ୍ୟ ଦ୍ରୁତ ବଢୁଛି। ଚୀନ ପାକିସ୍ତାନ ଆର୍ଥିକ କରିଡର (ସିପିଇସି) ପ୍ରକଳ୍ପ ଅଧୀନରେ ନିଆଯାଇଥିବା ଋଣ ଏଥିରେ ବଡ଼ ଭୂମିକା ଗ୍ରହଣ କରିଛି। ଚୀନ ପାକିସ୍ତାନର ସର୍ବବୃହତ୍ତମ ଋଣଦାତା ହୋଇଉଠିଛି, ଯାହା ପ୍ରାୟ ୨୬ ବିଲିୟନ ଡଲାର ଉପରେ ଋଣ ରହିଛି। ଏହି ପ୍ରକଳ୍ପଗୁଡ଼ିକରୁ ଆଶା କରାଯାଇଥିବା ଆର୍ଥିକ ଲାଭ ଏପର୍ଯ୍ୟନ୍ତ ପୂର୍ଣ୍ଣ ରୂପେ ମିଳିନାହିଁ, କିନ୍ତୁ ସୁଧ ଏବଂ ପେମେଣ୍ଟ ବୋଝ ବଢୁଛି। ଅନେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି ଏବଂ ଆୟ ଉତ୍ପାଦନ କରିପାରୁନାହିଁ, ଯାହା ଋଣ ଫାନ୍ଦକୁ ଗଭୀର କରୁଛି।

ତୃତୀୟ କାରଣ ହେଉଛି ଅର୍ଥନୈତିକ ପରିଚାଳନାର ଅଭାବ ଏବଂ ରାଜନୈତିକ ଅସ୍ଥିରତା। ପାକିସ୍ତାନ ବାରମ୍ବାର ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଦ୍ୱାରସ୍ଥ ହେଉଛି, କିନ୍ତୁ ସୁଧାର ପ୍ରତିଶ୍ରୁତି ପାଳନ କରିପାରୁନାହିଁ। ଶକ୍ତି କ୍ଷେତ୍ରରେ ସର୍କୁଲାର ଋଣ, ଉଚ୍ଚ ସରକାରୀ ଖର୍ଚ୍ଚ ଏବଂ ରପ୍ତାନି ପ୍ରଦର୍ଶନର ଦୁର୍ବଳତା ଆର୍ଥିକ ସମସ୍ୟାକୁ ବଢ଼ାଉଛି। ବୈଦେଶିକ ମୁଦ୍ରା ଭଣ୍ଡାର କମ ଥିବାରୁ ଆମଦାନୀ ପାଇଁ ମଧ୍ୟ ସଙ୍କଟ ସୃଷ୍ଟି ହେଉଛି। ଏହା ସହିତ, ଘରୋଇ ଋଣର ଉଚ୍ଚ ସୁଧ ହାର ଏବଂ ବ୍ୟାଙ୍କିଙ୍ଗ ସେକ୍ଟରର ଚାପ ବେସରକାରୀ ବିନିଯୋଗକୁ ପ୍ରଭାବିତ କରୁଛି।

ଏହି ଋଣ ବୋଝର ପ୍ରଭାବ ଅତ୍ୟନ୍ତ ବିପଦଜନକ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅବସଂରଚନା ଉପରେ ଖର୍ଚ୍ଚ କମିଯାଉଛି, ଯାହା ଦାରିଦ୍ର୍ୟ, ବେକାରୀ ଏବଂ ଅସ୍ଥିରତା ବଢ଼ାଉଛି। ମୂଲ୍ୟବୃଦ୍ଧି ଏବଂ ଖାଦ୍ୟ ଅନିଶ୍ଚୟତା ସାଧାରଣ ନାଗରିକଙ୍କ ଜୀବନକୁ କଷ୍ଟକର କରୁଛି। ଦେଶ ଏକ ଋଣ ଫାନ୍ଦରେ ଫସିଛି, ଯେଉଁଠାରେ ନୂତନ ଋଣ ପୁରୁଣା ଋଣର ସୁଧ ପାଇଁ ବ୍ୟବହୃତ ହେଉଛି।

ଏହି ସଙ୍କଟରୁ ଉତ୍ତରଣ ପାଇଁ ଗଭୀର ସୁଧାର ଆବଶ୍ୟକ। ଟ୍ୟାକ୍ସ ସୁଧାର, ଖର୍ଚ୍ଚ ନିୟନ୍ତ୍ରଣ, ପାରଦର୍ଶିତା ବଢ଼ାଇବା, ରପ୍ତାନି ପ୍ରୋତ୍ସାହନ ଏବଂ ଉତ୍ପାଦନଶୀଳ ବିନିଯୋଗ ଉପରେ ଗୁରୁତ୍ୱ ଦେବା ଦରକାର। ରାଜନୈତିକ ସ୍ଥିରତା ଏବଂ ଦୀର୍ଘମିଆଦି ଆର୍ଥିକ ନୀତି ବିନା ଏହି ଚକ୍ର ଭଙ୍ଗ ହେବ ନାହିଁ। ପାକିସ୍ତାନର ନେତୃତ୍ୱକୁ ଏବେ କଠିନ ନିଷ୍ପତ୍ତି ନେବାକୁ ପଡ଼ିବ, ନହେଲେ ଦେଶର ଆର୍ଥିକ ସ୍ୱାଧୀନତା ହଜିଯିବ।

# ଅଣସର ଓ ଅଣସର ନୀତି

କବୀର କୁମାର ଜେନା



ଅଣସର ଅର୍ଥ କ'ଣ? ଏହାର ଆକ୍ଷରିକ ଅର୍ଥ ହେଉଛି ନ ଅବସର ଅନବସର। ମହାପ୍ରଭୁ ଶ୍ରୀଜଗନ୍ନାଥ ଆଷାଢ଼ କୃଷ୍ଣପକ୍ଷ ପ୍ରତିପଦଠାରୁ ପନ୍ଦର ଦିନ ପର୍ଯ୍ୟନ୍ତ ନିଭୃତ ବାସକୁ ନିରୋଧନ ନିବାସ କୁହାଯାଇଥାଏ। ଏହି ଦିବସଟି ହେଉଛି ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ନେତ୍ରୋତ୍ସବର ଅନ୍ତର ହେଉଥିବା ପନ୍ଦର ଦିନ। ଏହି ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ହୋଇନଥାଏ। ଅଣସର ପିଣ୍ଡି ସନ୍ନିକଟ ସ୍ଥାନରେ ତାଟିବାଡ ଦିଆଯାଇ ଶ୍ରୀଜୀଉଙ୍କର ପଟି ପୂଜା କରାଯିବାର ବ୍ୟବସ୍ଥା ରହିଛି। ଜ୍ୟେଷ୍ଠପୂର୍ଣ୍ଣିମା ଦିନ ଦେବସ୍ନାନ ମଣ୍ଡପ ଉପରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କୁ ସ୍ନାନ ପରେ ସ୍ନାନମଣ୍ଡପରୁ ଅଣସର ଗୁମୁଟକୁ ଗୋଟି ପହଣ୍ଡିରେ ନିଆଯାଇ ସେଠାରେ ଅମାବାସ୍ୟା ପର୍ଯ୍ୟନ୍ତ ଅଣସର ସେବା ବିଧି ହୁଏ। ବିଶ୍ୱାସ ଓ ଯୁଗ ଯୁଗର ପରମ୍ପରା ରହି ଆସିଛି ଯେ ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ ନକରୁଥିଲେ ଏହି ସମୟରେ ବ୍ରହ୍ମଗିରିରେ ଅଲାରନାଥଙ୍କୁ ଦର୍ଶନ କଲେ କୋଟି ପୁଣ୍ୟଫଳ ପ୍ରାପ୍ତ ହୋଇଥାଏ। ବର୍ଷ ତମାମ ଶ୍ରୀ ମନ୍ଦିରରେ ବିଭିନ୍ନ ନୀତିକାନ୍ତି ନିର୍ଦ୍ଧାରିତ ସମୟ ଓ ବ୍ୟବସ୍ଥା ମଧ୍ୟରେ ସମ୍ପର୍ଣ୍ଣ ହୋଇଥାଏ। ମହାପ୍ରଭୁଙ୍କ ମାନବୀୟ ଦିବ୍ୟ ଲୀଳା ଭିତରେ ଅଣସର ନୀତିର ଗୁପ୍ତ ଲୀଳା ଆମ ସମସ୍ତଙ୍କ ପାଇଁ ଏବେ ବି ରହସ୍ୟମୟ। ତେବେ ପୁରାଣ ପୋଥି ଓ ସଂଗ୍ରହଣୀୟ ତଥ୍ୟରୁ ଯାହା ଜଣାପଡ଼େ ଶବର ଭକ୍ତ ବିଶ୍ୱାବସୁ ନୀଳମାଧବଙ୍କୁ ଅତି ଭାବପୂର୍ଣ୍ଣ ଭାବେ ଯେଉଁପରି ସମର୍ପଣ ହୃଦୟରେ ପୂଜା କରୁଥିଲେ ତାହା ଥିଲା ନିଭୃତ ଗୁପ୍ତ ତଥା ଭକ୍ତି ପ୍ରାର୍ଥନା ପ୍ରଧାନ ଆଦିମତମ ଉପାସନା। ଅଣସର ପୂଜାନୀତି ବିଧିବିଧାନ ତାର ଏକ ନିଚ୍ଛକ ପ୍ରତିଫଳନ। ଶ୍ରୀମନ୍ଦିରର ରତ୍ନବେଦୀ ଉପରେ ଥାଇ ଜଗନ୍ନାଥ ପ୍ରତିଦିନ ଛପନ ପଉଟି ସୁସ୍ୱାଦ ପ୍ରସାଦ ମଣୋହି କରୁଥିଲେ ମଧ୍ୟ ଶବର ସେବାୟତ ଦଇତାମାନେ ଅଣସର ଘରେ କେବଳ ଫଳମୂଳ ଓ ପଣା ପାଣି ସମର୍ପଣ କରି ମହାପ୍ରଭୁଙ୍କର ସେବା କରନ୍ତି। ଏହି ସେବା ପୂଜାରେ କୌଣସି ମନ୍ତ୍ରାଦିର ଆବଶ୍ୟକତା ନଥାଏ। ଆମ ମଧ୍ୟରୁ ଅନେକ ଜାଣି ନଥିବେ ଯେ ଶ୍ରୀମନ୍ଦିରର ବ୍ୟବସ୍ଥା ଭିତରେ ଏହି ଅଣସର ସମୟରେ ଅଣସର ପଣା ହେଉଛି ପ୍ରସିଦ୍ଧ ଭୋଗ। ଏହା ପ୍ରତିଦିନ ମଧ୍ୟାହ୍ନ ଧୂପ ଓ ସଂଧ୍ୟା ଧୂପ ପରେ ସର୍ବମୋଟ ଦୁଇଥର ସମର୍ପଣ କରାଯାଇଥାଏ। ଶ୍ରୀଜୀଉଙ୍କ ପାଇଁ କର୍ପୂର, ସର, ଜାଇଫଳ, ନବାତ, ଚନ୍ଦନମିଶ୍ରି ଏହିପରି ତମାମ ୨୮ଟି ସାମଗ୍ରୀ ମିଶି ପ୍ରସ୍ତୁତ ହୋଇଥିବା ପଣାଟି ଅର୍ପଣର ବିଧି ରହିଛି। ଏହା ବ୍ୟତୀତ ପୁରୀର ଏକ ପ୍ରାଚୀନତମ ତଥା ଶ୍ରୀମନ୍ଦିରର ବ୍ୟବସ୍ଥା ସହିତ ବର୍ଷ ବର୍ଷ ଧରି ପରମ୍ପରା ଗତ ସମ୍ପର୍କ ରହି ଆସିଥିବା ରାଘବ ଦାସ ମଠରୁ ଆସିଥିବା ଧୁଆମୁଗ ଓ ପଣସ ପ୍ରତ୍ୟେହ ପହୁଡ଼ ପୂର୍ବରୁ ଅଣସର ଠାକୁରଙ୍କୁ ସମର୍ପିତ ହୋଇଥାଏ ଯାହାକୁ ସମସ୍ତେ ଚକଡା ଭୋଗ ନାମରେ ଜାଣନ୍ତି।

ମହାପ୍ରଭୁଙ୍କ ଏହି ନୀତି ସମୟରେ ଶ୍ରୀମନ୍ଦିର ଯାଉଥିବା ଶ୍ରଦ୍ଧାଳୁମାନେ ସମର୍ପଣ କରୁଥିବା ପଣସ, ଆମ୍ବ, ସପୁରୀ, କମଳା, ଅଙ୍ଗୁର ପ୍ରଭୃତି ମଧ୍ୟ ଫଳ ଲାଗି ହୋଇଥାଏ। ଠିକ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀଜୀଉ ମାନଙ୍କୁ ଗୋଟି ପହଣ୍ଡିରେ ନେଇ ଅଣସର ପିଣ୍ଡିରେ ବିଜେ କରାଯାଏ ଓ ପୂର୍ବର ସମସ୍ତ ପଟ୍ଟବସ୍ତ୍ରକୁ ଓଲାଗି କରାଯିବାର ବ୍ୟବସ୍ଥା ରହିଛି। ଶ୍ରୀଜୀଉଙ୍କ ଦଇତାମାନେ ଏହି ସମୟରେ ଜ୍ୱରରେ କମ୍ପୁ ଥିବା ଶ୍ରୀଜୀଉ ମାନଙ୍କୁ ମାନବ ରୂପରେ ପରିକଳ୍ପନା କରି ସେମାନଙ୍କ ସେବା ନୀତି ସମ୍ପାଦନ କରିଥାନ୍ତି। ଏହିଠାରେ ହିଁ ଦେଖାଯାଇଥାଏ ନୀଳମାଧବ ବିଗ୍ରହ ସହିତ ବିଶ୍ୱାବସୁ ଶବର ସମ୍ପର୍କର ଏକ ଅନାବିଳ ଓ ଆଧ୍ୟାତ୍ମିକ ଆତ୍ମୀୟତାର ସୁନ୍ଦର ନିଦର୍ଶନ। ପ୍ରାକ ପୌରାଣିକ ଯୁଗରୁ ଦଇତାପତିମାନେ ଅଣସରକାଳୀନ ସେବାପୂଜା କରି ଆସୁଛନ୍ତି। ଶୁଦ୍ଧଲଗ୍ନ, ସ୍ୱାତୀ ନକ୍ଷତ୍ର ଓ ଅନ୍ୟ କେତେକ ସ୍ୱତନ୍ତ୍ର ନୀତିରେ ପଟ୍ଟବସ୍ତ୍ରକୁ ଛେକି ଶ୍ରୀବିଗ୍ରହରେ ଛକି ପଡ଼ିଲା ପରି ବାନ୍ଧି ତତ୍ପର ଚନ୍ଦନ ଲେପ ଦେଇଥାନ୍ତି। ଏହାକୁ ପଇତା ଲାଗି କୁହାଯାଇଥାଏ। ସ୍ନାନ ପୂର୍ଣ୍ଣିମାରେ ଜଳସିକ୍ତ ଏହି ପାଟଗୁଡ଼ିକୁ ଅଣସର ସମୟରେ ଶ୍ରୀଅଙ୍ଗରୁ ଫିଟାଇ ଦିଆଯାଉଥିବାରୁ ଶ୍ରୀଅଙ୍ଗ ଫିଟା ନାମରେ ଏହା କଥିତ। ଶ୍ରୀଜଗନ୍ନାଥଙ୍କ ବିଗ୍ରହରୁ ପ୍ରତିବର୍ଷ ଏହି ସମୟରେ ଦଇତାମାନେ ବାହାର ଆବରଣ ପୃଥକ କରି ଶ୍ରୀଅଙ୍ଗରୁ ଝୁଲଣାରେ ପ୍ରସ୍ତୁତ ଚନ୍ଦନର ଲେପ ଛଡ଼ାଇଥାନ୍ତି। ଏହାକୁ କରାଳ କହନ୍ତି। ଏହି ସମୟରେ ଶ୍ରୀବିଗ୍ରହ ମାନଙ୍କର ଆବଶ୍ୟକ ମରାମତି କାର୍ଯ୍ୟ ହୋଇଥାଏ। କରାଳ ପରେ ଆଷାଢ଼ କୃଷ୍ଣ ପଞ୍ଚମୀ ଠାରୁ ଦଇତାପତିମାନେ ପରଖ ଓ ପିଙ୍ଗଣରେ ରାଶିତେଲ, ଚୁଆ, କର୍ପୂର ଇତ୍ୟାଦି ବିଜେ କରାଇ ଶ୍ରୀଅଙ୍ଗରେ ଘର୍ଷଣ କରିଥାନ୍ତି। ଏହାକୁ ଫୁଲୁରୀ ଲାଗି କୁହାଯାଇଥାଏ। ବର୍ଷକ ପୂର୍ବରୁ ଭୂମିତଳେ ରଖାଯାଇଥିବା ରାଶିତେଲ, ଝୁଣ, କର୍ପୂର ଆଦି ସୁଗନ୍ଧିତ ବସ୍ତୁକୁ ବଡ଼ ଓଡ଼ିଆ ମଠ ଦ୍ୱାରା ଯୋଗାଇ ଦିଆଯାଏ। ତାହାକୁ ଫୁଲୁରୀ ତେଲ ବା ଶ୍ରୀତୈଳ କୁହାଯାଏ। ଅଣସର ସପ୍ତମୀ ଦିନ ଶ୍ରୀଜୀଉଙ୍କୁ ଉକ୍ତ ତୈଳ ଲାଗି କରାଯାଏ।

ଅଷ୍ଟମୀ ଦିନ ଫୁଲୁରୀ ତେଲ ବା ଶ୍ରୀତୈଳ ଘର୍ଷଣ ପରେ ଶ୍ରୀଜୀଉଙ୍କ ଦାରୁ କଳେବର ଉପରେ ନୂତନ ପାଟବସ୍ତ୍ର ବନ୍ଧନ କରାଯାଏ। ଏହା ଶିରୀକପଡ଼ା ବା ଶ୍ରୀକପଡ଼ା ନାମରେ ଖ୍ୟାତ। ଏହିଦିନ କ୍ଷୀର, ଅକ୍ଷତ ଚୂନା ଓ ଚୂଆ ଏକତ୍ର ରନ୍ଧନ କରି ଶ୍ରୀଅଙ୍ଗରେ ପଟ୍ଟସୂତ୍ର ମର୍ଦନ କରାଯାଏ। ଏହାକୁ ପଟ୍ଟରଜ୍ଜୁ ବନ୍ଧନ କୁହାଯାଏ। ପଟ୍ଟରଜ୍ଜୁ ବନ୍ଧନ ପରେ ନବମୀ ଦିନ ସୁବାସିତ ରାଶିତେଲ ଓ ଝୁଣା ଏକତ୍ର କରି ପୁନଶ୍ଚ ଶ୍ରୀଅଙ୍ଗରେ ମାଲିସ କରାଯାଏ। ଏହାକୁ ମସୃଣ ଲେପ କୁହାଯାଏ। ଏହାପରେ ଦଶମୀ ଦିନ କଳା ମୁଗୁନି ପ୍ରସ୍ତର ନିର୍ମିତ ତିନିଗୋଟି ଚକା ଉପରେ ବିଗ୍ରହ ମାନଙ୍କୁ ବିଜେ କରାଇ ଦଇତାପତିମାନେ କସ୍ତୁରୀ, କୁଙ୍କୁମ, ଚନ୍ଦନ ଶ୍ରୀଅଙ୍ଗରେ ଶ୍ୱେତଅଙ୍ଗରାଗ ଲେପନ କରିଥାନ୍ତି। ନବମୀ ପର୍ଯ୍ୟନ୍ତ ଶ୍ୱେତଅଙ୍ଗରାଗ ଲାଗି ହେଉଥିବାବେଳେ ଦଶମୀ ଠାରୁ ପୂର୍ଣ୍ଣ ଅଙ୍ଗରାଗ ଲାଗି ହୋଇଥାଏ। ଅଣସର ଏକାଦଶୀ ଦିନ ଅଣସର ଘରେ ଚନ୍ଦନ ଘୋରାଯାଇ ତହିଁରେ ସମପରିମାଣ କସ୍ତୁରୀ, କେଶର ଓ କର୍ପୂର ପ୍ରଭୃତି ଏକତ୍ର ମିଶାଇ ଠାକୁର ମାନଙ୍କୁ ଲାଗି ହୋଇଥାଏ। ଏହାକୁ ଚନ୍ଦନ ଲାଗି କୁହାଯାଏ। ଏହି ରାତିରେ ଖଳି ଗୋଳାଯାଇ ରୂପା ପିଙ୍ଗଣରେ ଯୋଗାଇ ଦିଆଯାଏ। ଦ୍ୱାଦଶୀ ମଧ୍ୟାହ୍ନ ଧୂପ ପରେ ଘଣ୍ଟ କାହାଳୀ ମଧ୍ୟରେ ମହାପ୍ରଭୁଙ୍କ ଶ୍ରୀପୟର ରଚନା କରାଯାଇ ରାଶିତେଲ, ଝୁଣା, ପଞ୍ଚମୂଳ, କର୍ପୂର, କସ୍ତୁରୀ ଓ ଅନ୍ୟାନ୍ୟ ସୁଗନ୍ଧ ଦ୍ରବ୍ୟ ଏକତ୍ର ରନ୍ଧନ କରି ଶ୍ରୀଅଙ୍ଗରେ ଲାଗି ହୋଇଥାଏ। ଏହା ଓଷ ଲାଗି ନାମରେ ପରିଚିତ।

ଅଣିକଣା, ବରୀ, ଯାଜପୁର, ମୋବାଇଲ୍:୮୯୧୭୩୭୭୯୮୭

# ମହାପ୍ରଭୁଙ୍କ ମାନବୀୟ ଲୀଳା ଦେବସ୍ନାନ ପୂର୍ଣ୍ଣିମା



ଡଃ ଅମୂଲ୍ୟ କୁମାର ପଣ୍ଡା

ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଶାର ପ୍ରାଣକେନ୍ଦ୍ର, ଓଡ଼ିଆ ଜାତିର ଅସ୍ମିତା ଓ ଆଧ୍ୟାତ୍ମିକତାର ମହାସମୁଦ୍ର। ଏହି ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନ କରାଯାଉଥିବା ବେଳେ, ସେଥିମଧ୍ୟରୁ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ହେଉଛି ଅନ୍ୟତମ ପ୍ରଧାନ, ଆଦ୍ୟ ଓ ରହସ୍ୟମୟ ଉତ୍ସବ। ଜ୍ୟେଷ୍ଠ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଭବ୍ୟ ମହୋତ୍ସବ ଅନୁଷ୍ଠିତ ହୁଏ। ଏହା କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଅଧ୍ୟାୟ। ଏହି ଦିନ ଚତୁର୍ଦ୍ଧାମୂର୍ତ୍ତି (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ) ରତ୍ନବେଦୀ ଛାଡ଼ି ଶ୍ରୀମନ୍ଦିରର ସ୍ନାନବେଦୀକୁ ବିଜେ କରନ୍ତି ଏବଂ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରନ୍ତି। ଶ୍ରୀଜଗନ୍ନାଥଙ୍କ ପ୍ରତିଟି ଲୀଳା ପଛରେ କିଛି ନା କିଛି ପୌରାଣିକ ଆଖ୍ୟାନ ରହିଥାଏ। ସ୍ନାନ ପୂର୍ଣ୍ଣିମା ସମ୍ପର୍କରେ ମଧ୍ୟ ଶାସ୍ତ୍ର ଓ ପୁରାଣରେ ସୁନ୍ଦର ବର୍ଣ୍ଣନା କରାଯାଇଛି। ସ୍କନ୍ଦ ପୁରାଣ, ଉତ୍କଳ ଖଣ୍ଡ ଅନୁସାରେ, ଜ୍ୟେଷ୍ଠ ପୂର୍ଣ୍ଣିମା ହେଉଛି ସ୍ୱୟଂ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଦିବସ ବା ଜନ୍ମତିଥି। ସତ୍ୟଯୁଗରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଦାରୁବ୍ରହ୍ମଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ, ସେହି ଶୁଭ ଦିନଟି ଥିଲା ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା। ତେଣୁ ଏହି ଦିନକୁ ମହାପ୍ରଭୁଙ୍କ ପ୍ରଥମ ପ୍ରତିଷ୍ଠା ଦିବସ ବା "ଜନ୍ମୋତ୍ସବ" ଭାବେ ପାଳନ କରାଯାଏ। ମାନବୀୟ ପରମ୍ପରାରେ ଜନ୍ମଦିନରେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରିବାର ଯେଉଁ ନିୟମ ଅଛି, ତାହାକୁ ରକ୍ଷା କରି ମହାପ୍ରଭୁ ଏହିଦିନ ମହାସ୍ନାନ କରନ୍ତି। ଅନ୍ୟ ଏକ ମତ ଅନୁସାରେ, ଦ୍ୱାପର ଯୁଗରେ ଏହି ତିଥିରେ ଶ୍ରୀକୃଷ୍ଣଙ୍କର ମହାଭିଷେକ ହୋଇଥିଲା। ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀକ୍ଷେତ୍ରରେ ପୁରୁଷୋତ୍ତମଙ୍କର ଏହି ସ୍ନାନ ଯାତ୍ରା କରାଯାଇଥାଏ। ଗବେଷକମାନଙ୍କ ମତରେ, ଏହା ଶ୍ରୀମନ୍ଦିରର ସବୁଠାରୁ ପ୍ରାଚୀନ ଉତ୍ସବ, ଯାହା ରଥଯାତ୍ରାର ଆଦ୍ୟପର୍ବ ଅଟେ। ସ୍ନାନ ପୂର୍ଣ୍ଣିମା ପାଇଁ କାର୍ଯ୍ୟକ୍ରମ ବହୁ ପୂର୍ବରୁ ଆରମ୍ଭ ହୋଇଯାଏ। ଏଥିପାଇଁ ବିଶେଷ ଭାବରେ ସ୍ନାନବେଦୀକୁ ପ୍ରସ୍ତୁତ କରାଯାଏ। ଶ୍ରୀମନ୍ଦିରର ଆନନ୍ଦବଜାର ପାର୍ଶ୍ୱରେ, ବାହାର ବେଢ଼ାର ପୂର୍ବ-ଉତ୍ତର କୋଣରେ ଏକ ଉଚ୍ଚ ମଣ୍ଡପ ରହିଛି, ଯାହାକୁ "ସ୍ନାନବେଦୀ" ବା "ସ୍ନାନମଣ୍ଡପ" କୁହାଯାଏ। ଏହି ବେଦୀଟି ଏପରି ସ୍ଥାନରେ ନିର୍ମିତ, ଯେପରି ମନ୍ଦିର ବାହାରେ ଥିବା ବଡ଼ଦାଣ୍ଡରୁ ମଧ୍ୟ ଭକ୍ତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସହଜରେ ଦର୍ଶନ କରିପାରିବେ। ଏହି ବେଦୀକୁ ସୁନ୍ଦର କପଡ଼ା, ଫୁଲ ଓ ପତ୍ରରେ ସଜ୍ଜିତ କରାଯାଏ।

ସ୍ନାନଯାତ୍ରାର ପୂର୍ବ ଦିନ (ଚତୁର୍ଦ୍ଦଶୀ ତିଥିରେ) ଶ୍ରୀମନ୍ଦିରର ଉତ୍ତର ଦୁଆର ନିକଟରେ ଥିବା ପବିତ୍ର "ସୁନା କୂଅ" ରୁ ବାରିକ ସେବାୟତମାନଙ୍କ ଦ୍ୱାରା ଜଳ ଅଣାଯାଏ। ଏହି କୂଅ ବର୍ଷସାରା ବନ୍ଦ ରହେ ଏବଂ କେବଳ ଏହି ଦିନ ଖୋଲାଯାଏ। ଗରାବଡୁ ସେବାୟତମାନେ ୧୦୮ଟି ସୁବର୍ଣ୍ଣ ଓ ତାମ୍ର କଳସରେ ଜଳ ଆଣି ଅଧିବାସ ଗୃହରେ ରଖନ୍ତି। ଏହି ଜଳକୁ ଗଙ୍ଗାଜଳ, ଚନ୍ଦନ, ଅଗୁରୁ, ଚୁଆ, କର୍ପୂର ଓ ଜାଇଫଳ ଆଦି ସୁବାସିତ ଦ୍ରବ୍ୟ ଦ୍ୱାରା ସଂସ୍କାର କରାଯାଏ। ସ୍ନାନ ପୂର୍ଣ୍ଣିମା ଦିନ ପ୍ରାତଃକାଳରୁ ଶ୍ରୀମନ୍ଦିରରେ ଚଳଚଞ୍ଚଳ ପରିବେଶ ସୃଷ୍ଟି ହୁଏ। ଲକ୍ଷ ଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ। ଏହି ଦିନର ପ୍ରମୁଖ ରୀତିଗୁଡ଼ିକ କ୍ରମାନ୍ୱୟରେ ହୋଇଥାଏ। ପ୍ରଥମ ପହଣ୍ଡି ବିଜେ ହୋଇଥାଏ ଯାହା ସ୍ନାନଯାତ୍ରାର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ। ବ୍ରାହ୍ମମୁହୂର୍ତ୍ତରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପରେ "ଧାଡ଼ି ପହଣ୍ଡି" ଆରମ୍ଭ ହୁଏ। ଦଇତାପତି ସେବାୟତମାନଙ୍କ ସହାୟତାରେ ରତ୍ନବେଦୀରୁ ବିଗ୍ରହମାନଙ୍କୁ ସ୍ନାନବେଦୀକୁ ଅଣାଯାଏ। ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ କଳାଶ୍ରୀମୁଖ ଶ୍ରୀଜଗନ୍ନାଥ ମହାପ୍ରଭୁ ଝୁଲି ଝୁଲି ପହଣ୍ଡିରେ ଆସନ୍ତି। ଠାକୁରମାନଙ୍କ ମସ୍ତକରେ ସୁନ୍ଦର 'ଟାହିଆ' (ଫୁଲ ଓ ବାଉଁଶରେ ତିଆରି ମୁକୁଟ) ଶୋଭା ପାଉଥାଏ। ଘଣ୍ଟ, କାହାଳୀ, ମର୍ଦ୍ଦଳର ତାଳେ ତାଳେ ପ୍ରଭୁଙ୍କ ଏହି ଯାତ୍ରା ଅତ୍ୟନ୍ତ ମନୋରମ ହୋଇଥାଏ। ତାପରେ ସ୍ନାନବେଦୀରେ ବିଗ୍ରହମାନେ ବିରାଜମାନ କରିବା ପରେ ମଙ୍ଗଳାର୍ପଣ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା କରାଯାଏ। ଏହାପରେ ଆରମ୍ଭ ହୁଏ ବହୁ ପ୍ରତିକ୍ଷିତ "ଅଭିଷେକ" ବା ସ୍ନାନ ରୀତି। ଶାସ୍ତ୍ରୀୟ ନିୟମ ଅନୁସାରେ ୧୦୮ କଳସ ସୁବାସିତ ଜଳ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଏ। ଶ୍ରୀଜଗନ୍ନାଥ ମହାପ୍ରଭୁ ୩୫ କଳସ, ଶ୍ରୀବଳଭଦ୍ର ୩୩ କଳସ, ଦେବୀ ସୁଭଦ୍ରା ୨୨ କଳସ, ଶ୍ରୀସୁଦର୍ଶନ ୧୮ କଳସ ଯାହା ସର୍ବମୋଟ ୧୦୮ କଳସ ହୋଇଥାଏ।ଏହି ସ୍ନାନ ସମୟରେ ବେଦପାଠ ଓ ହରିବୋଲ ଧ୍ୱନିରେ ସାରା ବଡ଼ଦାଣ୍ଡ ମୁଖରିତ ହୋଇଉଠେ। ବିଶ୍ୱାସ କରାଯାଏ ଯେ ଏହି ପବିତ୍ର ସ୍ନାନ ଦର୍ଶନ କଲେ ମନୁଷ୍ୟର ସମସ୍ତ ପାପ ଧୋଇଯାଏ। ଏହାପରେ ହୋଇଥାଏ ଗଜାନନ ବେଶ ଯାହା ସ୍ନାନଯାତ୍ରାର ଅନ୍ୟତମ ଶ୍ରେଷ୍ଠ ଆକର୍ଷଣ ଦିଗ ଯାହାକୁ ମହାପ୍ରଭୁଙ୍କର ହାତୀବେଶ ମଧ୍ଯ କୁହଯାଏ। ସ୍ନାନ ପରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ଗଣେଶଙ୍କ ରୂପରେ ସଜ୍ଜିତ କରାଯାଏ ଏବଂ ଦେବୀ ସୁଭଦ୍ରାଙ୍କୁ ପଦ୍ମବେଶରେ ଭୂଷିତ କରାଯାଏ।

ସ୍ନାନ ପୂର୍ଣ୍ଣିମାର ସବୁଠାରୁ ରହସ୍ୟମୟ ଏବଂ ମାନବୀୟ ଅଧ୍ୟାୟ ହେଉଛି "ଅଣସର" ବା "ଅନବସର"। ୧୦ କଳସର ଶୀତଳ ଜଳରେ ସ୍ନାନ କରିବା ପରେ, ମାନବୀୟ ଲୀଳା ପ୍ରଦର୍ଶନ ପୂର୍ବକ ମହାପ୍ରଭୁଙ୍କୁ ଜ୍ୱର ହୁଏ।ଏହାପରେ ଅଣସର ପଟ୍ଟି କାର୍ଯ୍ୟକ୍ରମ ହୋଇଥାଏ -।ଏହି ସମୟରେ ମହାପ୍ରଭୁ ସର୍ବସାଧାରଣ ଦର୍ଶନରୁ ଦୂରେଇ ରହନ୍ତି। ସ୍ନାନବେଦୀରୁ ଓହ୍ଲାଇ ଠାକୁରମାନେ ଶ୍ରୀମନ୍ଦିରର ଭିତର ଗମ୍ଭୀରାରେ ଥିବା "ଅଣସର ପିଣ୍ଡି"କୁ ବିଜେ କରନ୍ତି। ସେଠାରେ ବାଉଁଶର ତାଟି ପକାଯାଇ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯାଏ, ଯାହାକୁ ଅଣସର ଘର କୁହାଯାଏ। ଅଣସର ସମୟରେ ମନ୍ଦିରର ମୁଖ୍ୟ ପୂଜକ କିମ୍ବା ବ୍ରାହ୍ମଣମାନେ ପ୍ରଭୁଙ୍କ ପୂଜା କରନ୍ତି ନାହିଁ। ଏହି ସମୟରେ କେବଳ ଦଇତାପତି ସେବାୟତମାନେ (ଯେଉଁମାନେ ଶବର ରାଜା ବିଶ୍ୱାବସୁଙ୍କ ବଂଶଧର ବୋଲି ମନାଯାଏ ) ମହାପ୍ରଭୁଙ୍କ ଗୁପ୍ତ ସେବା ଓ ଚିକିତ୍ସା କରନ୍ତି। ପ୍ରଭୁଙ୍କ ଜ୍ୱର ଉପଶମ ପାଇଁ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ "ଦଶମୂଳ ମୋଦକ" (ଔଷଧ) ଏବଂ "ଫୁଲୁରୀ ତେଲ" (ଔଷଧୀୟ ତେଲ) ଶ୍ରୀଅଙ୍ଗରେ ଲାଗି କରାଯାଏ। ଏହି ୧୫ ଦିନ ଠାକୁରମାନଙ୍କୁ କୌଣସି ଅନ୍ନ ଭୋଗ ଅର୍ପଣ କରାଯାଏ ନାହିଁ, କେବଳ ଚକଟା ଭୋଗ ଏବଂ ପଣା ଅର୍ପଣ କରାଯାଏ। ମହାପ୍ରଭୁ ଅଣସରରେ ଥିବା ବେଳେ ଭକ୍ତମାନେ ଶ୍ରୀମନ୍ଦିରରେ ତାଙ୍କୁ ଦର୍ଶନ କରିପାରନ୍ତି ନାହିଁ। ତେଣୁ ଏହି ସମୟରେ ପୁରୀ ନିକଟସ୍ଥ ବ୍ରହ୍ମଗିରିରେ ଅବସ୍ଥିତ ଶ୍ରୀଅଲାରନାଥ (ଚତୁର୍ଭୁଜ ନାରାୟଣ)ଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି। ବିଶ୍ୱାସ କରାଯାଏ ଯେ ଅଣସର ସମୟରେ ଅଲାରନାଥଙ୍କୁ ଦର୍ଶନ କଲେ ସ୍ୱୟଂ ଜଗନ୍ନାଥଙ୍କୁ ଦର୍ଶନ କରିବାର ପୁଣ୍ୟ ମିଳେ। ମହାପ୍ରଭୁ ଚୈତନ୍ୟ ଦେବ ମଧ୍ୟ ଏହି ସମୟରେ ଅଲାରନାଥଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇଯାଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଦା ସମାନତା, ଭାତୃଭାବ ଓ ଜୀବନର ସତ୍ୟକୁ ପ୍ରତିପାଦିତ କରେ। ସ୍ନାନ ପୂର୍ଣ୍ଣିମାର ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି। ସ୍ନାନ ପୂର୍ଣ୍ଣିମା ଏବଂ ତା' ପରବର୍ତ୍ତୀ ଅଣସର ଲୀଳା ଦର୍ଶାଏ ଯେ ଜଗନ୍ନାଥ କେବଳ ପାଷାଣ ବା ଦାରୁର ଏକ ମୂର୍ତ୍ତି ନୁହନ୍ତି, ସେ ହେଉଛନ୍ତି ଜୀବନ୍ତ ଦେବତା। ସାଧାରଣ ମଣିଷ ପରି ସେ ସ୍ନାନ କରନ୍ତି, ରୋଗାକ୍ରାନ୍ତ ହୁଅନ୍ତି, ଔଷଧ ସେବନ କରନ୍ତି ଏବଂ ସୁସ୍ଥ ମଧ୍ୟ ହୁଅନ୍ତି। ଏହା ମାନବ ଜୀବନର ସୁଖ-ଦୁଃଖକୁ ସମ୍ମାନ ଜଣାଇବାର ଏକ ଅନନ୍ୟ ଉଦାହରଣ। ଶ୍ରୀମନ୍ଦିରର ରୀତିନୀତିରେ ଜାତିପ୍ରଥାର କୌଣସି ସ୍ଥାନ ନାହିଁ। ସ୍ନାନଯାତ୍ରା ପରେ ଶବର ବଂଶଜ ଦଇତାପତିମାନେ ଠାକୁରଙ୍କ ସମସ୍ତ ଗୁପ୍ତ ସେବା କରନ୍ତି। ଏହା ସମାଜକୁ ବାର୍ତ୍ତା ଦିଏ ଯେ ଭଗବାନଙ୍କ ନିକଟରେ ସମସ୍ତେ ସମାନ, ସେଠାରେ ବ୍ରାହ୍ମଣ ଓ ଜନଜାତିଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତା ପରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଏହି ସ୍ନାନଯାତ୍ରା ଅନୁଷ୍ଠିତ ହୁଏ। ଏହା ବର୍ଷା ଋତୁର ଆଗମନକୁ ସୂଚିତ କରେ। ପ୍ରକୃତିର ଏହି ପରିବର୍ତ୍ତନ ସହ ଖାପଖୁଆଇ ମହାପ୍ରଭୁ ଶୀତଳ ଜଳରେ ସ୍ନାନ କରି ସମାଜକୁ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଦିଅନ୍ତି। ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ହେଉଛି ଆନନ୍ଦ, ଭକ୍ତି, ରହସ୍ୟ ଏବଂ ମାନବୀୟ ସମ୍ପର୍କର ଏକ ମହାମିଳନ। ଏହି ଉତ୍ସବ କେବଳ ପୁରୀ ଶ୍ରୀକ୍ଷେତ୍ରରେ ସୀମିତ ନୁହେଁ, ବରଂ ସାରା ବିଶ୍ୱରେ ଥିବା ଜଗନ୍ନାଥ ମନ୍ଦିରଗୁଡ଼ିକରେ ଅତ୍ୟନ୍ତ ନିଷ୍ଠାର ସହ ପାଳିତ ହୁଏ। ବଡ଼ଦାଣ୍ଡର ଜନସମୁଦ୍ର, ମହାପ୍ରଭୁଙ୍କ ହାତୀ ବେଶ ଏବଂ ଭକ୍ତମାନଙ୍କ ଆଖିରୁ ଝରିପଡୁଥିବା ଆନନ୍ଦାଶ୍ରୁ ଓଡ଼ିଆ ସଂସ୍କୃତିର ମହାନତାକୁ ପ୍ରତିପାଦିତ କରେ।

ସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁଙ୍କ ଅଣସର ଲୀଳା ଭକ୍ତକୁ ଅପେକ୍ଷା କରିବା ଶିଖାଏ। ଏହି ୧୫ ଦିନର ବିରହ ପରେ ଯେତେବେଳେ ପ୍ରଭୁ 'ନବଯୌବନ' ରୂପରେ ଦର୍ଶନ ଦିଅନ୍ତି ଏବଂ ରଥଯାତ୍ରାରେ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି, ସେତେବେଳେ ଭକ୍ତିର ଜୁଆର ସବୁ ସୀମା ପାର ହୋଇଯାଏ। ସ୍ନାନ ପୂର୍ଣ୍ଣିମା ହିଁ ପ୍ରକୃତରେ ସେହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ମୂଳଦୁଆ ଅଟେ। ଜଗତର ନାଥ ଜଗନ୍ନାଥଙ୍କର ଏହି ଅଲୌକିକ ଲୀଳା ଚିରନ୍ତନ, ଅନାଦି ଓ ଅନନ୍ତ।

ଅରଙ୍ଗାବାଦ ବରୀ ଯାଜପୁର, ମୋବାଇଲ୍:୮୨୪୯୫୦୨୭୭୬



# ଅସୁରକ୍ଷିତ ପଥଚାରୀ

ଯୁଧିଷ୍ଠିର ମହାରଣା



ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଥିବା ଭାରତ ସଡ଼କ ଦୁର୍ଘଟଣାକୁ ନେଇ ଅଲୋଡ଼ା ରେକର୍ଡ଼ ମଧ୍ୟ କରିଛି। ସଡ଼କ ଦୁର୍ଘଟଣାରେ କିଛି ଦିନ ତଳେ ଜନୈକ ମହିଳା ସାମ୍ବାଦିକଙ୍କ ଅଭାବନୀୟ ପରଲୋକ ଓ ପ୍ରତୀକାତ୍ମକ ଭାବେ କଟକର କିଛି ସାମ୍ବାଦିକ ବନ୍ଧୁ ଜୁଡ଼ିସିଆଲ ଏକାଡ଼େମୀରୁ ସିଡ଼ିଏ ଆଡ଼କୁ ଆସିଥିବା କିଛି ଅଞ୍ଚଳ ସ୍ୱତଃ ରାସ୍ତା ସଫା କରି ବାଲି ଓ ଅନ୍ୟ ଆବର୍ଜନା ପରିଷ୍କାର କରିଥିଲେ। ଗୋଟିଏ ସଡ଼କ ଦୁର୍ଘଟଣା ହେବାପରେ ଅନେକ ଚର୍ଚ୍ଚା, ଆଲୋଚନା, ସମୀକ୍ଷା ହୋଇଥାଏ। ବାସ୍ତବ କଥା ହେଉଛି ନିଶାସକ୍ତ ଗାଡ଼ି ଚାଳନା, ହେଲମେଟ ବ୍ୟବହାର ନ କରିବା, କଦର୍ଯ୍ୟ ରାସ୍ତା, ଭିଡ଼ ନିୟନ୍ତ୍ରଣ ଓ ପ୍ରଶାସନର ମନମାନି ଇତ୍ୟାଦି ଏହାର କାରଣ ହୋଇଥାଏ। ତେବେ ଏ ସବୁ ଭିତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାରେ ଯେଉଁ ତତ୍ପରତା ଦେଖାଇଛନ୍ତି ତାହା ଅନେକଙ୍କ ଭିତରେ ଆଶାର କ୍ଷୀଣ ଆଲୋକ ରେଖାଟିଏ ପରି ସ୍ପଷ୍ଟ ହୋଇଛି।

ମାନ୍ୟବର ସୁପ୍ରିମ କୋର୍ଟ ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବର୍ତ୍ତମାନର ସଡ଼କରେ ଯାନବାହାନର ସଂଖ୍ୟା ଯାହା, ବେଲଗାମ ଟ୍ରାଫିକ ବ୍ୟବସ୍ଥା ଏସବୁକୁ ଦେଖିଲେ ଅନେକ ପାଦରେ ଚାଲିବାକୁ ନିରାପଦ ମନେ କରୁଛନ୍ତି। ସେହିପରି ପ୍ରାପ୍ତ ହେଉ ବା ସାଂଧ୍ୟ ଭ୍ରମଣ ଏହା ବରିଷ୍ଠ ନାଗରିକଙ୍କ ଠାରୁ ମହିଳା ଏପରିକି ଶିଶୁ ଓ ଦିବ୍ୟାଙ୍ଗ ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ବିକଳ୍ପ। ତେବେ ଖୋଦ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପଥଚାରୀଙ୍କ ସଂଖ୍ୟା ପାଖାପାଖି ୨୫ ଭାଗ।

ପଥଚାରୀଙ୍କ ପାଇଁ ସଡ଼କରେ ଯେଭଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି। ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟପାଥକୁ କବଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କର ସଂଖ୍ୟା କମ ନୁହେଁ। ଫୁଟପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସି ଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ, ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଟ୍ରାଫିକ ପରିଚାଳନା ଅଭାବରୁ ମଧ୍ୟ ଅନେ ସମୟରେ ଦୁର୍ଘଟଣା ଘଟୁଛି। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲମେଟରେ ଗାଡ଼ି ଚଳନା, ଏଲଇଡ଼ି ଲାଇଟର ପ୍ରଭାବକୁ ଯଥା ସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା / ମହାନଗର ନିଗମ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତୀୟ ରୋଡ଼ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟପାଥର ଡିଜାଇନ ମଧ୍ୟ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟପାଥର ଚଉଡା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟପାଥ ଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅଳ୍ପେ ବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହର ମାନଙ୍କରେ ଫୁଟପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଧାର୍ମିକ, ଅନୁଷ୍ଠାନ, ଐତିହାସିକ, ଶିକ୍ଷାୟତନ, ସ୍ୱାସ୍ଥ୍ୟ କେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି।

ଏଥିସହିତ ପଥଚାରୀମାନଙ୍କ ଫୁଟପାଥ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନଲାଇନ ପୋର୍ଟାଲ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମତେ ପୌରପାଳିକା ମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପଥଚାରୀଙ୍କ ସୁରକ୍ଷାସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୦୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ।

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହ ରାସ୍ତାରେ ଗାଡ଼ି ସଂଖ୍ୟା ମଧ୍ୟ ଲମ୍ଫୁଛି। ଦ୍ରୁତ ଗାଡ଼ି ଚାଳନା, ନିଶାସକ୍ତ ଗାଡ଼ିଚାଳନା, ରାସ୍ତାଘାଟର ଦୂରବସ୍ଥା, କର୍କଶ ହର୍ଣ୍ଣ ଏସବୁକୁ ଦେଖିଲେ ରାସ୍ତାରେ ଚାଲି ଚାଲି ଯାଉଥିବା ଲୋକଟି ପ୍ରତି ଅନ୍ତତଃ ଟ୍ରାଫିକ ପୋଲିସ ମାନଙ୍କ ଠାରୁ କୌଣସି ସହାୟତା ମିଳିନଥାଏ। ପ୍ରଭାବଶାଳୀ ତଦାରଖ ଓ ଉତ୍ତରଦାୟୀ ପ୍ରଶାସନ ଦ୍ୱାରା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ଭିତ୍ତିକ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖନ୍ତୁ। ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପୁରୀ ଜିଲ୍ଲାର ଏକ ବିଦ୍ୟାଳୟର ପିଲାମାନଙ୍କର ରାସ୍ତା ଆରପଟେ ଥିବା ବିଦ୍ୟାଳୟକୁ ପହଞ୍ଚିବା ପାଇଁ ରାସ୍ତା ଅତିକ୍ରମ ସମସ୍ୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଗୁରୁତର ଭାବେ ଗ୍ରହଣ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ପରେ ସମସ୍ୟାର ସମାଧାନ ହୋଇଥିଲା। ତେବେ ସବୁ ପ୍ରସଙ୍ଗରେ ଅଦାଲତି କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୋଇଯାଇଥାଏ। ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନତାର ଗୁରୁ ଦାୟିତ୍ୱ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋବାଇଲ୍:୯୪୩୭୧୬୩୫୨୮

# ସିନ୍ଧୁ ଜଳସନ୍ଧିକୁ ଏକତରଫା ରଦ୍ଦ କରିହେବନି: ପାକ୍

## ଆଜି ଜଳସନ୍ଧି ନେଇ ଉଚ୍ଚସ୍ତରୀୟ ଆଲୋଚନା



**ଇସଲାମାବାଦ,୨୯।୬:** ସିନ୍ଧୁ ଜଳ ଚୁକ୍ତିନାମା ଉପରେ ପାକିସ୍ତାନ ପୁଣିଥରେ ଭାରତକୁ ଚେତାବନୀ ଦେଇଛି। ପାକିସ୍ତାନୀ ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତାରାର ଇସଲାମାବାଦରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତିନାମା ଏକପାଖିଆ ଭାବରେ ପରିବର୍ତ୍ତନ କିମ୍ବା ବାତିଲ କରାଯାଇପାରିବ ନାହିଁ। ସେ ଜୋର ଦେଇ କହିଛନ୍ତି ଯେ, ସିନ୍ଧୁ ନଦୀର ଜଳ ଉପରେ ପାକିସ୍ତାନର ଲୋକଙ୍କର ଅଧିକାର ଅଛି। ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ପ୍ରତ୍ୟାହାର କରିଥିଲା। ଏହାକୁ ନେଇ ପାକିସ୍ତାନ ବାରମ୍ବାର ଭାରତକୁ ସତର୍କ କରାଇଆସୁଛି।

ତରାର କହିଛନ୍ତି ଯେ, ପାକିସ୍ତାନ ପାଇଁ ଜଳ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଦେଶର ଏହା ଉପରେ ଅଧିକାର ଅଛି। ପାକିସ୍ତାନର ଆଭିମୁଖ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ସମର୍ଥନ ମିଳିଛି। ସିନ୍ଧୁ ଜଳ ସନ୍ଧିକୁ ଏକତରଫା ଭାବରେ ରଦ୍ଦ କିମ୍ବା ପରିବର୍ତ୍ତନ କରାଯାଇପାରିବନି। ସେ କହିଛନ୍ତି ଯେ, ସିନ୍ଧୁ ଜଳସନ୍ଧି ସ୍ପଷ୍ଟ ଭାବରେ ଏକ ଢାଞ୍ଚା ତିଆରି କରିଥିଲା, ଯାହାକି ଏବେ ବି ଲାଗୁ ରହିଛି।

ପାକିସ୍ତାନର ସୂଚନା ମନ୍ତ୍ରୀ କହିଛନ୍ତି, ଚୁକ୍ତି ଅନୁଯାୟୀ ପାକିସ୍ତାନର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର ଇସଲାମାବାଦରେ ଏକ ସେମିନାର ଅନୁଷ୍ଠିତ ହେବ। ଏହି ସେମିନାରରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଜଳ ଓ ଆଇନଗତ ବିଶେଷଜ୍ଞମାନେ ଅଂଶଗ୍ରହଣ କରିବେ।

# ବର୍ତ୍ତମାନର ବ୍ୟାଚ୍ ପାଇଁ ଲାଗୁ ହେବନି ଥ୍ରୀ-ଲାଙ୍ଗୁଏଜ୍ ପଲିସି

## ସିବିଏସଇ ନେଲା ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ,୨୯।୬: ସିବିଏସଇର ଥ୍ରୀ-ଲାଙ୍ଗୁଏଜ ପଲିସି ସମ୍ପର୍କରେ ବୋର୍ଡ କହିଛି ଯେ, ବର୍ତ୍ତମାନ ୭ମ, ୮ମ, ୯ମ ଏବଂ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ସିବିଏସଇ ଦ୍ୱାରା ପ୍ରକାଶିତ ନିର୍ଦ୍ଦେଶାବଳୀ ଅନୁଯାୟୀ, ନୂତନ ଭାଷାନୀତି ବର୍ତ୍ତମାନ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ଏହି ବର୍ଷ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରମାନେ ଅତିରିକ୍ତ ବିଷୟ ବିଷୟରେ ଚିନ୍ତା କରିବା ଆବଶ୍ୟକ ନାହିଁ। ୭ମ, ୮ମ ଏବଂ ୯ମ ଶ୍ରେଣୀର ଛାତ୍ରଛାତ୍ରୀ ଯେଉଁମାନେ ପୂର୍ବରୁ ଦୁଇଟି ବିଦେଶୀ ଭାଷା ବାଛିଛନ୍ତି, ସେମାନେ ସେହି ସମାନ ଭାଷା ସହିତ ଜାରି ରଖିପାରିବେ। ତଥାପି, ସେମାନଙ୍କୁ ସେମାନଙ୍କ ସହିତ ଏକ ଭାରତୀୟ ଭାଷା ମଧ୍ୟ ଅଧ୍ୟୟନ କରିବାକୁ ପଡିବ। ସିବିଏସଇ କହିଛି ଯେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ହଠାତ୍ କୌଣସି ପ୍ରଭାବ ନପଡ଼େ ତାହା ନିଶ୍ଚିତ କରିବା ପାଇଁ ନୂତନ ଭାଷା ନୀତି ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ନବମ ଏବଂ ଦଶମ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କୁ ତିନୋଟି ଭାଷା ପଢ଼ିବାକୁ ପଡ଼ିବ। ଏଥିମଧ୍ୟରୁ ଅତି କମରେ ଦୁଇଟି ଭାରତୀୟ ଭାଷା ହେବା ଆବଶ୍ୟକ। ଯଦି ଜଣେ ଛାତ୍ର ପୂର୍ବରୁ ଦୁଇଟି ଭାରତୀୟ ଭାଷା - ଯେପରିକି ହିନ୍ଦୀ ଏବଂ ତାମିଲ - ଅଧ୍ୟୟନ କରୁଛନ୍ତି, ତେବେ ସେମାନେ ଅନ୍ୟ ଏକ ଭାରତୀୟ ଭାଷା କିମ୍ବା ଏକ ବିଦେଶୀ ଭାଷା (ଯେପରିକି ଇଂରାଜୀ କିମ୍ବା ଫରାସୀ)କୁ ସେମାନଙ୍କର ତୃତୀୟ ଭାଷା ଭାବରେ ବାଛିପାରିବେ। ଯଦି ଜଣେ ଛାତ୍ର ତାମିଲ ଏବଂ ଇଂରାଜୀ ଅଧ୍ୟୟନ କରୁଛନ୍ତି, ତେବେ ସେମାନଙ୍କୁ ଏକ ଭାରତୀୟ ଭାଷାକୁ ସେମାନଙ୍କର ତୃତୀୟ ଭାଷା ଭାବରେ ଯୋଡ଼ିବାକୁ ପଡିବ।

# ସଂସଦକୁ ମୁଣ୍ଡିଆ ମାରିଲେ ତରୁଣ ଚୁଗ୍



ନୂଆଦିଲ୍ଲୀ,୨୯।୬: ରାଜ୍ୟସଭା ଏମପି ଭାବରେ ଶପଥ ନେବା ପୂର୍ବରୁ ତରୁଣ ଚୁଗ୍ ସଂସଦ ଭବନର ଫାଟକରେ ମୁଣ୍ଡ ନଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବିଜେପି ତାଙ୍କୁ ମଧ୍ୟପ୍ରଦେଶରୁ ରାଜ୍ୟସଭା ପ୍ରାର୍ଥୀ ଭାବରେ ମନୋନୀତ କରିଛି। ତରୁଣ ଚୁଗ୍ ଦୀର୍ଘ ସମୟ ଧରି ପଞ୍ଜାବ ରାଜନୀତି ଏବଂ ଜାତୀୟସ୍ତରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଅମୃତସରରୁ ଆସିଥିବା ତରୁଣ ଚୁଗ ଛାତ୍ର ରାଜନୀତି ମାଧ୍ୟମରେ ତାଙ୍କର ସାର୍ବଜନୀନ ଜୀବନ ଆରମ୍ଭ କରିଥିଲେ। ସେ ବିଜେପି ଯୁବ ମୋର୍ଚ୍ଚାଠାରୁ ଆରମ୍ଭ କରି ଦଳ ମଧ୍ୟରେ ବିଭିନ୍ନ ସାଂଗଠନିକ ଭୂମିକାରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଭାରତୀୟ ଜନତା ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରନ୍ତି। ଏହା ସହିତ ସେ ଅନେକ ରାଜ୍ୟ ପାଇଁ ସାଂଗଠନିକ ଦାୟିତ୍ୱ ତୁଲାଇଛନ୍ତି। ବିଜେପି ମଧ୍ୟରେ ରାଜ୍ୟ ସଭା ପ୍ରାର୍ଥୀଙ୍କ ଚୟନରେ ଦୀର୍ଘ ସମୟ ବିଚାର ଏବଂ ପରାମର୍ଶ ନିଆଯାଇଥିଲା। ଏହି ପ୍ରକ୍ରିୟା ଅନୁସରଣ କରି ତରୁଣ ଚୁଗ୍‌ଙ୍କ ନାମାଙ୍କନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଦଳୀୟ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ତାଙ୍କ ପ୍ରାର୍ଥୀତ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ଭାବରେ ଦେଖାଯାଉଛି।

# ଏସି ଫାଟି ଭୟଙ୍କର ଅଗ୍ନିକାଣ୍ଡ



ନୋଏଡା,୨୯।୬: ସୋମବାର ନୋଏଡାରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ସେକ୍ଟର ୧୧୯ ସ୍ଥିତ ଅରଣ୍ୟ ସୋସାଇଟିର ୨୨ତମ ମହଲାରେ ଥିବା ଏକ ଫ୍ଲାଟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଘଟଣାସ୍ଥଳକୁ ଛଅଟି ଦମକଳ ବାହିନୀ ପହଞ୍ଚିଛି। ଦିଲ୍ଲୀ ସୀମାବର୍ତ୍ତୀ ସହର ନୋଏଡାର ସେକ୍ଟର ୧୧୩ ପୋଲିସ ଷ୍ଟେଶନ ଅଧୀନରେ ଥିବା ଅରଣ୍ୟ ସୋସାଇଟି (ସେକ୍ଟର ୧୧୯) ମଧ୍ୟରେ ଥିବା ଏକ ଫ୍ଲାଟରେ ଅଗ୍ନିକାଣ୍ଡ ଘଟିଛି। ଘଟଣାସ୍ଥଳକୁ ଛଅଟି ଦମକଳ ବାହିନୀ ପହଞ୍ଚି ଅଗ୍ନି ନିର୍ବାପନ କାର୍ଯ୍ୟ ଜାରି ରଖିଛି। ସୌଭାଗ୍ୟବଶତଃ, ଏପର୍ଯ୍ୟନ୍ତ କୌଣସି ମୃତାହତଙ୍କ ରିପୋର୍ଟ ମିଳିନାହିଁ। ପ୍ରାଥମିକ ସୂଚନା ଅନୁଯାୟୀ ଅଗ୍ନିକାଣ୍ଡଟି ଏସି ୟୁନିଟ ବିସ୍ଫୋରଣ ଯୋଗୁ ଘଟିଥିଲା। ଉପର ମହଲାକୁ ତୀବ୍ର ନିଆଁ ବ୍ୟାପି ଯାଇଛି।

# ସମୁଦ୍ରରେ ପଡ଼ିଲା ବିମାନ, ଡେଣାରେ ବସି ବଞ୍ଚିଗଲେ ଯାତ୍ରୀ



ଆୟର୍ଲାଣ୍ଡ, ୨୯।୬: ୱେଲ୍ସ ଉପକୂଳରେ ଏକ ବିମାନ ଦୁର୍ଘଟଣା ଘଟିଛି। ଏକ ମାଇକ୍ରୋଲାଇଟ୍ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସମୁଦ୍ର ମଧ୍ୟରେ ଜରୁରୀ ଅବତରଣ କରିଥିଲା। ତେବେ ଉଦ୍ଧାରକାରୀ ଦଳ ଯେତେବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ, ସେମାନେ ଦୁଇଜଣ ଯାତ୍ରୀଙ୍କୁ ବିମାନର ଡେଣା ଉପରେ ଶାନ୍ତ ଭାବେ ବସିଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବିମାନଟି ଆୟର୍ଲାଣ୍ଡରୁ ଇଟାଲୀ ଯାଉଥିବା ବେଳେ ୱେଲ୍ସର ଆବରପୋର୍ଥ ଗ୍ରାମ ନିକଟରେ ଇନ୍ଧନ ଭରିବା ପାଇଁ ଯୋଜନା କରିଥିଲା। କିନ୍ତୁ ଯାନ୍ତ୍ରିକ ଅସୁବିଧା ଯୋଗୁଁ ସନ୍ଧ୍ୟା ୬ଟା ସମୟରେ ଏହା ସମୁଦ୍ର ମଧ୍ୟରେ ଖସିପଡ଼ିଥିଲା। ଉଭୟ ଯାତ୍ରୀ ଲାଇଫ୍ ଜ୍ୟାକେଟ୍ ପିନ୍ଧି ବିମାନର ଡେଣା ଉପରେ ବସିଥିବାର ଦେଖିବାକୁ ମିଳିଥିଲା। ସେମାନଙ୍କ ଶରୀରରେ କୌଣସି ଆଘାତ ନଥିଲେ ମଧ୍ୟ ସେମାନେ ଦୁର୍ଘଟଣା ଯୋଗୁଁ ସ୍ତବ୍ଧ ହୋଇଯାଇଥିଲେ। ଉଦ୍ଧାରକାରୀ ଦଳର ନାଭିଗେଟର୍, ରିସ୍-ଟମ୍ ଜୋନ୍ସ କହିଛନ୍ତି ଯେ, ଉଦ୍ଧାର ହୋଇଥିବା ଯାତ୍ରୀଙ୍କ ମଧ୍ୟରୁ ଜଣେ ୨୦୨୧ ମସିହାରେ ସେମାନଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଜଣେ ଆୟର୍ଲାଣ୍ଡର ନାବିକଙ୍କ ପଡ଼ୋଶୀ ଥିଲେ। ଏହି ଘଟଣାକୁ ନେଇ ଯାତ୍ରୀମାନେ ଜରୁରୀକାଳୀନ ସେବା ପ୍ରଦାନକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଡିନରକୁ ଡାକି ପ୍ରେମିକାକୁ ହତ୍ୟା



ବେଙ୍ଗାଲୁରୁ, ୨୯।୬: କର୍ଣ୍ଣାଟକର ବେଙ୍ଗାଲୁରୁରେ ଜଣେ ଯୁବକ ନିଜ ପ୍ରେମିକାକୁ ରାତ୍ରିଭୋଜନ (ଡିନର) ପାଇଁ ଡାକି ଛୁରୀ ଭୁସି ହତ୍ୟା କରିଛି। ମୃତ ଯୁବତୀଙ୍କ ନାମ ଅଞ୍ଜଳି (୨୩)। ପୁଲିସର ସୂଚନା ଅନୁଯାୟୀ, ଅଞ୍ଜଳି ଓ ରାଜୀବ ଗୋଟିଏ ସଂସ୍ଥାରେ କାମ କରୁଥିଲେ। ୩ ରୁ ୪ ବର୍ଷ ହେବ ସେମାନେ ପ୍ରେମ ସମ୍ପର୍କରେ ଥିଲେ। ତେବେ ଅଞ୍ଜଳିଙ୍କ ପରିବାର ସେମାନଙ୍କ ସମ୍ପର୍କକୁ ପ୍ରତ୍ୟାଖ୍ୟାନ କରିଥିଲେ। ରାଜୀବ ସହଜରେ ଏହାକୁ ଗ୍ରହଣ କରିପାରିନଥିଲେ। ରବିବାର ସନ୍ଧ୍ୟାରେ ରାଜୀବ ଅଞ୍ଜଳିଙ୍କୁ ରାତ୍ରିଭୋଜନ ପାଇଁ ଡାକିଥିଲେ। ସେଠାରେ ସେ ପୁନର୍ବାର ବିବାହ ପ୍ରସଙ୍ଗ ଉଠାଇଥିଲେ, ଯାହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଝଗଡ଼ା ବଢ଼ିବାରୁ ଅଞ୍ଜଳି ସେଠାରୁ ଚାଲିଯିବାକୁ ଚେଷ୍ଟା କରିଥିଲେ। ରାଜୀବ ପୂର୍ବ ପ୍ରସ୍ତୁତି ମୁତାବକ ଏକ ଧାରୁଆ ଛୁରୀରେ ଅଞ୍ଜଳିଙ୍କ ତଣ୍ଟି କାଟି ଦେଇଥିଲେ।

## ଷ୍ଟାଲିନ୍‌ଙ୍କ ଭବିଷ୍ୟବାଣୀ

# କୌଣସି ବି ମୁହୂର୍ତ୍ତରେ ହୋଇପାରେ ନିର୍ବାଚନ



ଚେନ୍ନାଇ, ୨୯।୬: ତାମିଲନାଡୁ ରାଜନୀତିକୁ ନେଇ ଷ୍ଟାଲିନ ଭବିଷ୍ୟବାଣୀ ମଧ୍ୟ କରିଛନ୍ତି। ରାଜ୍ୟରେ ଆସନ୍ତା ୩ ରୁ ୬ ମାସ ମଧ୍ୟରେ ଯେକୌଣସି ସମୟରେ ପୁଣିଥରେ ନିର୍ବାଚନ ହୋଇପାରେ ବୋଲି ସେ କହିଛନ୍ତି। ଚେନ୍ନାଇଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ସେଠାରେ କର୍ମୀଙ୍କୁ ସମ୍ବୋଧିତ କରି ସେ ଏଭଳି ଦାବି କରିଛନ୍ତି। ଏହି ମିଶ୍ରଣ ପର୍ବରେ ଏଆଇଏଡିଏମକେର ପୂର୍ବତନ ମନ୍ତ୍ରୀ ବେଞ୍ଜାମିନଙ୍କ ସହ ବହୁ ସଂଖ୍ୟକ କର୍ମୀ ଡିଏମକେରେ ଯୋଗ ଦେଇଛନ୍ତି। ଷ୍ଟାଲିନ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ବିଜୟ ସରକାରଙ୍କୁ ଦୁର୍ବଳ ବୋଲି କହିଛନ୍ତି ଏବଂ ସେ ନିଜର ୫ ବର୍ଷର କାର୍ଯ୍ୟକାଳ ପୂରଣ କରିପାରିବେ ନାହିଁ ବୋଲି ସଙ୍କେତ ଦେଇଛନ୍ତି। ନିଜ ଆସନରୁ ହାରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଷ୍ଟାଲିନ କହିଛନ୍ତି ଯେ, ସୁପରଷ୍ଟାର ବିଜୟଙ୍କ ଦଳ 'ତାମିଲଗା ଭେଟ୍ରି କାଝଗମ' ପାଖରେ ସ୍ୱାଧୀନ ଭାବରେ ସରକାର ଗଢ଼ିବା ପାଇଁ ଜନମତ ନାହିଁ। ବହୁମତ ପାଇଁ ୧୧୮ଟି ଆସନର ଆବଶ୍ୟକତା ଥିବାବେଳେ ଟିଭିକେ ମାତ୍ର ୧୦୮ଟି ଆସନ ଜିତିଛି। କଂଗ୍ରେସ, ବାମପନ୍ଥୀ ଦଳ, ଭିସିକେ ଏବଂ ଆଇୟୁଏମଏଲ ଭଳି ଦଳଗୁଡ଼ିକର ସମର୍ଥନରେ ଏହି ସରକାର ଚାଲିଛି, ଯେଉଁମାନେ କିଛି ଦିନ ପୂର୍ବରୁ ଡିଏମକେ ମେଣ୍ଟର ଅଂଶୀଦାର ଥିଲେ।

ଅନ୍ୟପଟେ ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ମଧ୍ୟ ଶାସକ ଦଳକୁ ତୀବ୍ର ସମାଲୋଚନା କରିଛନ୍ତି।

# ଆସାମରେ ବନ୍ୟା ବିଭୀଷିକା, ୨୨ ହଜାର ପ୍ରଭାବିତ



ଗୁଆହାଟୀ, ୨୯।୬: ଆସାମରେ ବନ୍ୟା ବିପ୍ଳବ। ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ହାହାକାର ସ୍ଥିତି। ବନ୍ୟା ଯୋଗୁଁ ୬ଟି ଜିଲ୍ଲାରେ ପ୍ରାୟ ୨୨ ହଜାର ଲୋକେ ପ୍ରଭାବିତ ହୋଇଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ ଏନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି। ବନ୍ୟା ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟ ସେୟାର କରିଛନ୍ତି।

ଆସାମ ଏବଂ ପଡୋଶୀ ଅରୁଣାଚଳ ପ୍ରଦେଶରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଧେମାଜି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେପଟେ ପ୍ରବଳ ବନ୍ୟା ଯୋଗୁଁ ସିମେନ ନଦୀ ଉପରେ ନିର୍ମିତ ରେଳୱେ ବ୍ରିଜ୍ ଧୋଇ ଯାଇଛି। ନର୍ଥଇଷ୍ଟ ଫ୍ରଣ୍ଟିଅର ରେଳୱେର ଜଣେ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି। ଆସାମ ବିପର୍ଯ୍ୟୟ ପ୍ରଶମନ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଧେମାଜି, ନଲବାଡି, ଡିବ୍ରୁଗଡ଼, ଚିରାଙ୍ଗ, ଲକ୍ଷ୍ମୀପୁର ଓ କୋକରାଝାର ଜିଲ୍ଲାରେ ମୋଟ ୨୨,୧୨୪ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଧେମାଜି ସବୁଠୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ପ୍ରାୟ ୧୫ ହଜାର ୪୮୩ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଏବେ ସୁଦ୍ଧା ୯୬ଟି ଗାଁ ବନ୍ୟା ପାଣିରେ ବୁଡ଼ି ଯାଇଛି। ପ୍ରାୟ ୧୬୯୦ ହେକ୍ଟର ଚାଷଜମି ନଷ୍ଟ ହୋଇଯାଇଛି।

## ରାମମନ୍ଦିର ଦାନ ଚୋରି ମାମଲା

# ଯାଞ୍ଚ ପୂର୍ବରୁ ଜବତ ହୋଇଥିଲା ୫୮ ଲକ୍ଷ ଟଙ୍କା



**ଅଯୋଧ୍ୟା, ୨୯।୬:** ରାମମନ୍ଦିର ଦାନ ଚୋରି ମାମଲାରେ ନୂଆ କଥା ପଦାକୁ ଆସିଛି, ଫଳରେ ପୁରା ମାମଲା ନୂଆ ମୋଡ଼ ନେଇଛି। ସୂତ୍ରଙ୍କ ଅନୁସାରେ ମାମଲାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ନିଯୁକ୍ତ ଏସଆଇଟି ଯାଞ୍ଚ ପୂର୍ବରୁ ଆଶ୍ଚର୍ଯ୍ୟଜନକ ରୂପେ ଚୋରି ଦାନରୁ ୫୮ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏଣୁ ମନ୍ଦିର ଟ୍ରଷ୍ଟ ପାଇଁ କାମ କରୁଥିବା ଲୋକଙ୍କ ଭୂମିକା ଓ ସେମାନଙ୍କ ଉତ୍ତରଦାୟିତା ପ୍ରତି ଏବେ ପ୍ରଶ୍ନ ଉଠୁଛି।

ସୂତ୍ର ଅନୁସାରେ ଟ୍ରଷ୍ଟର କିଛି ସଦସ୍ୟ ଅଭିଯୋଗର ଅନ୍ତରୀଣ ଯାଞ୍ଚ କରିଥିଲେ ଓ ମନ୍ଦିରର ସେବକ ଅବିନାଶ ଶୁକ୍ଳାଙ୍କଠାରୁ ୫୮ ଲକ୍ଷ ଟଙ୍କା ଜବତ କରିଥିଲେ। ଗତ ସପ୍ତାହରେ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ଅବିନାଶ ମଧ୍ୟ ଅଛନ୍ତି। ଏହି ଜବତ ଦାନ ଚୋରି ଅଭିଯୋଗ ସାର୍ବଜନିକ ହେବା ଓ ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ ହେବାର ୯ ଦିନ ପୂର୍ବରୁ ହୋଇଥିଲା। ଗତ ସପ୍ତାହରେ ଉତ୍ତରପ୍ରଦେଶ ସରକାରଙ୍କୁ ଦିଆଯାଇଥିବା ଏସଆଇଟି ରିପୋର୍ଟ ଆଧାରରେ ଏବେ ଏଫଆଇଆର ରୁଜୁ ହେବ ଓ ଅବିନାଶ ଶୁକ୍ଳା ସମେତ ୮ ଜଣଙ୍କୁ ଗିରଫ କରାଯିବ।

ସୂତ୍ର ଅନୁସାରେ ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ନିର୍ଦ୍ଦେଶରେ ଜୁନ ୫ ତାରିଖ ଦିନ ଟ୍ରଷ୍ଟର ପ୍ରତିନିଧି ପୋଲିସ ସହିତ ଅଭିଯୁକ୍ତ ଅବିନାଶ ଶୁକ୍ଳାଙ୍କ ବାସଭବନ ଉପରେ ଚଢ଼ଉ କରିଥିଲେ। ଏହି ସମୟରେ କଥିତ ରୂପେ ପାଖାପାଖି ୫୮ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହାର ତୁରନ୍ତ ବାଦ ଚମ୍ପତ ରାୟ ଓ ଟ୍ରଷ୍ଟ ସଦସ୍ୟ ଅନିଲ ମିଶ୍ର ନୈତିକତା ଆଧାରରେ ନିଜ ପଦପଦବୀରୁ ଇସ୍ତଫା ଦେଇଥିଲେ। ତଦନ୍ତ ସହିତ ସମ୍ପର୍କିତ ସୂତ୍ର ଅନୁସାରେ ଏହି ଘଟଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ଜବତ ଔପଚାରିକ ଅଭିଯୋଗ ରୁଜୁ ହେବା ପୂର୍ବରୁ ହୋଇଥିଲା।

# ଏମଭି ସିଥ୍ଥାକୁ ଉଦ୍ଧାର କଲେ ତଟରକ୍ଷୀ ବାହିନୀ



ଚେନ୍ନାଇ, ୨୯।୬: ତାମିଲନାଡୁର ତିରୁଚେନ୍ଦୁର ଉପକୂଳରେ ସମୁଦ୍ରରେ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଜୁନ୍ ୨୭ ତାରିଖରେ ମାଲବାହୀ ଜାହାଜ ଏମଭି ସିଥ୍ଥାର ଅନେକ ଅଂଶ ହଠାତ୍ ସମୁଦ୍ର ପାଣିରେ ଭର୍ତ୍ତି ହେବା ଆରମ୍ଭ କରିଥିଲା। ପରିସ୍ଥିତି ଜଟିଳ ହେବା ପରେ ଜାହାଜକୁ ସାହାଯ୍ୟ ପାଇଁ ଅନୁରୋଧ କରାଯାଇଥିଲା। ସୂଚନା ପାଇବା ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ଆଇସିଜିଏସ ଅତୁଲ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଭାରତୀୟ ତଟରକ୍ଷୀ ବାହିନୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇ କହିଛି, ସ୍ୱତନ୍ତ୍ର ଦଳ ଜାହାଜରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପାଣି ବାହାର କରିବା, ଜାହାଜର ଜରୁରୀକାଳୀନ ମରାମତି କରିବା ଏବଂ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା କାମ କରାଯାଇଥିଲା। ସମୟୋଚିତ ପଦକ୍ଷେପ ଯୋଗୁଁ ଜାହାଜଟି ବୁଡ଼ିବାରୁ ରକ୍ଷା ପାଇଯାଇଥିଲା ଏବଂ ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ରହିଥିଲେ। ତଟରକ୍ଷୀ ବାହିନୀର ସୂଚନା ଅନୁଯାୟୀ, ଏମଭି ସିଥ୍ଥାର ଅନେକ କମ୍ପାର୍ଟମେଣ୍ଟରେ ପାଣି ଭର୍ତ୍ତି ହେବା ଆରମ୍ଭ ହୋଇଯାଇଥିଲା। ଏହା ଜାହାଜ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରିଥିଲା। ତଟରକ୍ଷୀ ବାହିନୀର ବୋର୍ଡିଂ ଦଳ ଜାହାଜରେ ଚଢ଼ି ପରିସ୍ଥିତିର ସମୀକ୍ଷା କରିଥିଲେ। ଉଦ୍ଧାରକାରୀ ଦଳ, ଉଦ୍ଧାର ବିଶେଷଜ୍ଞଙ୍କ ସହ, ଜରୁରୀକାଳୀନ ମରାମତି କରିଥିଲେ।

# ଜେଟ୍ ବିମାନ ପରି ଶବ୍ଦ କରି ବିଶ୍ୱ ରେକର୍ଡ



କାନବେରା, ୨୯।୬: ଅଷ୍ଟ୍ରେଲିଆର କାନବେରାରେ ରହୁଥିବା ଜୋସେଫ୍ ମ୍ୟାକଗ୍ରେଲ-ବେଟଅପ୍ ଜୋର୍‌ରେ ଚିତ୍କାର କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ଗତ ସପ୍ତାହରେ ୫୮ ବର୍ଷୀୟ ଜୋସେଫ୍‌ଙ୍କୁ ଆନୁଷ୍ଠାନିକ ଭାବେ ବିଶ୍ୱର ସବୁଠୁ ଜୋର୍‌ରେ ଚିତ୍କାର କରୁଥିବା ବ୍ୟକ୍ତି ଭାବେ ମାନ୍ୟତା ମିଳିଛି। ରେକର୍ଡ ସ୍ଥାପନ ଲାଗି ଜୋସେଫ୍ ୧୨୨.୪ ଡେସିବେଲ୍ ତୀବ୍ରତାରେ 'ନାଓ' ଶବ୍ଦ ଉଚ୍ଚାରଣ କରିଥିଲେ। ଏତେ ଜୋର୍ ଶବ୍ଦ ମଣିଷର ଶ୍ରବଣ ଶକ୍ତିକୁ ଖରାପ କରିପାରେ। ଏହା ରକ୍ କନ୍‌ସର୍ଟ ଏବଂ ଜେଟ୍ ବିମାନ ଟେକଅଫ୍ କରିବାବେଳେ ସୃଷ୍ଟି ହେଉଥିବା ଶବ୍ଦର ସ୍ତର ସହ ସମାନ। ଜୋସେଫ୍‌ଙ୍କ ପେସା ତାଙ୍କୁ ଏଥିଲାଗି ଅନେକାଂଶରେ ସହାୟତା କରିଛି। ୨୦୧୭ରେ ତାଙ୍କୁ କାନବେରାର ଆନୁଷ୍ଠାନିକ ଟାଉନ୍ କ୍ରାୟର(ଘୋଷଣା କରୁଥିବା ବ୍ୟକ୍ତି) ଭାବେ ନିଯୁକ୍ତି ମିଳିଥିଲା। ଏହି ପଦରେ ନିଯୁକ୍ତ ଲୋକଙ୍କୁ ସାର୍ବଜନୀନ କାର୍ଯ୍ୟକ୍ରମରେ ବଡ଼ ପାଟିରେ ଘୋଷଣା କରିବାକୁ ହୋଇଥାଏ। ଜୋସେଫ୍ ଅଦ୍ୟାବଧି ଅନେକ କାର୍ ଶୋ', ସାର୍ବଜନୀନ କାର୍ଯ୍ୟକ୍ରମରେ ଏହି ଦାୟିତ୍ୱ ନିର୍ବାହ କରିସାରିଛନ୍ତି।

ଏ ସଂପର୍କରେ ସେ କହିଛନ୍ତି, ବହୁ ଜୋର୍‌ରେ ଚିତ୍କାର କରି 'ନାଓ' ଶବ୍ଦ କହିବା ଲାଗି ତାଙ୍କୁ ୭ ଥର ଉଦ୍ୟମ କରିବାକୁ ପଡିଥିଲା। ତେବେ ପରବର୍ତ୍ତୀ କିଛି ଦିନ ଧରି ତାଙ୍କର ଗଳା ଖରାପ ହୋଇଯାଇଥିଲା। ତାହା ଏକ ତିକ୍ତ ଅନୁଭୂତି ଥିଲା। କିନ୍ତୁ ଗିନିଜ୍ ରେକର୍ଡରେ ସ୍ଥାନ ପାଇବା ପରେ ତାଙ୍କର ଖୁସିର ଠିକଣା ନାହିଁ। ପୂର୍ବରୁ ଏହି ରେକର୍ଡ ନଦର୍ଣ୍ଣ ଆୟରଲ୍ୟାଣ୍ଡର ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କ ନାମରେ ରହିଥିଲା।

# ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ ଜଳିଗଲା ରୁଷିଆର ତୈଳ ବିଶୋଧନାଗାର



ମସ୍କୋ, ୨୯।୬: ୟୁକ୍ରେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ପଞ୍ଚମ ବର୍ଷରେ ପ୍ରବେଶ କରିଥିବା ବେଳେ ୟୁକ୍ରେନ ପକ୍ଷରୁ ରୁଷିଆ ଉପରେ ଆକ୍ରମଣ ଜୋରଦାର କରାଯାଇଛି। ରୁଷିଆର ଦକ୍ଷିଣାଞ୍ଚଳରେ ଥିବା ଏକ ପ୍ରମୁଖ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ ଭୟଙ୍କର ଡ୍ରୋନ୍ ମାଡ଼ କରିଛି, ଯାହା ଫଳରେ ସେଠାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଟେଲିଗ୍ରାମ ଆପ୍‌ରେ ସୂଚନା ଦେଇ କହିଛନ୍ତି, ଆମର ଦୂରଗାମୀ ଡ୍ରୋନ୍ ରୁଷିଆର ଦୁଇଟି ପ୍ରମୁଖ ତୈଳ ବିଶୋଧନାଗାରରେ ପହଞ୍ଚିବାରେ ସଫଳ ହୋଇଛି। ପ୍ରତିଟି ଆକ୍ରମଣ ରୁଷିଆର ଯୁଦ୍ଧ ମେସିନକୁ ଦୁର୍ବଳ କରୁଛି। ଶାନ୍ତି ପ୍ରତିଷ୍ଠା ଦିଗରେ ଏହା ଆମର ଆଉ ଏକ ପଦକ୍ଷେପ।

ୟୁକ୍ରେନର ଏହି ରଣନୀତି ଉପରେ ପ୍ରତିକ୍ରିୟା ରଖି ପୁଟିନ୍ କହିଛନ୍ତି ଯେ, ଏହା ରୁଷିଆ ସମାଜରେ ବିଭାଜନ ସୃଷ୍ଟି କରିବା ଏବଂ ଯୁଦ୍ଧକ୍ଷେତ୍ରରେ ରୁଷିଆ ସେନାର ଅଗ୍ରଗତିକୁ ରୋକିବା ପାଇଁ ୟୁକ୍ରେନର ଏକ ପ୍ରୟାସ। ପୁଟିନ୍ ସ୍ପଷ୍ଟ କରିଛନ୍ତି ଯେ, ଏହି ଆକ୍ରମଣ ଦ୍ୱାରା ସୀମାରେ ଯୁଦ୍ଧର ସ୍ଥିତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ରୁଷିଆ ଶତ୍ରୁକୁ କଦାପି ସୁଯୋଗ ଦେବ ନାହିଁ। ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ୟୁକ୍ରେନ ପକ୍ଷରୁ ଯୁଦ୍ଧକୁ କେବଳ ଚାରୋଟି ଅଞ୍ଚଳ ଡୋନେସ୍କ, ଲୁହାନସ୍କ, ଖେରସନ ଏବଂ ଜାପୋରିଜିଆ ମଧ୍ୟରେ ସୀମିତ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ରୁଷିଆ ପ୍ରତ୍ୟାଖ୍ୟାନ କରିଦେଇଛି।

## ରୁଷ୍‌ରେ ତୈଳ ସଂକଟ

ମସ୍କୋ, ୨୯।୬: ରୁଷରେ ୮୦ ବିଲିୟନ ବ୍ୟାରେଲ ଅଶୋଧିତ ତୈଳ ଗଚ୍ଛିତ ଅଛି। ଭାରତ, ଚୀନ୍ ଓ ତୁର୍କୀ ସମେତ ବିଶ୍ୱର ୩୦ ରୁ ଅଧିକ ଦେଶ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ରୁଷରୁ ତେଲ କିଣିଥାନ୍ତି। ତେବେ ସମ୍ପ୍ରତି ରୁଷ ଏକ ଗୁରୁତର ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି। ରୁଷର ରାଜରାସ୍ତାରେ ପେଟ୍ରୋଲ ପମ୍ପ ବାହାରେ ଯାନବାହାନର ଲମ୍ବା ଧାଡ଼ି ଦେଖାଯାଉଛି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ତାଙ୍କ ଦେଶ ଗୁରୁତର ତୈଳ ସଙ୍କଟର ସମ୍ମୁଖୀନ ହେଉଛି। ଏନେଇ ସେ କାଜାଖସ୍ତାନ ଓ ଭାରତଠାରୁ ସାହାଯ୍ୟ ଲୋଡିଛନ୍ତି। ୟୁକ୍ରେନର ଆକ୍ରମଣ ଯୋଗୁଁ ରୁଷ ତୈଳ ସଙ୍କଟର ସମ୍ମୁଖୀନ ହେଉଛି ବୋଲି ପୁଟିନ ସ୍ୱୀକାର କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ୟୁକ୍ରେନ ସହ ଜାରି ରହିଥିବା ଯୁଦ୍ଧ ଯୋଗୁଁ ବାରମ୍ବାର ଆକ୍ରମଣ ଦ୍ୱାରା ରୁଷରେ ତୈଳ ଅଭାବ ଦେଖାଦେଇଛି।

# ଅଙ୍କିତ ସାଜି ପ୍ରେମ ଜାଲରେ ଫସେଇଲା

## ପୁଣି ଲଭ୍ ଜିହାଦ୍




**ମଧ୍ୟପ୍ରଦେଶ, ୨୯।୬:** ମଧ୍ୟପ୍ରଦେଶର ଜବଲପୁରସ୍ଥିତ ଘମାପୁର ଥାନା ଅଞ୍ଚଳରୁ ଏକ ସନ୍ଦିଗ୍ଧ 'ଲଭ୍ ଜିହାଦ' ମାମଲା ସାମ୍ନାକୁ ଆସିଛି। ଜଣେ ମୁସଲିମ୍ ଯୁବକ ନିଜର ପରିଚୟ ଲୁଚାଇ, ନିଜ ନାଁ ବଦଳାଇ ଜଣେ ହିନ୍ଦୁ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ସହର ବାହାରକୁ ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକର ପ୍ରକୃତ ନାମ ନେକ୍ ଅଲ୍ଲୀ ବୋଲି ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ 'ହିନ୍ଦୁ ଧର୍ମସେନା'ର କର୍ମକର୍ତ୍ତାମାନେ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଣକ ଫେସବୁକରେ 'ଅଙ୍କିତ' ନାମରେ ଏକ ନକଲି ପ୍ରୋଫାଇଲ୍ ତିଆରି କରି ପ୍ରେମ ଜାଲ ବିଛାଇଥିଲା ଏବଂ ଗତ ୫ ବର୍ଷ ଧରି ତାଙ୍କୁ ଶାରୀରିକ ଶୋଷଣ କରିଆସୁଥିଲା। ପରବର୍ତ୍ତୀ ସମୟରେ ଯେତେବେଳେ ତାର ପ୍ରକୃତ ପରିଚୟ 'ନେକ୍ ଅଲ୍ଲୀ ଖାନ୍' ବୋଲି ଜଣାପଡ଼ିଲା, ସେତେବେଳେ ଯୁବତୀ ଜଣକ ବିବାହ ପାଇଁ ଚାପ ପକାଇଥିଲେ। ଏହାପରେ ଅଭିଯୁକ୍ତ ତାଙ୍କୁ ମୁମ୍ବାଇ ନେଇଯାଇଥିଲା। ଯୁବତୀଙ୍କ ଦାବି ଅନୁସାରେ, ମୁମ୍ବାଇରେ ଅଭିଯୁକ୍ତ ଏବଂ ତାର ମା' ମିଶି ତାଙ୍କୁ ବନ୍ଧକ ରଖିଥିଲେ। ସେଠାରେ ତାଙ୍କୁ ବିକ୍ରି କରିବା ସହ ମୁଜରା କରାଇବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ରଚିଥିଲେ। ତେବେ ସେ କୌଣସି ପ୍ରକାରେ ସେମାନଙ୍କ କବଳରୁ ରକ୍ଷା ପାଇ ଜବଲପୁର ଫେରିଆସିଥିଲେ ଏବଂ ଘମାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ କହିବା ଅନୁସାରେ, ପ୍ରଥମେ ପୁଲିସ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ନଦେଇ ଫେରାଇ ଦେଇଥିଲା। ଏହି ବିଷୟରେ 'ହିନ୍ଦୁ ଧର୍ମସେନା' ଅବଗତ ହେବା ପରେ ସଙ୍ଗଠନର ସଦସ୍ୟମାନେ ପୀଡ଼ିତାଙ୍କୁ ସାଥିରେ ଧରି ଥାନାରେ ପହଞ୍ଚିଥିଲେ। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଘମାପୁର ଥାନା ପ୍ରଭାରୀ ଦିନେଶ ଗୌତମ ସୂଚନା ଦେଇଛନ୍ତି ଯେ, ଯୁବତୀ ଜଣକ ପୂର୍ବରୁ ମଧ୍ୟ ଏକ ଲିଭ୍-ଇନ୍ ରିଲେସନସିପ୍ ସମ୍ବନ୍ଧୀୟ ଅଭିଯୋଗ ଆଣିଥିଲେ। ଘଟଣାର ତଦନ୍ତ କରାଯାଉଥିବା ବେଳେ ଅଭିଯୁକ୍ତର ପ୍ରକୃତ ପରିଚୟ ଏବଂ ସମସ୍ତ ତଥ୍ୟ ଯାଞ୍ଚ କରାଯିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

ଫିଫା ବିଶ୍ୱକପ୍

# ଦକ୍ଷିଣ ଆଫ୍ରିକାକୁ ହରାଇ କ୍ୱାର୍ଟର୍‌ରେ କାନାଡା



ଲସ୍ ଏଞ୍ଜେଲ୍ସ,୨୯।୬: ଚଳିତ ଫିଫା ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଏବେ ପ୍ରିକ୍ୱାର୍ଟର୍ ପର୍ଯ୍ୟାୟ ଅର୍ଥାତ୍ ପ୍ରତିଯୋଗିତାର ନକ୍‌ଆଉଟ୍ ପର୍ଯ୍ୟାୟ ଜାରି ରହିଛି। ଏଥିରେ ଗତକାଲି ବିଳମ୍ବିତ ରାତିରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୧-୦ରେ ପରାସ୍ତ କରି କାନାଡା ପ୍ରତିଯୋଗିତାର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ମ୍ୟାଚ୍‌ର ଧାର୍ଯ୍ୟ ସମୟରେ କୌଣସି ଗୋଲ୍ ହୋଇନଥିବା ବେଳେ ଷ୍ଟପେଜ୍ ଟାଇମ୍‌ରେ କାନାଡାର ୭ ନମ୍ବର ଖେଳାଳି ଷ୍ଟିଫେନ୍ ଇଷ୍ଟାକ୍ୱିଓଙ୍କ ଗୋଲ୍ ବଳରେ କାନାଡା ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଏଥିସହ ପ୍ରତିଯୋଗିତାର ଅନ୍ୟତମ ଆୟୋଜକ କାନାଡା ଦଳ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିବାର ଗୌରବ ମଧ୍ୟ ହାସଲ କରିଛି। ଧାର୍ଯ୍ୟ ସମୟ ସୁଦ୍ଧା କେହି ଗୋଲ୍ ଦେଇନପାରିବାରୁ ମ୍ୟାଚ୍‌ଟି ଅତିରିକ୍ତ ସମୟକୁ ଯିବା ପୂର୍ବରୁ ଷ୍ଟିଫେନ୍ ଦକ୍ଷିଣ ଆଫ୍ରିକୀୟ ପ୍ରଶଂସକଙ୍କ ହୃଦୟ ଭାଙ୍ଗିଦେଇଥିଲେ। ଏଥିସହ ଦକ୍ଷିଣ ଆଫ୍ରିକା ପ୍ରତିଯୋଗିତାରୁ ବିଦାୟ ନେଇଥିବା ବେଳେ କାନାଡା ଆସନ୍ତା ୪ ତାରିଖରେ ହଷ୍ଟନ୍‌ଠାରେ ଖେଳାଯିବାକୁ ଥିବା କ୍ୱାର୍ଟର୍ ଫାଇନାଲ୍‌ରେ ମରକ୍କୋ କିମ୍ବା ନେଦରଲ୍ୟାଣ୍ଡ୍‌ସକୁ ଭେଟିବ। ମ୍ୟାଚ୍ ପରେ କାନାଡା ଦଳର କୋଚ୍ ଜେସ୍ ମାର୍ଷ କହିଛନ୍ତି ଯେ ଆମ ଦଳର ଖେଳାଳିମାନେ ଧାର୍ଯ୍ୟ ସମୟ ମଧ୍ୟରେ ଏକାଧିକ ଗୋଲ୍ କରିବାର ଭଲ ସୁଯୋଗ ପାଇଥିଲେ। କିନ୍ତୁ ସେସବୁକୁ ଗୋଲ୍‌ରେ ପରିଣତ କରିନପାରିବା ଫଳରେ ମ୍ୟାଚ୍ ଅତିରିକ୍ତ ସମୟକୁ ଯିବାକୁ ବସିଥିଲା। କିନ୍ତୁ ଷ୍ଟିଫେନ୍ ୯୦+୨ ମିନିଟ୍‌ରେ ଗୋଲ୍ କରିବା ଫଳରେ ମ୍ୟାଚ୍ ଆଉ ଲମ୍ବା ହୋଇନଥିଲା।

## ପୁଲ୍ କାରକୁ ଧକ୍କା ଦେଲା କାର, ୪ ଆହତ

କୋଲକାତା,୨୯।୬(ସଂଚାର ବ୍ୟୁରୋ): କୋଲକାତାର ଫୋର୍ଟ ୱିଲିୟମ ସମ୍ମୁଖରେ ଏକ ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଠାରେ ଏକ ସ୍କୁଲ ପରିବହନ ଗାଡ଼ି (ପୁଲ୍ କାର୍) ଓଲଟି ପଡ଼ିଥିଲା, ଯେଉଁଥିରେ ତିନି ଜଣ ବିଦ୍ୟାର୍ଥୀ ଏବଂ ଡ୍ରାଇଭର ଆହତ ହୋଇଛନ୍ତି। ଏହି ଘଟଣା ସୋମବାର ସକାଳେ ଘଟିଛି। ପୁଲିସ ସୂତ୍ର ଅନୁଯାୟୀ, ରେଡ୍ ରୋଡ୍ ଦିଗରୁ ଆସୁଥିବା ଏକ ଗାଡ଼ି ଜେଏନ୍ ଆଇଲ୍ୟାଣ୍ଡ ନିକଟରେ ପାର୍କ ଷ୍ଟ୍ରିଟ୍ ଅଭିମୁଖେ ଯାଉଥିବା ପୁଲ୍ କାର୍ ସହିତ ଧକ୍କା ହୋଇଥିଲା, ଯାହା ଫଳରେ ଏହା ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଗାଡ଼ି ଭିତରେ ଅନେକ ବିଦ୍ୟାର୍ଥୀ ଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଏସ୍ଏସ୍କେଏମ୍ ହସ୍ପିଟାଲକୁ ନିଆଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଦୁର୍ଘଟଣାଟି ବେପରୁଆ ଗାଡ଼ି ଚାଳନା ଯୋଗୁଁ ହୋଇଥିଲା ନା ଅନ୍ୟ କୌଣସି କାରଣ ଯୋଗୁଁ ହୋଇଥିଲା ତାହାର ତଦନ୍ତ କରୁଛି ମୈଦାନ ଥାନାର ପୁଲିସ।

## ଅନ୍ନପୂର୍ଣ୍ଣା ଯୋଜନାରୁ ବଞ୍ଚିତ ଅଭିଯୋଗ

କୋଲକାତା,୨୯।୬(ସଂଚାର ବ୍ୟୁରୋ): ସୋମବାର ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ ବଞ୍ଚିତ ହୋଇଥିବାର ଅଭିଯୋଗ କରି ମୁର୍ଶିଦାବାଦର ଧୂଲିଆନ ପୌରସଭା ସମ୍ମୁଖରେ ବହୁ ମହିଳା ପ୍ରତିବାଦ କରିଥିଲେ। ଯଦିଓ ଏହି ପ୍ରତିବାଦ ମୁଖ୍ୟତଃ ୭ ନମ୍ବର ୱାର୍ଡର ବାସିନ୍ଦାଙ୍କ ନେତୃତ୍ୱରେ ହୋଇଥିଲା, ଅନ୍ୟ ୱାର୍ଡର ମହିଳାମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିବାଦକାରୀମାନେ ପୌର କାର୍ଯ୍ୟାଳୟ ବାହାରେ ଏକତ୍ରିତ ହୋଇ ସେମାନଙ୍କର ଅଭିଯୋଗ ଜଣାଇଥିଲେ ଏବଂ ସମସ୍ୟାର ଶୀଘ୍ର ସମାଧାନ ଦାବି କରିଥିଲେ।

## ଅଭୟା ନାମରେ ମେଡିକାଲ ପ୍ରେକ୍ଷାଳୟ

କୋଲକାତା,୨୯।୬(ସଂଚାର ବ୍ୟୁରୋ): ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମପୀଡ଼ିତା ଡାକ୍ତର-ଛାତ୍ରୀଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମ୍ଏ)ର ରାଜ୍ୟ ଶାଖା ଏକ ଅନନ୍ୟ ପଦକ୍ଷେପ ଗ୍ରହଣ କରିଛି। ସଂଗଠନର ବଙ୍ଗଳା ଚାପ୍ଟର ମୁଖ୍ୟାଳୟରେ ଥିବା ଅଡିଟୋରିୟମକୁ 'ଅଭୟା ଅଡିଟୋରିୟମ୍' ନାମରେ ନାମିତ କରାଯାଉଛି। ଜାତୀୟ ଚିକିତ୍ସକ ଦିବସ ଅବସରରେ ନାମକରଣ ଉତ୍ସବ ଅଭୟାଙ୍କ ମା' ତଥା ଉତ୍ତର ୨୪ ପ୍ରଗଣାର ପାଣିହାଟିର ବିଜେପି ବିଧାୟକ ରତ୍ନା ଦେବନାଥଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ଆରଜି କରରେ ଘଟିଥିବା ଘଟଣା ପରେ ଡାକ୍ତରମାନଙ୍କ ସୁରକ୍ଷା, ସମ୍ମାନ ଓ ନ୍ୟାୟ ଦାବିକରି ଆନ୍ଦୋଳନ ରାଜ୍ୟ, ଦେଶ ଏବଂ ବିଦେଶରେ ମଧ୍ୟ ବ୍ୟାପି ଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶରଦ୍ୱତ ମୁଖୋପାଧ୍ୟାୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଆଇଏମ୍ଏ ସେହି କାର୍ଯ୍ୟକ୍ରମରେ ସମ୍ପ୍ରତି ନିର୍ବାଚନରେ ନିର୍ବାଚିତ ଡାକ୍ତର-ବିଧାୟକଙ୍କୁ ସମ୍ମାନିତ କରିବ। ୨୫ ଜଣ ଡାକ୍ତରଙ୍କୁ ସେମାନଙ୍କର ବିଶେଷ ଅବଦାନ ପାଇଁ ସମ୍ମାନିତ କରାଯିବ।

## ଜଗନ୍ନାଥଙ୍କ ସ୍ନାନଯାତ୍ରା ପାଳିତ

କୋଲକାତା,୨୯।୬(ସଂଚାର ବ୍ୟୁରୋ): ସ୍ନାନଯାତ୍ରା ଅବସରରେ କୋଲକାତାର ଖିଦିରପୁରସ୍ଥିତ ପ୍ରବାସୀ ଓଡ଼ିଆଙ୍କ ଦ୍ୱିତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସକାଳଠାରୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁସରଣ କରି ମହାପ୍ରଭୁ ଜଗନ୍ନାଥ, ବଳରାମ ଏବଂ ସୁଭଦ୍ରାଙ୍କୁ ଗର୍ଭଗୃହରୁ ବାହାରକୁ ଅଣାଯାଇଥିଲା। ଏହା ପରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୦୮ କଳସ ଜଳ ଢାଳି ସ୍ନାନ କରାଯାଇଥିଲା। ଏ ଦିନ ମନ୍ଦିରରେ ୧୦୮ ଜଣ ଭକ୍ତ ଜଣଙ୍କ ପରେ ଜଣେ ସ୍ନାନ କରାଇଥିଲେ।

## ଜଳପାଇଗୁଡ଼ିରେ ବନ୍ୟା ପରିସ୍ଥିତି

କୋଲକାତା,୨୯।୬ (ସଂଚାର ବ୍ୟୁରୋ): ଖୁଲନାଇ ଓ ତିସ୍ତା ନଦୀରୁ ପାଣି ପ୍ରବେଶ କରିବା ଯୋଗୁ ଜଳପାଇଗୁଡ଼ି ଜିଲ୍ଲାର କ୍ରାନ୍ତି ବ୍ଲକର ଚାପଡାଙ୍ଗା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପଶ୍ଚିମ ଶେଙ୍ଗପଡା ବିଏଫ୍‌ପି ପ୍ରାଥମିକ ବିଦ୍ୟାଳୟ ବୁଡ଼ି ଯାଇଛି। ଗ୍ରାମକୁ ଯାଉଥିବା ମୁଖ୍ୟ ରାସ୍ତାର ଏକ ଅଂଶ ଭାଙ୍ଗି ଯାଇଛି, ଯାହା ପ୍ରଭାବଶାଳୀ ଭାବରେ ଯୋଗାଯୋଗ ବିଚ୍ଛିନ୍ନ କରିଛି, ତେବେ ଲୋକମାନେ ଯଥେଷ୍ଟ ବିପଦରେ ନଦୀ ପାର ହୋଇ ଯାତାୟାତ କରୁଛନ୍ତି।

## ତୃଣମୂଳ ବ୍ଲକ ସଭାପତି ଗିରଫ

କୋଲକାତା,୨୯।୬(ସଂଚାର ବ୍ୟୁରୋ): ଚାକିରିର ପ୍ରତିଶ୍ରୁତି ଦେଇ ଟଙ୍କା ହଡ଼ପ କରିବା ଅଭିଯୋଗରେ କୃଷ୍ଣନଗର ୧ ନମ୍ବର ବ୍ଲକର ତୃଣମୂଳ କଂଗ୍ରେସ ସଭାପତି ସ୍ୱପନ ଘୋଷ ଗିରଫ ହୋଇଛନ୍ତି। କୋତୱାଲି ଥାନାର ପୁଲିସ ତାଙ୍କୁ ରବିବାର ହାସାଡଙ୍ଗାରୁ ଗିରଫ କରିଛି। ତାଙ୍କ ବିରୁଦ୍ଧରେ ଶିମୁରାଲିର ଜଣେ ବାସିନ୍ଦାଙ୍କ ଠାରୁ ଚାକିରି ଯୋଗାଇ ଦେବା ନାମରେ ୫ ଲକ୍ଷ ଟଙ୍କା ହଡ଼ପ କରିବାର ଅଭିଯୋଗ ଉଠିଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋଲକାତା,୨୯।୬(ସଂଚାର ବ୍ୟୁରୋ): ଘରଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ଏକ ପୋଖରୀରୁ ଜଣେ କିଶୋରର ମୃତଦେହ ଉଦ୍ଧାର ହେବା ପରେ ପୁରୁଣା ମାଲଦା ପୌରସଭାର ୩ ନମ୍ବର ୱାର୍ଡରେ ଏକ ଚାଞ୍ଚଲ୍ୟ ଖେଳିଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ପାଇ ସୋମବାର ସକାଳେ ମାଲଦା ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ମାଲଦା ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ମୃତ କିଶୋରର ନାମ ରୋହିତ ଶେଖ (୧୫)।

## ଓବିସି ଆଇନ ସଂଶୋଧନ ପାଇଁ ବିଲ୍ ଆଗତ

କୋଲକାତା,୨୯।୬(ସଂଚାର ବ୍ୟୁରୋ): ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଗୌରୀଶଙ୍କର ଘୋଷ ବିଧାନସଭାରେ ଓବିସି ଆଇନ ସଂଶୋଧନ ଏବଂ ଏହାର ପରିସର ବୃଦ୍ଧି ପାଇଁ ଏକ ବିଲ୍ ଉପସ୍ଥାପନ କରିଛନ୍ତି। ଏହି ବିଲ୍ ବର୍ତ୍ତମାନ ଆଲୋଚନାର ବିଷୟ। ପୂର୍ବ ସରକାର ଏକପାଖିଆ ଭାବରେ ପୂର୍ବ ଆଇନକୁ ଏପରି ଭାବରେ ପାସ୍ କରିଥିବା ଅଭିଯୋଗର ସମ୍ମୁଖୀନ ହେଉଛନ୍ତି ଯାହା ହିନ୍ଦୁମାନଙ୍କୁ ଅସୁବିଧାରେ ପକାଇଥିଲା। ବର୍ତ୍ତମାନ ଉଦ୍ଦେଶ୍ୟ ହେଉଛି ସେହି ୨୦୧୨ ମସିହାର ଆଇନକୁ ସଂଶୋଧନ କରିବା।

## ୟୁସିସି ଲାଗି ଉଚ୍ଚସ୍ତରୀୟ କମିଟି

କୋଲକାତା,୨୯।୬(ସଂଚାର ବ୍ୟୁରୋ): ରାଜ୍ୟରେ କ୍ଷମତାକୁ ଆସିବା ପରଠାରୁ ବିଜେପି ସରକାର ସମସ୍ତଙ୍କ ପାଇଁ ସମାନ ଆଇନ ସୁନିଶ୍ଚିତ କରିବା ପାଇଁ ଏକ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଆଗତ କରିବାକୁ ଆଗ୍ରହୀ। ଯଦିଓ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ସୋମବାର ବିଧାନସଭାରେ ଉପସ୍ଥାପିତ ହେବାର ଥିଲା, କିନ୍ତୁ ବର୍ତ୍ତମାନ ପାଇଁ ଏହା ହୋଇନାହିଁ। ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ସରକାର ଏହି ପର୍ଯ୍ୟାୟରେ ବିଲ୍ ସମ୍ପର୍କରେ ସତର୍କତା ଅବଲମ୍ବନ କରିବାକୁ ଚାହାନ୍ତି। କାରଣ ଏହା ଅନୁଭବ କରାଯାଉଛି ଯେ ସମାନ ନାଗରିକ ସଂହିତାର ବିଭିନ୍ନ ବ୍ୟବସ୍ଥା ଉପରେ ଅଧିକ ବିସ୍ତୃତ ଆଲୋଚନା ଆବଶ୍ୟକ। ଫଳସ୍ୱରୂପ ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ପ୍ରତ୍ୟେକ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଉଛି। ସୂତ୍ର ଅନୁସାରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନ ପ୍ରସାଦ ଦେଶାଇ ଏହି କମିଟିର ନେତୃତ୍ୱ ନେଇପାରନ୍ତି। ପୂର୍ବରୁ ପୂର୍ବତନ ବିଚାରପତି ରଞ୍ଜନ ପ୍ରସାଦ ଦେଶାଇଙ୍କୁ ଉତ୍ତରାଖଣ୍ଡ ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ଲାଗୁ କରିବାରେ ପ୍ରଥମ ରାଜ୍ୟ ହେବା ପରେ ଜଟିଳତା ସମୀକ୍ଷା କରିବାର ଦାୟିତ୍ୱ ଦିଆଯାଇଥିଲା।

## ୭ ମାସ ପରେ ଖୋଲିବ କାକିନାଡା ଝୋଟ କଳ



କୋଲକାତା,୨୯।୬(ସଂଚାର ବ୍ୟୁରୋ): ସାତମାସ ପରେ କାକିନାଡା ଝୋଟ କଳ ପୁଣି ଖୋଲିବାକୁ ଯାଉଛି। ଶ୍ରମମନ୍ତ୍ରୀ ଅର୍ଜୁନ ସିଂହ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜୁଲାଇ ୧ ତାରିଖରେ କାର୍ଯ୍ୟ ପୁନର୍ବାର ଆରମ୍ଭ ହେବ। ଝୋଟ କଳ ପୁନଃ ଖୋଲିବା ଖବର ପ୍ରାୟ ୩ ହଜାର ଶ୍ରମିକଙ୍କ ପରିବାର ପାଇଁ ଖୁସି ଆଣିଛି। ଗତ ଡିସେମ୍ବରରେ କାକିନାଡା ଝୋଟ କଳ ବନ୍ଦ ହୋଇଯାଇଥିଲା। ସେତେବେଳେ କଞ୍ଚାମାଲର ଅଭାବ ଏବଂ ଲାଭର ଅଭାବ ଦର୍ଶାଇ ପରିଚାଳନା ସଂସ୍ଥା ଝୋଟ କଳ ବନ୍ଦ କରିଦେଇଥିଲା। ବନ୍ଦ ବିରୋଧରେ ପ୍ରତିବାଦ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳି ନଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଶିଳ୍ପ କ୍ଷେତ୍ରକୁ ପୁନର୍ଜୀବିତ କରିବା ପାଇଁ ପ୍ରୟାସ ଚାଲିଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ କାକିନାଡା ଝୋଟ କଳ ପୁଣି ଥରେ ଖୋଲିବାକୁ ଯାଉଛି। ଅର୍ଜୁନ ସିଂହ କହିଛନ୍ତି ଯେ ରାଜ୍ୟ ସରକାର ପରିଚାଳନା ଏବଂ ଶ୍ରମିକ ଉଭୟଙ୍କ ସହିତ ଆଲୋଚନା କରି ଅଚଳାବସ୍ଥାର ସମାଧାନ କରିଛନ୍ତି ଏବଂ ଝୋଟ କଳ ପୁଣି ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଅନ୍ୟ ୧୭ଟି ବନ୍ଦ ଥିବା ଝୋଟକଳ ଖୋଲିବା ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି, ଯାହା ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

## ରାଜ୍ୟ ଯୋଜନା ବୋର୍ଡ, ୧୯ ବର୍ଷ ଧରି ବସିନି ବୈଠକ

ଭୁବନେଶ୍ୱର,୨୯।୬: ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ବୈଠକ ପ୍ରାୟ ୧୯ ବର୍ଷ ଧରି ବସିନାହିଁ। କେବେସୁଦ୍ଧା ଯୋଜନା ବୋର୍ଡର ବୈଠକ ବସିବ ସେଥିନେଇ କାହା ପାଖରେ କିଛି ସୂଚନା ନାହିଁ। ସରକାରୀ ତଥ୍ୟ ମୁତାବକ ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ରହିଥାନ୍ତି ଏବଂ ତାଙ୍କ ଅଧ୍ୟକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ଶେଷ ବୈଠକ ୨୦୦୭ ଅକ୍ଟୋବର ୧୫ ତାରିଖରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଯୋଜନା କମିଶନକୁ ଭାଙ୍ଗିଦେଇ ତାହା ସ୍ଥାନରେ ନୀତି ଆୟୋଗ ଗଠନ କରିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଢ଼ାଯିବା ପରେ ଏଠାରେ ବି ନୀତି ଆୟୋଗ ଢାଞ୍ଚାରେ ଯୋଜନା ବୋର୍ଡର ପୁନର୍ଗଠନ କରାଯିବ ବୋଲି ବାରମ୍ବାର କୁହାଯାଉଛି। ତେବେ ଯୋଜନା ବୋର୍ଡକୁ ଭାଙ୍ଗି ଦିଆଯାଇଥିବାବେଳେ ତାହାର ପୁନର୍ଗଠନ କରାଯାଉ ନାହିଁ କିମ୍ବା ନୀତି ଆୟୋଗ ଢାଞ୍ଚାରେ ବି ସଂସ୍କାରିତ ହେଉନାହିଁ। ଏଣୁ ବସ୍ତୁତଃ ଯୋଜନା ଓ ସଂଯୋଜନ ବିଭାଗର ଏହା ଏବେ ଏକ ସେକ୍ସନ ଭଳି ଅମଲାତାନ୍ତ୍ରିକ ଅଧିକାରୀମାନଙ୍କ ନିୟନ୍ତ୍ରଣରେ ରହିଛି। ଇତିମଧ୍ୟରେ ରାଜ୍ୟ ସରକାର ଜିଲ୍ଲା ଯୋଜନା କମିଟିଗୁଡ଼ିକର ପୁନର୍ଗଠନ କରି ତାହାର ଅଧ୍ୟକ୍ଷ ଦାୟିତ୍ୱରେ ବିଧାୟକମାନଙ୍କୁ ରଖିଛନ୍ତି। ଗତ ସରକାର ସମୟରେ ବି କିଛି ବିଧାୟକଙ୍କୁ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ରଖାଯିବା ସହିତ ମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ଦିଆଯାଉଥିଲା। ଜିଲ୍ଲା ଯୋଜନା କମିଟିଗୁଡ଼ିକର ପୁନର୍ଗଠନ ହୋଇଥିବାବେଳେ ରାଜ୍ୟ ଯୋଜନା ବୋର୍ଡ କିନ୍ତୁ ମୃତବତ ପଡ଼ିଛି। ଏଠାରେ ଉଲ୍ଲେଖନୀୟ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ସଭାପତି ଥିବାବେଳେ ଜାତୀୟ ସ୍ତରରେ ଜବାହରଲାଲ ନେହରୁଙ୍କ ନେତୃତ୍ୱରେ ଯୋଜନା କମିଟି ଗଢ଼ିଥିଲେ। ଦେଶ ସ୍ୱାଧୀନ ହେବା ପରେ ଏହି ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ଯୋଜନା କମିଶନ ଗଢ଼ାଯାଇଥିଲା ଏବଂ କେନ୍ଦ୍ର ସରକାର ମଧ୍ୟ ପଞ୍ଚବାର୍ଷିକ ଯୋଜନାମାନ କାର୍ଯ୍ୟକାରୀ କରୁଥିଲେ। ଏହି ଢାଞ୍ଚାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରାଜ୍ୟ ଯୋଜନା ବୋର୍ଡମାନ ରହୁଥିଲା। ବୋର୍ଡର ଅଧ୍ୟକ୍ଷ ଭାବେ ଅନେକ ସମୟରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଉଥିଲେ ଏବଂ ଯୋଜନା ବୋର୍ଡର ଉପାଧ୍ୟକ୍ଷଙ୍କୁ କ୍ୟାବିନେଟ୍ ପାହ୍ୟାର ମର୍ଯ୍ୟାଦା ଦିଆଯାଉଥିଲା। ଏହାଛଡ଼ା କିଛି ପୂର୍ଣ୍ଣକାଳୀନ ସଦସ୍ୟ ମଧ୍ୟ ଯୋଜନା ବୋର୍ଡରେ ରହୁଥିଲେ। ଏହି ବିଶେଷଜ୍ଞମାନଙ୍କ ମାର୍ଗ ଦର୍ଶନରେ ଯୋଜନା ବୋର୍ଡ କାର୍ଯ୍ୟ କରୁଥିଲା। ଅବଶ୍ୟ ଅତୀତରେ ମୁଖ୍ୟମନ୍ତ୍ରୀ ନଥିବାବେଳେ ବିଜୁ ପଟ୍ଟନାୟକ ଓ ନନ୍ଦିନୀ ଶତପଥୀଙ୍କ ଭଳି ପୂର୍ବତନ ମୁଖ୍ୟମନ୍ତ୍ରୀମାନେ କିଛି ବର୍ଷ ପାଇଁ ଯୋଜନା ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ। ରାଜ୍ୟ ପାଇଁ ଯୋଜନା ପ୍ରଣୟନ ସହିତ ବଜେଟ୍ ପ୍ରସ୍ତୁତି ଏବଂ ଆର୍ଥିକ କାରବାରକୁ ସୁନିୟନ୍ତ୍ରିତ କରିବା ସହିତ ଯୋଜନାବଦ୍ଧ ବିକାଶ କ୍ଷେତ୍ରରେ ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିଲା। ଏଭଳି ଏକ ସଂସ୍ଥାର ବିଧିବଦ୍ଧ ବୈଠକ ୧୯ ବର୍ଷ ଧରି ବସି ନ ଥିବାରୁ ଯୋଜନା ବୋର୍ଡର ଆବଶ୍ୟକତା ଆଉ ଅନୁଭୂତ ହେଉନାହିଁ। ମୁଖ୍ୟତଃ ଏହା ଦୀର୍ଘବର୍ଷ ଧରି ରାଜନୈତିକ ଥଇଥାନ କେନ୍ଦ୍ର ଭାବେ କାର୍ଯ୍ୟ କରିଆସୁଥିଲା। ଓଡ଼ିଶାରେ ବିଜେପି ସରକାର ଗଢ଼ାଯିବା ପରେ ଦଳର କେତେକ ନେତା ଏବଂ ଅନ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥବା ବହୁ ବ୍ୟକ୍ତି ବିଶେଷ ରାଜ୍ୟ ଯୋଜନା ବୋର୍ଡରେ ଥଇଥାନ ହେବେ ବୋଲି ଆଶା ବାନ୍ଧି ବସି ରହିଛନ୍ତି। ତେବେ ଆଉ କେତେକ ନେତା କହୁଛନ୍ତି ଯେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କରାନଯିବା ଏବଂ ବିଭିନ୍ନ ନିଗମ ଓ ବୋର୍ଡ ଗୁଡ଼ିକରେ ରାଜନୈତିକ ନିଯୁକ୍ତି ଦିଆନଯିବା ଫଳରେ ମିତବ୍ୟୟିତା ଅବଲମ୍ବନ କରାଯାଇ ରାଜକୋଷର ଅର୍ଥ ସଂଚୟ କରାଯାଇପାରୁଛି। (ତଥ୍ୟ)

## ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଅବଧି ବଢ଼ିଲା

କୋଲକାତା,୨୯।୬(ସଂଚାର ବ୍ୟୁରୋ): କୋଲକାତା ହାଇକୋର୍ଟ ଶୁଭେନ୍ଦୁ ଅଧିକାରୀଙ୍କୁ ଦିଆଯାଇଥିବା ସୁରକ୍ଷା କଭର କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି। ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟ ତାଙ୍କ ବିରୋଧରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ରାୟ ଦେଇଛନ୍ତି। ଉଲ୍ଲେଖନୀୟ ଯେ ଅଧିକାରୀ ବିରୋଧୀ ଦଳ ନେତା ଥିବାବେଳେ ୨୦୨୪ ମସିହା ଲୋକସଭା ନିର୍ବାଚନ ପୂର୍ବରୁ ତାଙ୍କ କୋଲାଘାଟ କାର୍ଯ୍ୟାଳୟର ତଲାସ ସମ୍ପର୍କରେ ପୁଲିସ ଦ୍ୱାରା ଦାୟର କରାଯାଇଥିବା ଏଫ୍ଆଇଆର୍‌କୁ ରଦ୍ଦ କରିବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ।

# କଟକ ସଦର ବିଡିଓ ଅଫିସରେ ସୂଚନାଧିକାର କର୍ମୀଙ୍କୁ ଦୁର୍ବ୍ୟବହାର

କଟକ,୨୯।୬(ସଂଚାର ବ୍ୟୁରୋ): କଟକ ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା, ଦୁର୍ନୀତି ଓ କାର୍ଯ୍ୟାଳୟ ପରିସରରେ ସରକାରୀ କ୍ୱାଟର ଅପବ୍ୟବହାର ହେଉଥିବା ନେଇ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଆରଟିଆଇରେ ଏବାବଦରେ ତଥ୍ୟ ମାଗିଥିଲେ।ଧାର୍ଯ୍ୟ ସମୟସୀମା ମଧ୍ୟରେ ତଥ୍ୟ ନମିଳିବାରୁ ୨ଟି କେସରେ ପ୍ରଥମ ଅପିଲ କରିଥିଲେ। ଅପିଲ ଶୁଣାଣୀ ଗତ ଜୁନ ୨୫ ଓ ଆସନ୍ତା ୩୦ ତାରିଖରେ ଶୁଣାଣୀ କରିବା ପାଇଁ ଚିଠି କରିଥିଲେ। ଜୁନ ୨୫ ତାରିଖ ଦିନ ଜିତେନ୍ଦ୍ର ପ୍ରଥମ ଅପିଲ ଶୁଣାଣୀ ପାଇଁ କଟକ ସଦର ବିଡିଓ ଅଫିସ ଯାଇ ଅଫିସରେ ଫାଇଲ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କେସ୍ ଶୁଣାଣୀ ସମ୍ପର୍କରେ ପଚାରିବା ବେଳେ କହିଥିଲେ ବିଡିଓ ନାହାଁନ୍ତି, ଆଜି ଆରଟିଆଇରେ କିଛି ହେବନାହିଁ। ହଠାତ ଉତକ୍ଷିପ୍ତ ହୋଇ କାହିଁକି ଆରଟିଆଇ ମାଗି ଆମକୁ ହଇରାଣ କରୁଛ ବୋଲି କହିଥିଲେ। ଏହାପରେ ଜିତେନ୍ଦ୍ର ଉକ୍ତ କର୍ମଚାରୀଙ୍କ ପରିଚୟ ପଚାରିବାରୁ ମୁଁ ବିକାଶ ପ୍ରଧାନ, କିରାଣୀ ଅଛି ବୋଲି କହି ବିକାଶ ଚୌକିରୁ ଉଠିଆସି ଜିତେନ୍ଦ୍ରଙ୍କୁ ପେଲିଦେଇ ଦୁର୍ବ୍ୟବହାର କରିବା ସହ ପାଖରେ ଏକ ଖାଲିଘରକୁ ବିକାଶ ଯାଇ ଜିତେନ୍ଦ୍ରଙ୍କୁ ଘରକୁ ଡାକିଥିଲେ। ଜିତେନ୍ଦ୍ର ସେଠାକୁ ନ ଯିବାରୁ ତାଙ୍କୁ ଅଶ୍ଳୀଳ ଗାଳିଗୁଲଜ ସହ ଅଫିସ ଆସିଲେ ଚୋରି, ଜାତିଆଣ ମହିଳା ମିଥ୍ୟା କେସରେ ଫସାଇଦେବି ବୋଲି ସେ ଧମକଚମକ ଦେଇଥିଲେ। ଏ ସମ୍ପର୍କରେ ଜିତେନ୍ଦ୍ର ଏବିଡିଓଙ୍କୁ ଜଣାଇବା ସହ ନିକଟସ୍ଥ ସିଆରଆରଆଇ ଥାନା, ରାଜ୍ୟ ସୂଚନା କମିଶନ, ବିଡିଓଙ୍କୁ ଲିଖିତ ଜଣାଇବା ସହ ଜନଶୁଣାଣୀ ପୋର୍ଟାଲରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଜଣାଇଛନ୍ତି। ଏହି ସ୍ଥାନରେ ଥିବା ସିସିଟିଭି ଓ ଉକ୍ତ ଦିନର ଉପସ୍ଥିତ ଅଧିକାରୀ, କର୍ମଚାରୀଙ୍କ ନାମ, ୨୫ ତାରିଖ ଘଟଣା ସ୍ଥାନର ସିସିଟିଭି ଫୁଟେଜ୍ ଆରଟିଆଇରେ ଜିତେନ୍ଦ୍ର କଟକ ସଦର ପଞ୍ଚାୟତ ସମିତି ଜନସୂଚନା ଅଧିକାରୀଙ୍କୁ ଆରଟିଆଇରେ ମାଗିଛନ୍ତି। ସୂଚନା ଥାଉକି, ଦୁର୍ବ୍ୟବହାର କରିଥିବା ବିକାଶ ଗତ ମାର୍ଚ୍ଚରୁ କାର୍ଯ୍ୟରୁ ଅବସର ନେବା ପରେ କଟକ ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ କେଉଁ ଆଦେଶ ବଳରେ ଅଫିସ କାର୍ଯ୍ୟ କରୁଛନ୍ତି ଏବଂ ଏହାକୁ ବିଡିଓ ପ୍ରତୀକ ସାହୁ ପ୍ରଶ୍ରୟ ଦେଉଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହାଦ୍ୱାରା ସରକାରୀ କାଗଜପତ୍ର କେତେ ସୁରକ୍ଷିତ, ଏଥିରେ ଆଉକିଛି ମନ୍ଦ ଉଦ୍ଦେଶ୍ୟ ଥିବା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନରେ ତଥ୍ୟ ନ ମିଳିବାରୁ ପ୍ରଥମ ଅପିଲ ଶୁଣାଣୀ ତାରିଖ ପାଇଁ ଚିଠି କରି ଅପିଲ ଶୁଣାଣୀ ପାଇଁ ଡକାଇ ସରକାରୀ କାର୍ଯ୍ୟାଳୟରେ ସୂଚନା ଅଧିକାର କର୍ମୀଙ୍କୁ ଦୁର୍ବ୍ୟବହାର କରିବା ଘଟଣା ନିନ୍ଦନୀୟ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ, ସୁରକ୍ଷା ଦାବି କରିଛନ୍ତି ଜିତେନ୍ଦ୍ର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗଜାନନ ବେଶରେ...

ବଢ଼ୁଥିଲା ଶ୍ରଦ୍ଧାଳୁଙ୍କ ଭିଡ଼। ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ ପରେ ପହଞ୍ଚିଥିଲା ସେହି ମହାର୍ଘ ମୁହୂର୍ତ୍ତ। ମହାପ୍ରଭୁଙ୍କ ମାନବୀୟ ଲୀଳା। ସୁନାକୂଅରୁ ଆସିଥିଲା ୧୦୮ ଗରା ସୁବାସିତ ଜଳ। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଦିବ୍ୟଜଳରେ ସ୍ନାନ କରିଥିଲେ ତିନି ଦିଅଁ। ଜଗନ୍ନାଥଙ୍କୁ ୩୫ ଗରା ଓ ବଳଭଦ୍ରଙ୍କୁ ୩୩ ଗରା ଜଳରେ ସ୍ନାନ କରାଯାଇଥିବା ବେଳେ ସୁଭଦ୍ରାଙ୍କୁ ୨୨ ଗରା ଓ ସୁଦର୍ଶନଙ୍କୁ ୧୮ ଗରା ଜଳରେ ଅଭିଷେକ କରାଯାଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ପହଞ୍ଚି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଛେରା ପହଁରା ନୀତି କରିଥିଲେ। ଏହାପରେ ବିଭିନ୍ନ ଅଳଙ୍କାର ପରିଧାନ କରିଥିଲେ ଶ୍ରୀଜିଉ। କିଛି ସମୟ ପରେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ସୁଦର୍ଶନ, ବଡ଼ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାବାହୁ। ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁରୀରେ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ଭକ୍ତଙ୍କ ସୁରକ୍ଷା ପାଇଁ ୫୫୦ ଅଗ୍ନିଶମ କର୍ମଚାରୀ ଓ ୫୦ ସିଭିଲ ଡିଫେନ୍ସ ଯୁବକଯୁବତୀ ନିୟୋଜିତ ହୋଇଥିଲେ। ୮ଟି ସ୍ପେସିଆଲ ରେସ୍କ୍ୟୁ ଟିମ୍ ପ୍ରସ୍ତୁତ ରହିଥିବା ବେଳେ ଭିଡ଼ ଭିତରେ କୌଣସି ପ୍ରକାର ଅଘଟଣ ଏଡ଼ାଇବାକୁ ଅକ୍ସିଜେନ କଣ୍ଟେନର ସହ ପ୍ରସ୍ତୁତ ରହିଥିଲା ଅଗ୍ନିଶମ ବାହିନୀ। ବେଶ ଭିତରେ ବେଶ ଅତି ନିଆରା ଗଜାନନ ବେଶର ଦିବ୍ୟବେଶ ଦର୍ଶନ କରି କୋଟି ପୁଣ୍ୟ ଅର୍ଜିଛନ୍ତି ଅଗଣିତ ଭକ୍ତ। ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ଗାଧୋଇବା ପରେ ଆସନ୍ତାକାଲିଠୁ ଜ୍ୱରରେ ପଡ଼ିବେ ଜଗତର ନାଥ। ଅଣସର ଘରେ ୧୫ ଦିନର ଗୁପ୍ତସେବା ପରେ ସୁସ୍ଥ ହୋଇ ଜୁଲାଇ ୧୪ରେ ଦେବେ ନବଯୌବନ ଦର୍ଶନ। ଅଣସର ଘରକୁ ବିଜେ କରିବା ସହ କାଲିଠୁ ଆରମ୍ଭ ହେବ ଶ୍ରୀଜିଉଙ୍କ ଗୁପ୍ତସେବା। ଏହି ସମୟରେ ଶ୍ରୀମନ୍ଦିରରେ ପୂଜା ପାଇବେ ପଟିଦିଅଁ, ଆଉ ଅଲାରନାଥରେ ଲାଗିବ ଭକ୍ତଙ୍କ ଭିଡ଼।

### ଦୀପ କଳା ବୋଲିହେଲେ...

ମିଳିଥିଲା। ସେବାୟତ ଆଉ ଭକ୍ତମାନେ ମଧ୍ୟ ଏହି କଳାକୁ ବୋଳି ହୋଇ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏ ସମ୍ପର୍କରେ ଚୂନରା ସେବାୟତ ଡାକ୍ତର ଶରତ ମହାନ୍ତି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏହି କାଳିଆ କଳା ମହାପ୍ରଭୁଙ୍କ ସେବାର ଏକ ପବିତ୍ର ଅଂଶ। ସାରା ବର୍ଷ ମହାପ୍ରଭୁଙ୍କ ଗର୍ଭଗୃହରେ ଜଳୁଥିବା ଦୀପର ଏହି ଅଂଶକୁ ସ୍ପର୍ଶ କରିବା ଓ ଦେହରେ ଲଗାଇବା ଦ୍ୱାରା ଅପୂର୍ବ ଆଧ୍ୟାତ୍ମିକ ଶାନ୍ତି ମିଳିଥାଏ।

### ଆଜି କତାରରେ...

ମଧ୍ୟବର୍ତ୍ତୀକାଳୀନ ରାଜିନାମାକୁ ସୁରକ୍ଷିତ ଓ ସଂରକ୍ଷିତ କରିବା ପାଇଁ କତାର ବୈଠକରେ ସାନି ଉଦ୍ୟମ କରାଯିବ। ଏଥିପାଇଁ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ ଓ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁସନର ତେହରାନ ଯିବେ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି। ଏହି ଅବସରରେ ଦୁଇ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ 'ଟେକ୍ନିକାଲ ଟକ୍' ଅନୁଷ୍ଠିତ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଅବଶ୍ୟ ମଙ୍ଗଳବାର କୌଣସି ପ୍ରକାର 'ଟେକ୍ନିକାଲ ଟକ୍' ନେଇ ଯୋଜନାକୁ ଇରାନର ଉପବୈଦେଶିକ ମନ୍ତ୍ରୀ କାଜେମ୍ ଘାରିବାବାଡି ଅସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ ଯେ ରବିବାରର ଆକ୍ରମଣ ପରେ ଆମେରିକା ସହ କଥାବାର୍ତ୍ତା ବନ୍ଦ କରିବାକୁ ଇରାନ୍ ଚେତାବନୀ ଦେଇଥିଲା। ଫଳରେ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଯୁଦ୍ଧବିରତିର ସ୍ଥାୟିତ୍ୱ ଉପରେ ଆଶଙ୍କା ପ୍ରକାଶ ପାଇଥିଲା। ଅପରପକ୍ଷରେ, ଆସନ୍ତାକାଲିର କତାର ବୈଠକକୁ ନେଇ ତେହରାନ ଆଶାବାଦୀ ରହିଛି। କତାରରେ ମଙ୍ଗଳବାର ହେବାକୁ ଥିବା ବୈଠକ ଅବସରରେ ଇରାନ୍ ତା'ର ଫ୍ରିଜ୍ ହୋଇ ରହିଥିବା ୧୨ ବିଲିଅନ୍ ଡଲାରରୁ ୬ ବିଲିଅନ୍ ଡଲାର ସମ୍ପତ୍ତି ଫେରିପାଇବ ବୋଲି ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ କହିଛନ୍ତି।

### ୪୨ କୋଟିର ସୁଧ...

ବାଧାକୁ ଦୂର କରୁଛନ୍ତି। ଏହାଦ୍ୱାରା ସମବାୟ ସମିତିଗୁଡ଼ିକ ପାଇଁ ସାରର ଅଗ୍ରୀମ ମହଜୁଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ସୁଧ-ମୁକ୍ତ ହୋଇପାରିବ। ବେସରକାରୀ ଚ୍ୟାନେଲ ଦ୍ୱାରା ହେଉଥିବା ସାରର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ସମବାୟ କ୍ଷେତ୍ର ମାଧ୍ୟମରେ ସାର ବଣ୍ଟନ ପରିମାଣକୁ ବର୍ତ୍ତମାନର ୨୫ରୁ ୩୦ ପ୍ରତିଶତରୁ ବୃଦ୍ଧି କରି ଖରିଫ ୨୦୨୬ରୁ ୬୦ ପ୍ରତିଶତକୁ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୬-୨୭ରୁ ୨୦୩୦-୩୧ ପାଞ୍ଚ ବର୍ଷ ଅବଧି ପାଇଁ ସର୍ବମୋଟ ୪୨ କୋଟି ଟଙ୍କାର ବଜେଟ ମଞ୍ଜୁର କରାଯାଇଛି, ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାରମ୍ଭିକ ଭାବେ ୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ରାଜ୍ୟର ପ୍ରାୟ ୨,୭୦୦ ପ୍ରାଥମିକ କୃଷି ସମବାୟ ସମିତିକୁ ଏହି ଯୋଜନାରେ ସାମିଲ କରାଯିବ। ସେମାନଙ୍କର ଆବଶ୍ୟକତା ଆଧାରରେ କ୍ୟାସ୍ କ୍ରେଡିଟ ସୀମା ପ୍ରଦାନ କରାଯିବ। ସାର ବିକ୍ରୟ ସମୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ କ୍ୟୁଆର କୋଡ ମାଧ୍ୟମରେ କାରବାର କରିବାକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରାଯିବ।

### ମୃତ୍ୟୁ ପଛର କାହାଣୀ...

କାରଖାନା ଭିତରେ ଥିବା ଶ୍ରମିକମାନେ ବାହାରକୁ ପଳାଇ ଯାଇ ଜୀବନ ବଞ୍ଚାଇଥିଲେ। ଆଉ ଯେଉଁମାନେ ବିଶ୍ରାମ ନେଉଥିଲେ ସେମାନେ ସବୁଦିନ ପାଇଁ ଶୋଇପଡ଼ିଥିଲେ ବୋଲି ତାମିଲନାଡୁରୁ ଏବେ ଗାଁକୁ ଫେରିଥିବା ପ୍ରତିଭା ଜୁଆଙ୍ଗ କହିଛନ୍ତି। କେବଳ କେନ୍ଦୁଝର ଜିଲ୍ଲାର ୧୨ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଅନୁଗୋଳ ଜିଲ୍ଲାର ଜଣେ ମଧ୍ୟ ପ୍ରାଣ ହରାଇଛନ୍ତି। ମାରାତ୍ମକ ଗ୍ୟାସ ଲିକ ଯୋଗୁ ନିଃଶ୍ୱାସ ନେବାରେ ସମସ୍ୟା ସହ ଆଖିରୁ ଲୁହ ବୋହିଯାଉଥିଲା। ୩୦ ଜଣ ଗୁରୁତର ଏବେ ବି ସେଠାରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ୍‌ର ବାସିନ୍ଦା। ମୃତକମାନଙ୍କ ମଧ୍ୟରେ କୋଡ଼ିପଶାରେ ୨ ଜଣ ଅଳ୍ପ ବୟସର ଯୁବତୀ ଶ୍ରମିକ ସୁଜନୀ ଜୁଆଙ୍ଗ ଓ ଫୁଲମଣୀ ଜୁଆଙ୍ଗ ଅଛନ୍ତି। ଆହୁରି ୩୦ରୁ ଉର୍ଦ୍ଧ୍ୱ ଶ୍ରମିକ ଆହତ ହୋଇ ୪ଟି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଓଡ଼ିଶା ଓ ଆସାମ ରାଜ୍ୟର ପ୍ରାୟ ୧୦୦ ଜଣ ଯୁବକଯୁବତୀ ତାମିଲନାଡୁସ୍ଥିତ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଥିଲେ। ଓଡ଼ିଶାର ୬୬ ଜଣଙ୍କୁ ରାଜ୍ୟ ସରକାର ଫେରାଇ ଆଣିଛନ୍ତି। ଏହି ଶ୍ରମିକମାନଙ୍କୁ ନେଇ ସେମାନଙ୍କ ଅଭିଭାବକଙ୍କୁ ଶନିବାର ହସ୍ତାନ୍ତର କରାଯାଇଛି। ସବୁଠାରୁ ଅଧିକ ଶ୍ରମିକ କୋଡ଼ିପଶା ଗ୍ରାମରୁ ଯାଇଥିଲେ। ୨ ଜଣ ପ୍ରାଣ ହରାଇବା ପରେ ୧୪ ଜଣ ଘରକୁ ଫେରିଛନ୍ତି। ଏହାଛଡ଼ା ରତନୀ ଜୁଆଙ୍ଗ, ପଦ୍ମିନୀ ଜୁଆଙ୍ଗ, ଅଞ୍ଜଳି ଜୁଆଙ୍ଗ, ସରସ୍ୱତୀ ଜୁଆଙ୍ଗ, ଆରତି ଜୁଆଙ୍ଗ, ଗୁରୁବାରୀ ଜୁଆଙ୍ଗ, ବୁଧୁନୀ ଜୁଆଙ୍ଗ ଓ ରିଙ୍କି ଜୁଆଙ୍ଗ ୮ ଜଣ ତାମିଲନାଡୁରେ ଚିକିତ୍ସିତ ହେଉଛନ୍ତି। ହରିଚନ୍ଦନପୁର ଥାନାଞ୍ଚଳର ଜନୈକ ମହିଳା ଦଲାଲ ଓ କାଳିଆହୋତା ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗଙ୍କ ଆର୍ଥିକ ପ୍ରଲୋଭନରେ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ୪ ମାସ ତଳେ ସେମାନେ ଯାଇଥିଲେ ବୋଲି ଫେରିଆସିଥିବା ଶ୍ରମିକମାନେ କହିଛନ୍ତି। କଅଁଳ ବୟସରେ କୋଡ଼ିପଶା ପଞ୍ଚାୟତର କୋଡ଼ିପଶା, କଅଁଶ ଗ୍ରାମରୁ ପ୍ରାୟ ୨୪ ଜଣ ଅଳ୍ପ ବୟସ୍କ ଶ୍ରମିକ କାମ କରିବାକୁ ଯାଇଥିଲେ। ବାଂଶପାଳ ବ୍ଲକ ମୁଖ୍ୟାଳୟ କୋଡ଼ିପଶା ଗାଁରୁ ୫୦ କିମି ଦୂରରେ ଅବସ୍ଥିତ। ଗାଁରେ ବର୍ଷରେ ମାତ୍ର ଗୋଟିଏ ଦୁଇଟି ଉନ୍ନୟନ କାମ ହୋଇଥାଏ। ଅଧିକନ୍ତୁ ସେହି କାମ ଶ୍ରମିକ ବଦଳରେ ମେସିନ ଦ୍ୱାରା କରାଯାଇଥାଏ। ତେଣୁ ଶ୍ରମିକମାନଙ୍କୁ କାମ କରିବାକୁ ସୁଯୋଗ ନାହିଁ। ହାତୀ ଯୋଗୁଁ ଚାଷ ଉଜୁଡ଼ିଯାଇଛି। ପାଠ ନାହିଁ, ଚାଷ ନାହିଁ, କାମ ବି ନାହିଁ। ତେଣୁ ବାଧ୍ୟ ହୋଇ ଦଲାଲ ଦ୍ୱାରା ତାମିଲନାଡୁ କାମ କରିବାକୁ ପ୍ରାୟ ୪ ବର୍ଷ ହେବ ଯାଉଥିବା ତାମିଲନାଡୁ ଫେରନ୍ତାଙ୍କ ଅଭିଭାବକମାନେ କହିଛନ୍ତି। କୋଡ଼ିପଶା ଗାଁଠାରୁ କିଛି ଦୂରରେ ଏକ ଆଶ୍ରମ ସ୍କୁଲ ରହିଛି। ସେଠାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଛି। ଅଧିକ ପାଠ ପଢ଼ିବା ପାଇଁ ଭିତ୍ତିଭୂମି ମଧ୍ୟ ନାହିଁ।

### ମହାପ୍ରଭୁଙ୍କ ଇଚ୍ଛାରେ...

ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ପୁରୀ ସାଂସଦ ସମ୍ବିତ ପାତ୍ର, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ପ୍ରମୁଖଙ୍କ ସମେତ ବହୁ ନେତା ଓ ମନ୍ତ୍ରୀ ରହିଥିଲେ।

### ରାହୁଲଙ୍କ ତାଗିଦ ପରେ...

ସଭାପତି କହିଛନ୍ତି। ଖୁବ୍‌ଶୀଘ୍ର କଂଗ୍ରେସ ରାଜନୈତିକ ବ୍ୟାପାର କମିଟିର ପୂର୍ଣ୍ଣ ଗଠନ ହେବ। କିଛିନେତାଙ୍କୁ ପିଏସିରେ ସାମିଲ କରାଯିବ। ଏଥିସହ ନୂଆ ପ୍ରଭାରୀ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ବି ରହିଛି। କେବଳ ଓଡ଼ିଶା କଂଗ୍ରେସର ରାଜନୈତିକ ବ୍ୟାପାର ନୁହେଁ, ମହିଳା ଓ ଛାତ୍ର କଂଗ୍ରେସକୁ ନୂଆ ରୂପ ଦେବ ଦଳ। ଏନେଇ କଂଗ୍ରେସର ଆଭ୍ୟନ୍ତରୀଣ ମହଲରେ ବିଚାରବିମର୍ଶ ଚାଲିଛି। ନୂଆ ପ୍ରଭାରୀଙ୍କ ସହ ଦଳ କିପରି ଆଗକୁ ବଢ଼ିବ ଓ କ'ଣ କରାଗଲେ ଓଡ଼ିଶାରେ କଂଗ୍ରେସ ସ୍ଥିତି ମଜବୁତ ହେବ, ସେନେଇ ଆଲୋଚନା କରାଯିବ ବୋଲି ବରିଷ୍ଠ ନେତାମାନେ ଆଶା ରଖିଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଘର ସଜାଡ଼ିବାକୁ ଅଣ୍ଟା ଭିଡିଛି ଦଳ। ହେଲେ ୨୬ ବର୍ଷ ଧରି କ୍ଷମତା ବାହାରେ ଥିବା ଓଡ଼ିଶା କଂଗ୍ରେସରୁ ଗୋଷ୍ଠୀ ବିବାଦକୁ ମୂଳପୋଛ କରାଯାଇପାରିବା ନେଇ ଏବେ ବି ବହୁ ନେତାଙ୍କ ମନରେ ସନ୍ଦେହ ରହିଛି।

### କର୍ମୀଙ୍କ ସହ ସୁଜାତା...

ତାଙ୍କର ଆଗାମୀ ଚଳଚ୍ଚିତ୍ର ହେଉଛି 'ପଶାପାଳି'। ପ୍ରଥମେ ସୋସିଆଲ ମିଡିଆ ଓ ଏବେ ଚଳଚ୍ଚିତ୍ର ମାଧ୍ୟମରେ ଆସୁଥିବାରୁ ସେ ଦର୍ଶକଙ୍କ ସହ ରହିଥିବା କୁହାଯାଉଛି। ତେବେ ଉଭୟ ସୁଜାତା ଓ ଶ୍ରୀମୟୀଙ୍କର ଗୋଟିଏ ଲକ୍ଷ୍ୟ ହେଉଛି ରାଜନୀତି। ଜଣେ ଦଳ ଭିତରେ ରହି ଲୋକଙ୍କ ନିକଟକୁ ଯିବା ପାଇଁ ସଜବାଜ ହେଉଥିବା ବେଳେ ଆଉ ଜଣେ ଦର୍ଶକଙ୍କ ସହ ଯୋଡ଼ି ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ଉଭୟ ମଧ୍ୟ ସାଧାରଣ ଜନତାଙ୍କ ମାନସପଟ୍ଟରେ ରହିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ କିଏ ଲୋକଙ୍କ ସହ କେତେ ପରିମାଣରେ ରହିଛି, ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ। ଏହା ହିଁ ନିର୍ଣ୍ଣୟ କରିବ ଉଭୟ ନେତ୍ରୀଙ୍କ ଭବିଷ୍ୟତ। ତେବେ ଓଡ଼ିଶା ରାଜନୀତିରେ ଯେଉଁ ଦ୍ରୁତ ପରିବର୍ତ୍ତନ ହେଉଛି, ସେଥିରେ ସାଧାରଣ ଲୋକେ ଏହି ଦୁଇ ନେତ୍ରୀଙ୍କ ଉପରେ ନଜର ରଖିଥିବା ବେଳେ ବିଜେପି ଓ କଂଗ୍ରେସ ମଧ୍ୟ ଏମାନଙ୍କ ଗତିବିଧିକୁ ସର୍ତ୍ତକତାର ସହ ଲକ୍ଷ୍ୟ କରୁଛନ୍ତି।

### ସୁନା ଦୋକାନରୁ ଲୁଟ୍ ଘଟଣା

## ୫ ବର୍ଷ ପରେ ଦୁଇ ଚୋର ଗିରଫ, ୨୦୦ ଗ୍ରାମ ସୁନା ବିସ୍କୁଟ ଜବତ



ମାଲକାନଗିରି,୨୯।୬ (ସଂଚାର ବ୍ୟୁରୋ): ନିଶା ଯୁକ୍ତ ମିଠା ଖୁଆଇ ମାଲକାନଗିରିର ଏକ ସୁନା ଦୋକାନରୁ ଚୋରି କରିଥିବା ଦୁଇ ଚୋରଙ୍କୁ ଦୀର୍ଘ ୫ ବର୍ଷ ପରେ କେରଳ ରାଜ୍ୟ କନ୍ୟାକୁମାରୀରୁ ଗିରଫ କରିଛି ମାଲକାନଗିରି ପୁଲିସ। ସେମାନଙ୍କ ନିକଟରୁ ଦୁଇଶହ ଗ୍ରାମ ସୁନା ବିସ୍କୁଟ, ଦୁଇଟି ପିସ୍ତଲ, ମଟର ସାଇକେଲ ଜବତ କରାଯାଇଥିବାର ମାଲକାନଗିରି ଏସପି ବିନୋଦ ପାଟିଲ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଲକାନଗିରି ସହରର ପ୍ରସାଦ ଜୁଏଲର୍ସର ମାଲିକ ସୁବାଷ ପାଲିଙ୍କୁ ପୂଜା ଭୋଗ କହି ନିଶା ଯୁକ୍ତ ମିଠା ଖୁଆଇ ତାଙ୍କ ସୁନା ଦୋକାନରୁ ୨୦୦ ଗ୍ରାମ ସୁନା ଗହଣା ଲୁଟି ନେଇଥିଲେ। ଦିର୍ଘ ପାଞ୍ଚ ବର୍ଷ ଧରି ପୋଲିସର ତଦନ୍ତ ଜାରି ରହିଥିବା ବେଳେ ଶେଷରେ ମାଲକାନଗିରି ଆଦର୍ଶ ଥାନା ପୁଲିସ ହାତରେ ଧରା ପଡିଛନ୍ତି ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲ୍ଲାର ମଦାସୁ ଜନ ପଲ୍ ଓରଫ ଜଗଦିଶ ଓ ଇଲୁରି ଓଗୁଣା ଓରଫ ଅର୍ଜନା। କନ୍ୟାକୁମାରୀରୁ ଏହି ଦୁଇ ଗିରଫ ହୋଇଥିବା ବେଳେ ଏହି ପୁରୁଷ ଓ ମହିଳା ଅଭିଯୁକ୍ତଙ୍କ ଠାରୁ ପୋଲିସ ଦୁଇ ଶହ ଗ୍ରାମ ମେଲଟେଡ ସୁନା ବିସ୍କୁଟ , ଦୁଇଟି ପିସ୍ତଲ, ନଅଟି ଟି ଅଫୁଟା ଗୁଳି, ଦୁଇଟି ସୁନା ତରଳା ମେସିନ, ଗୋଟିଏ ଲାପଟପ ଓ ଗୋଟିଏ ମୋଟର ସାଇକେଲ ଜବତ କରିଛନ୍ତି, ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଏସପି ଶ୍ରୀ ପାଟିଲ ସୂଚନା ଦେଇଛନ୍ତି।

## ୪ ମହଲା ଛାତରୁ ପଡ଼ି ରାଜମିସ୍ତ୍ରୀଙ୍କ ମୃତ୍ୟୁ

ବାଲିଅନ୍ତା,୨୯।୬ (ସଂଚାର ବ୍ୟୁରୋ): ପାହାଳ ଥାନା ଅଧୀନ ଅଟଳା ଗଡା ଅଞ୍ଚଳରେ ଥିବା ଏକ ନିର୍ମାଣଧୀନ ୪ ମହଲା ଛାତରୁ ଖସି ପଡ଼ି ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ମଙ୍ଗୁ ଓରଫ ପ୍ରଶାନ୍ତ ଭୋଇ (୪୦) । ତେବେ ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଥାନାରେ ଅଭିଯୋଗ ହୋଇନଥିବା ଥାନା ଅଧିକାରୀ କହିଛନ୍ତି। ସୂଚନା ଅନୁସାରେ ମଙ୍ଗୁ ରାଜମିସ୍ତ୍ରି କାମ କରନ୍ତି । ସବୁଦିନ ଭଳି ପୂର୍ବାହ୍ନରେ କାମକୁ ବାହାରିଯାଇଥିଲେ । ହେଲେ ଅପରାହ୍ନ ସମୟରେ ଅନ୍ୟ ମିସ୍ତ୍ରିଙ୍କ ସହ ୪ ମହଲା କୋଠା ସିଡ଼ି ସେଣ୍ଟ୍ରି ପଟା ଖୋଲୁଥିବା ବେଳେ ନିୟନ୍ତ୍ରଣ ହରାଇ ତଳକୁ ଖସି ପଡ଼ିଥିଲେ । ଖବର ପାଇ ପରିବାର ଲୋକ ପହଞ୍ଚି ମଙ୍ଗୁଙ୍କୁ ଏକ ଘରୋଇ ହସ୍ପିଟାଲ ନେଇଥିଲେ । ହେଲେ ଡାକ୍ତର ମଙ୍ଗୁଙ୍କୁ ସନ୍ଧ୍ୟାରେ ମୃତ ଘୋଷଣା କରିଥିଲେ । ମଙ୍ଗୁଙ୍କର ୫ ବର୍ଷର ଝିଅଟିଏ ଅଛି।

## ୩୦ଗ୍ରାମ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ



ଯାଜପୁର ରୋଡ଼, ୨୯।୬ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର କୋରେଇରେ ନିଶା ବେପାରୀମାନେ କାୟା ବିସ୍ତାର କରୁଛନ୍ତି। କିଛି ନିଶା ବେପାରୀ ପୁଲିସ କବଜାରେ ଫସୁଥିବା ବେଳେ ଆହୁରି ଅନେକ ଖସି ଯାଉଛନ୍ତି। ତେବେ ଯାଜପୁର ଜିଲ୍ଲାର ଡୋଳିପୁର ଅବକାରୀ ବିଭାଗ ଥାନା ପକ୍ଷରୁ ଓଆଇସି ରାମେଶ୍ୱର ମହାନ୍ତି'ଙ୍କ ସ୍ପେଶାଲ ଟିମ୍'ର ଅବକାରୀ ପୁଲିସ ଗତକାଲି ବିଶେଷ ସୂତ୍ରରୁ ଖବର ପାଇ କୋରେଇ ଥାନା ଅନ୍ତର୍ଗତ ଖମିଗାଁ ରାସ୍ତାରେ ୩୦ଗ୍ରାମ ହେରୋଇନ (ବ୍ରାଉନ ସୁଗାର) ନିଶା ଦ୍ରବ୍ୟ ଜବତ କରିବା ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପଛିକୋର୍ଟ ପଂଚାୟତର ତୋଫାନ ଦାସ ବୋଲି ଜଣାପଡିଛି। ଏନଡିପିଏସ ମାମଲା ସଂଖ୍ୟା ୭୩/୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନିଲଗିରି, ୨୯।୬(ସଂଚାର ବ୍ୟୁରୋ): ଜୀବନରୁ ମାରିଦେବାର ଉଦ୍ୟମ ମାମଲାରେ ନୀଳଗିରିର ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସ୍ରୋତସ୍ୱିନୀ କର ବିଚାର କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ପାଞ୍ଚ ଜଣ ମୁଦାଲାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ ନିଲଗିରି ଥାନା ଅନ୍ତର୍ଗତ ସନ୍ତରାଗଡିଆ ମାଙ୍କଡଗଡିଆ ଗ୍ରାମର ରଘୁନାଥ ପରିଡ଼ା ଗତ ୧୩/୮/୨୦୨୨ରିଖ ଦିନ ପ୍ରାୟ ୧୦.୩୦ମିନିଟ୍ ସମୟରେ ବିଲରୁ ଫେରୁଥିବା ସମୟରେ ଉକ୍ତ ଗ୍ରାମର ମୋହନ ପରିଡ଼ା, କାଳିଆ ଓରଫ୍ ପ୍ରତାପ ପରିଡ଼ା, ତପି ଓରଫ୍ ଗଣେଶ ଚନ୍ଦ୍ର ଦାସ, କୃପାସିନ୍ଧୁ ପରିଡ଼ା, ଚିନ୍ତାମନିପୁର୍ ଗ୍ରାମର କାଳିନ୍ଦ୍ରି ବାରିକ ମିଶି ରଘୁନାଥ ପରିଡ଼ା ଙ୍କୁ ଗାଳି ଗୁଲଜ କରିବା ସହ ଏକ ଲୁହା ରଡ୍ ରେ ପିଟି ଗୋଡ଼ ଭାଙ୍ଗି ଦେଇଥିଲେ। ଏକ ଠେଙ୍ଗାରେ ମାଡ଼ ମାରି ରଘୁନାଥ ପରିଡ଼ାର କାନ ମୁଣ୍ଡ ଫଟାଇ ଦେଉଥିଲେ ବୋଲି ନିଲଗିରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ନୀଳଗିରି ଥାନାରେ ୨୪୩/୨୨ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଦଫା ୩୪୧,୨୯୪,୩୦୭,୫୦୬,୩୨୩/୩୪ମୂଳେ ମୁଦାଲା ମାନଙ୍କ ବିରୁଦ୍ଧରେ ଚାରସିଟ୍ ଦାଖଲ କରିଥିଲେ।

## ଘରୋଇ କଲେଜର ୨ ଛାତ୍ର ମାରପିଟ

ବାଲିଅନ୍ତା, ୨୯।୬(ସଂଚାର ବ୍ୟୁରୋ): ବାଲିଅନ୍ତା ସ୍ଥିତ ଏକ ଘରୋଇ କଲେଜରେ ୨ ଛାତ୍ରଙ୍କ ମଧ୍ୟରେ ଭୀଷଣ ଗଣ୍ଡଗୋଳ ହୋଇଛି । ଜଣେ ଛାତ୍ରଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଅନ୍ୟ ଛାତ୍ରଙ୍କ ଗୋଡ଼ ଭାଙ୍ଗି ଯାଇଛି । ଖବର ପାଇ ଉଭୟଙ୍କ ପରିବାର ଲୋକ ପହଞ୍ଚି ହସ୍ପିଟାଲ ନେଇଥିଲେ । ତେବେ ଛାତ୍ର ଦ୍ୱୟଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳର କାରଣ କଣ ଜଣାପଡିନଥିବା ବେଳେ ପ୍ରେମ ଜନିତ କାରଣକୁ କେନ୍ଦ୍ର କରି ମାରପିଟ ହୋଇଥିବା କୁହାଯାଉଛି ।

### ୨ ବର୍ଷ ଡେଇଁଲାଣି ଅବଧି

# ତଥାପି ସରୁନି ୧୨୬ କୋଟିର ମେଗା ପାନୀୟଜଳ ପ୍ରକଳ୍ପ

### ପାଇପ୍ ଓ ଟାଙ୍କି କାମ ନିମ୍ନମାନର ଅଭିଯୋଗ
### ଭିଜିଲାନ୍ସ ତଦନ୍ତ ଦାବି



ବାଲିଆପାଳ,୨୯।୬ (ସଂଚାର ବ୍ୟୁରୋ): ନିର୍ଦ୍ଧାରିତ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏଯାଏ ମେଗା ପାନୀୟଜଳ ପ୍ରକଳ୍ପ କାମ ସରିନି। ଫଳରେ ୨୧ ପଞ୍ଚାୟତର ଲୋକମାନେ ଏଯାଏ ପାଣି ପାଇପାରି ନାହାନ୍ତି।

ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍‌ର ୨୮ଟି ପଞ୍ଚାୟତ ମଧ୍ୟରୁ କୁଣ୍ଡୁଳି, ସାଉଡ଼ି, ବୋଲଂ, ବଣିଆଡ଼ିହା, ବାଲିକୁଟି, ପଞ୍ଚୁପାଲି, ଜମ୍ବିରାଇ, ନୂଆଗାଁ, ଅଳାଡ଼ିହା, ବେତଗଡ଼ିଆ, ଡଗରା, ଚଉମୁଖ, ବଡ଼ାସ, ଜାମକୁଣ୍ଡା, ବିଷ୍ଣୁପୁର, ବାଲିଆପାଳ, ବଳରାମପୁର, ପ୍ରତାପପୁର, ଦେଉଳା, ମଧୁପୁରା, ଅସ୍ତି ଆଦି ୨୧ଟି ପଞ୍ଚାୟତର ବିଭିନ୍ନ ଗାଁ'କୁ ସୁବର୍ଣ୍ଣରେଖା ଜଳ ଶୁଦ୍ଧ କରି ଯୋଗାଣ ଲକ୍ଷ୍ୟ ରଖାଯାଇଥିଲା। ଫଳରେ ୨୦୨୨ ମସିହାରେ ବାଲିଆପାଳ ପଞ୍ଚାୟତର କୁଦୁମାନସିଂ ଗ୍ରାମରେ ୧୨୬ କୋଟି ଟଙ୍କାରଏକ ମେଗା ପାନୀୟଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। କାମ କରିବା ପାଇଁ ବ୍ଲୁ ଷ୍ଟାର୍ ଏଜେନ୍‌ସି ଚୁକ୍ତି କରିଥିଲା। ସେହିପରି ରୁଦ୍ରାଭିଷେକ ଏଜେନ୍‌ସିକୁ ତଦାରଖ ଦାୟିତ୍ୱ ମିଳିଥିଲା | ୨ ବର୍ଷ ମଧ୍ୟରେ ପ୍ରକଳ୍ପ କାମ ଶେଷ ହେବା ସହ ପ୍ରତି ପଞ୍ଚାୟତରେ ନିର୍ମାଣ ହୋଇଥିବା ଟାଙ୍କି ଜାରିଆରେ ଲୋକଙ୍କ ଘରେ ପାଣି ପହଞ୍ଚିବା କଥା। ହେଲେ ଏଇଭିତରେ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଆହୁରି ୨୦ ପ୍ରତିଶତ କାମ ବାକି ଅଛି। ଅନ୍ୟପଟେ ବିଛାଯାଇଥିବା ପାଇପ୍ ଏବଂ ତିଆରି ଚାଲିଥିବା ପାଣିଟାଙ୍କିଗୁଡ଼ିକ ନିମ୍ନମାନର ବୋଲି ଲୋକେ ଅଭିଯୋଗ ଆଣୁଛନ୍ତି। ଏହା ସହିତ ସେମାନେ ଭିଜିଲାନ୍ସ ତଦନ୍ତ ଦାବି କରୁଛନ୍ତି।

ଏନେଇ ବିଭାଗୀୟ ଯନ୍ତ୍ରୀ ଲୋପାମୁଦ୍ରା ରାଉଳଙ୍କୁ ପଚାରିବାରୁ ସେ କହିଛନ୍ତି, କାମ ଠିକ୍ ଚାଲିଛି। ବନ୍ୟା ଓ ରାସ୍ତା ସମସ୍ୟା ପାଇଁ କିଛିଟା ପଛେଇ ଯାଇଛି। ତେବେ ଡିସେମ୍ବର ସୁଦ୍ଧା କାମ ଶେଷ ହୋଇଯିବ ଏବଂ ଲୋକମାନେ ପାଣି ପାଇବେ।

# ସରକାରୀ ସହାୟତାରୁ ବଞ୍ଚିତ ଅସହାୟ ଯୁବତୀ



ସୁନ୍ଦରଗଡ,୨୯।୬ (ସଂଚାର ବ୍ୟୁରୋ): ଗରିବ ଓ ଅସହାୟ ଲୋକଙ୍କ ପାଇଁ ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନା ଥିବା ଡିମଡ଼ିମି ପିଟୁଛି ସରକାର। ଖଣି ସମୃଦ୍ଧ ସୁନ୍ଦରଗଡ଼ ଜିଲ୍ଲାରେ ଡିଏମ୍ଏଫ୍ ପାଣ୍ଠିରେ ମଧ୍ୟ ଅର୍ଥର ଅଭାବ ନାହିଁ। କିନ୍ତୁ ବାସ୍ତବ ଚିତ୍ର ସେହି ଦାବିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବାଲିଶଙ୍କରା ବ୍ଲକର ଦାଣ୍ଡପାନି ଗ୍ରାମର ୨୦ ବର୍ଷୀୟା ରିମା ଜନ୍ମରୁ ଏକ ବିରଳ ଆଖି ରୋଗରେ ପୀଡ଼ିତ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନା ପାଇଛନ୍ତି ଉନ୍ନତ ଚିକିତ୍ସା, ନା ରହିବାକୁ ଏକ ପକ୍କା ଘର, ନା ମିଳିଛି ତାକୁ ଭତ୍ତା।

ଏହି ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ। ରିମା ମୁଣ୍ଡ ତଳକୁ କଲେ ତାଙ୍କ ଆଖିର ଡୋଳା ବାହାରକୁ ବାହାରି ଆସୁଛି। ପରିବାର ଲୋକ ଅତି ସାବଧାନତାର ସହ ପୁଣି ତାହାକୁ ଭିତରକୁ ପଶେଇ ଦେଇଥାନ୍ତି। ଜନ୍ମରୁ ଏଭଳି ଏକ ଜଟିଳ ରୋଗ ସହ ସଂଘର୍ଷ କରୁଥିବା ରିମାଙ୍କ ଜୀବନ ଆଜି ଯନ୍ତ୍ରଣାରେ ଭରିଯାଇଛି।

ରିମାଙ୍କ ବାପା ମୁକୁନ୍ଦ ଭଇଁସାଲ ଦିନମଜୁରି କରି ପରିବାର ପୋଷଣ କରନ୍ତି। ଘରର ଆର୍ଥିକ ଅବସ୍ଥା ଏତେ ଦୁର୍ବଳ ଯେ ଦୁଇ ଓଳି ଖାଦ୍ୟ ଯୋଗାଡ଼ କରିବା ମଧ୍ୟ କଷ୍ଟକର। ବଡ଼ ହସ୍ପିଟାଲକୁ ନେଇ ଚିକିତ୍ସା କରାଇବା ତାଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଛି। ଏପଟେ ଭାଙ୍ଗିରୁଜି ପଡ଼ିବାକୁ ବସିଥିବା ଚାଳ ଘରରେ ସେମାନେ ଅସହାୟ ଜୀବନ ବିତାଉଛନ୍ତି ।

ରିମାଙ୍କ ଘଟଣାରେ ସରକାରୀ ଯୋଜନାର ବାସ୍ତବ କାର୍ଯ୍ୟକାରିତାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଖଣି ସମୃଦ୍ଧ ସୁନ୍ଦରଗଡ଼ରେ ଡିଏମ୍ଏଫ୍ ପାଣ୍ଠିରେ କୋଟି କୋଟି ଟଙ୍କା ଥିବା ସତ୍ତ୍ୱେ ରିମାଙ୍କ ପରି ଜଣେ ଅସହାୟ ଯୁବତୀ ସରକାରୀ ସହାୟତାରୁ ବଞ୍ଚିତ। ଚିକିତ୍ସା ସହାୟତା, ଆବାସ ଯୋଜନା କିମ୍ବା ଭିନ୍ନକ୍ଷମ ଭତ୍ତା— କୌଣସି ସୁବିଧା ତାଙ୍କ ପାଖରେ ପହଞ୍ଚିନାହିଁ।

ସ୍ଥାନୀୟ ଲୋକମାନେ ରିମାଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବା ସହ ତୁରନ୍ତ ଉନ୍ନତ ଚିକିତ୍ସାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ପୂର୍ବତନ କନିଷ୍ଠ ଯନ୍ତ୍ରୀ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

ବାରିପଦା,୨୯।୬ (ସଂଚାର ବ୍ୟୁରୋ): ଆଜି ସୋମବାର ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗ ସଂକ୍ରାନ୍ତ ଏକ ମାମଲାର ବିଚାରକରି ଭିଜିଲାନ୍ସ କୋର୍ଟର ବିଚାରପତି ପୂର୍ଣ୍ଣିମା ଜେନା ମୟୁରଭଞ୍ଜ ଜିଲ୍ଲା ଉଠାଜଳସେଚନ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ ଗଙ୍ଗାଧର ମହାନ୍ତଙ୍କୁ ଦୁର୍ନୀତୀ ନିବାରଣ ଆଇନ ଦଫା ୧୩(୨) ରିଡ ଉଇଥ ୧୩(୧)(ଇ ) ଅଫ ପିସି ଆକ୍ଟ ୧୯୮୮/୧୧୦୯ ଆଇପିସି ଅନୁଯାୟୀ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଏକ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ କନିଷ୍ଠ ଯନ୍ତ୍ରୀ ଶ୍ରୀ ମହାନ୍ତଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ୧୯.୧୨.୨୦୧୩ରେ ଚଢ଼ାଉ କରାଯାଇଥିଲା। ମୋଟ ୩୬ ଲକ୍ଷ ୧୯ହଜାର ଟଙ୍କାର ଆୟ ବହିର୍ଭୁତ ସମ୍ପତି ଭିଜିଲାନ୍ସ ବିଭାଗ ପକ୍ଷରୁ କୋର୍ଟରେ ଉପସ୍ଥାପନ କରାଯାଇଥିଲା । ଏ ବବଦରେ ଭିଜିଲାନ୍ସ କେସ ନମ୍ବର ୨୬/୧୩ - ୧୯.୧୨.୨୦୨୩ରେ ଏକ ମାମଲା ରୁଜୁ କରାଯାଇଥିଲା । ଆଜି ସମସ୍ତ ଆବଶ୍ୟକ ପ୍ରମାଣପତ୍ର ଏବଂ ସମସ୍ତ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଭିଜିଲାନ୍ସ କୋର୍ଟ ପକ୍ଷରୁ ଚୁଡାନ୍ତ ରାୟ ପ୍ରକାଶ ପାଇଅଛି ।

## ରାସ୍ତାରେ ବଡ଼ ଖାଲ, ଯାତାୟାତରେ ସମସ୍ୟା: ମରାମତି ଦାବି

ଯାଜପୁର ରୋଡ଼,୨୯।୬ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ଜନଗହଳି ପୂର୍ଣ୍ଣ ମୁଖ୍ୟସ୍ଥଳ ହେଉଛି ଗୋପବନ୍ଧୁ ଛକ। ଏହି ଛକର ଠିକି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖ ରାସ୍ତାରେ ଦୀର୍ଘଦିନ ହେବ ରାସ୍ତାରେ ଏକ ବଡ ଖାଲ ହୋଇଛି। ଯାହା ଫଳରେ ଲୋକମାନେ ଏହି ରାସ୍ତାରେ ଯାତାୟାତ ସମୟରେ ନାନାଦି ପ୍ରକାରର ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ରାସ୍ତା ଉପରେ ସୃଷ୍ଟି ହୋଇଥିବା ଖାଲଟି ପଥଚାରୀଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଛି। ବର୍ଷାରେ ଜଳ ପୂର୍ଣ୍ଣ ହେଲାପରେ ତାହା ଗଡ଼ିଆର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ଟ୍ରାଫିକ ସମସ୍ୟା ମଧ୍ୟ ଦେଖାଦେଉଛି।



ଗତକାଲି ଏହି ଛକ ଠାରେ ଅଂଚଳର "ଲେଖକ ତଥା କବି ଶ୍ରୀ ମହେଶ୍ୱର ନାୟକ ଓ ତାଙ୍କ ସାଥିମାନେ" ଏହି ରାସ୍ତାର ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ଗୋଟେ ଚାରିଚକିଆ କାର ଗାଡ଼ିଟିଏ ଅତିକ୍ରମ କଲା, ଆଉ ସେ ସମୟରେ ଖାଲର ପାଣି ଏତେ ଜୋରର୍ରେ ତିନି ଚାରି ଫୁଟ ଉପରକୁ ଛିଟିକା ମାରିଲା ପଥଚାରୀ ସମେତ ସେମାନେ ସେ ସମୟରେ ସମ୍ପୂର୍ଣ୍ଣ ମାଟିଆ ପାଣିରେ ଗାଧୋଇ ପଡିଥିଲେ। ତେଣୁ ଅଂଚଳ ଜନସାଧାରଣ ମାନେ ଜିଲ୍ଲା ପ୍ରଶାସନକୁ ଗଣମାଧ୍ୟମ ଜରିଆରେ ଅବଗତ କରାଇବା ସହ ଅନୁରୋଧ ରଖିଛନ୍ତି'ଯେ ଅଧିକ ବର୍ଷା ହେବା ସମୟ ପୂର୍ବରୁ ଏହି ରାସ୍ତାରେ ହୋଇଥିବା ଖାଲଟି ପ୍ରତି ବ୍ୟାସନଗର ପୌର ପ୍ରଶାସନ ଦୟାକରି ଟିକେ ଦୃଷ୍ଟି ଦିଅନ୍ତୁ ନେଇ ଜଣାଇଛନ୍ତି।

## ଅଲ ଇଣ୍ଡିଆ ଡିଏସଓ ତରଫରୁ ବିକ୍ଷୋଭ




ହିଞ୍ଜିଳିକାଟୁ,୨୯।୬ (ସଂଚାର ବ୍ୟୁରୋ): ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା ଦାବିରେ ଅଲ ଇଣ୍ଡିଆ ଡ଼ିଏସଓ ତରଫରୁ ଦୃଢ଼ ବିରୋଧ କରାଯାଇଛି। ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ବ୍ୟାପକ ପ୍ରସ୍ତୁତି ନ ନେଇ ତରବରିଆ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଛନ୍ତି, ତାହା ୨୦୦୦ରୁ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ରହିଛି | ବର୍ତ୍ତମାନ ଜୁଲାଇ ମାସ ହେବାକୁ ଯାଉଛି, ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି। ତେବେ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଯୋଗୁଁ ବିଦ୍ୟାଳୟଗୁଡ଼ିକରେ ଏପର୍ଯ୍ୟନ୍ତ ପଢା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ ତେଣୁ ବିଜ୍ଞାନସମ୍ମତ ଓ ଯୁକ୍ତିଭିତ୍ତିକ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇ ବଣ୍ଟନ ନ ହେବା ପର୍ଯ୍ୟନ୍ତ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା ପାଇଁ ହିଞ୍ଜିଳିକାଟୁ ଅଲ ଇଣ୍ଡିଆ ଡ଼ିଏସଓ ତରଫରୁ ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଂଚି ଗୋଷ୍ଠି ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରି ଦାବି ଜଣାଇଛନ୍ତି |

## ଜାତୀୟ ପରିସଂଖ୍ୟାନ ଦିବସ ପାଳିତ




ଖୋରଧା, ୨୯।୬ (ସଂଚାର ବ୍ୟୁରୋ): ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ (ପରିସଂଖ୍ୟାନ ଶାଖା), ଖୋର୍ଦ୍ଧା ପକ୍ଷରୁ ସୋମବାର ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ- ୨୦୨୬ ଜିଲ୍ଲାସ୍ତରରେ ଉତ୍ସାହର ସହ ପାଳନ କରାଯାଇଛି। ଉପନିର୍ଦ୍ଦେଶକ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

ମୁଖ୍ୟ ଅତିଥି ଶ୍ରୀ ବେଉରା କହିଥିଲେ ଯେ, ପରିସଂଖ୍ୟାନର ଜନକ ପ୍ରଫେସର ପି. ସି. ମହାଲାନୋବିସଙ୍କ ଅବଦାନ ଭାରତର ଯୋଜନାବଦ୍ଧ ବିକାଶର ମୂଳ ଆଧାର। ସଠିକ୍ ପରିସଂଖ୍ୟାନ ବିନା ବଜେଟ୍ ପ୍ରସ୍ତୁତି, ଜନଗଣନା, ବିକାଶ ଯୋଜନା ଓ ନୀତି ନିର୍ଦ୍ଧାରଣ ସମ୍ଭବ ନୁହେଁ। ସେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସଠିକ୍ ତଥ୍ୟ ସଂଗ୍ରହ ଓ ପ୍ରସାରଣରେ ସହଯୋଗ କରି 'ବିକଶିତ ଓଡ଼ିଶା- ୨୦୩୬' ଏବଂ 'ବିକଶିତ ଭାରତ- ୨୦୪୭' ଲକ୍ଷ୍ୟ ସାକାର କରିବାକୁ ଆହ୍ୱାନ ଦେଇଥିଲେ।

ମୁଖ୍ୟ ବକ୍ତା ତଥା ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସୁଧାଂଶୁ ଶେଖର ମିଶ୍ର ପରିସଂଖ୍ୟାନର ବ୍ୟାପକ ଉପଯୋଗିତା ଉପରେ ଆଲୋକପାତ କରି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଡ଼. ସୁବୋଧ କୁମାର ଜଗଦେବ ଉଚ୍ଚଶିକ୍ଷା କ୍ଷେତ୍ରରେ ପରିସଂଖ୍ୟାନର ଭୂମିକା ବିଷୟରେ ମତ ରଖିଥିଲେ।

ଏହି ଅବସରରେ ପରିସଂଖ୍ୟାନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ପାଇଁ ବାଣପୁର ବ୍ଲକ୍ ପରିସଂଖ୍ୟାନ ଅଧିକାରୀଙ୍କୁ ପ୍ରଥମ, ବାଲିଅନ୍ତା ବ୍ଲକ୍ ପରିସଂଖ୍ୟାନ ଅଧିକାରୀଙ୍କୁ ଦ୍ୱିତୀୟ ଏବଂ ଜଟଣୀ ବ୍ଲକ୍ ପରିସଂଖ୍ୟାନ ଅଧିକାରୀଙ୍କୁ ତୃତୀୟ ସ୍ଥାନ ପାଇଁ ଫଳକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

### କୁଟୁଣିଆ ସାହି ଉଚ୍ଛେଦ ଘଟଣା

# ଉପନଗରପାଳଙ୍କ ନାମରେ ଏତଲାକୁ ଶତାଧିକ ମହିଳାଙ୍କ ବିରୋଧ



ଢେଙ୍କାନାଳ, ୨୯।୬ (ସଂଚାର ବ୍ୟୁରୋ): ଢେଙ୍କାନାଳ ସହରର କୁଟୁଣିଆ ସାହିରେ ହୋଇଥିବା ଜବରଦଖଲ ଉଚ୍ଛେଦ ଘଟଣାକୁ ନେଇ ନୂଆ ମୋଡ଼ ଦେଖିବାକୁ ମିଳିଛି। ଉଚ୍ଛେଦ କାର୍ଯ୍ୟର ତିନି ଦିନ ପରେ ପୌର ନିର୍ବାହୀ ଅଧିକାରୀ ଢେଙ୍କାନାଳ ଟାଉନ ଥାନାରେ ଉପନଗରପାଳଙ୍କ ନାମରେ ଏକ ଏତଲା ଦାଖଲ କରିଛନ୍ତି। ଏହି ଘଟଣା ପ୍ରକାଶ ପାଇବା ପରେ ଥାନା ପରିସରରେ ଶତାଧିକ ମହିଳା ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ।

ସୂଚନା ଅନୁଯାୟୀ, କୁଟୁଣିଆ ସାହିରେ ଜବରଦଖଲ ଉଚ୍ଛେଦକୁ କେନ୍ଦ୍ର କରି ପୂର୍ବରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାର ତିନି ଦିନ ପରେ ପୌର ନିର୍ବାହୀ ଅଧିକାରୀ ଥାନାରେ ଦେଇଥିବା ଏତଲାରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି, ଉଚ୍ଛେଦ କାର୍ଯ୍ୟରେ ବିଘ୍ନ ଘଟାଇବା ସମେତ ବିଭିନ୍ନ ଅଭିଯୋଗ ଉଲ୍ଲେଖ କରିଥିବା କୁହାଯାଉଛି। ଏହାକୁ ବିରୋଧ କରି କୁଟୁଣିଆ ସାହିର ଶତାଧିକ ମହିଳା ଓ ସ୍ଥାନୀୟ ବାସିନ୍ଦା ଢେଙ୍କାନାଳ ଟାଉନ ଥାନାରେ ପହଞ୍ଚି ଜୋରଦାର ପ୍ରତିବାଦ କରିଥିଲେ। ସେମାନଙ୍କ ଅଭିଯୋଗ ହେଉଛି, ଗରିବ ବସ୍ତିବାସୀଙ୍କୁ ଅନ୍ୟାୟ ଭାବେ ହଇରାଣ କରାଯାଉଛି ଏବଂ ଜନପ୍ରତିନିଧିଙ୍କ ନାମରେ ମାମଲା କରି ପ୍ରଶାସନ ଲୋକଙ୍କ ସ୍ୱରକୁ ଦମନ କରିବାକୁ ଚେଷ୍ଟା କରୁଛି।

ଥାନା ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ପୁଲିସ ପକ୍ଷରୁ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରାଯାଇଥିଲା। ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

ଏହି ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

### ୬୦ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷୟିତ୍ରୀ

## ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ, ଅଭିଭାବକଙ୍କ ଧାରଣା




ଆନନ୍ଦପୁର, ୨୯।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଖଲଣା ଗ୍ରାମର ତଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଶିକ୍ଷକ ସମସ୍ୟା। ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ କେବଳ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି। ଏହି ବିଦ୍ୟାଳୟରେ ପୂର୍ବରୁ ୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ ସେଥିମଧ୍ୟରୁ ଜଣେ ଅବସର ଗ୍ରହଣ ନେବାପରେ ଆଉ ଜଣେ ଶିକ୍ଷୟିତ୍ରୀ ଟ୍ରାନ୍ସଫର ହୋଇ ପଳାଇଲେ। ବର୍ତ୍ତମାନ ଜଣେ ଶିକ୍ଷୟିତ୍ରୀ ମିତାରଣୀ ସାହୁ ଏକୁଟିଆ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ଅସମ୍ଭବ ହୋଇପଡୁଛି । ଯାହା ଫଳରେ ସମସ୍ତ ଶ୍ରେଣୀର ପାଠଦାନ ସଠିକ୍ ଭାବେ ସମ୍ଭବ ହେଉନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗୁରୁତର ଭାବେ ପ୍ରଭାବିତ ହେଉଛି ।

ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଧୁସ୍ମିତା ଦଳେଇ ଏବଂ ଗ୍ରାମବାସୀ ବାରମ୍ବାର ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ପଯ୍ୟନ୍ତ ସମସ୍ୟାର ସମାଧାନ ନ ହେବାରୁ କ୍ଷୁବ୍ଧ ହୋଇ ଆଜି ବିଦ୍ୟାଳୟରେ ତାଲା ପକାଇ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ।

ଖବର ପାଇ ଘଷିପୁରା ବ୍ଲକ ଶିକ୍ଷା ଅଧିକାରୀ ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ । ଆସନ୍ତାକାଲି ଜଣେ ଶିକ୍ଷକ ପଠାଇବା ସହ ପାଞ୍ଚ ଦିନ ମଧ୍ୟରେ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ତେବେ ପ୍ରତିଶ୍ରୁତି ଅନୁଯାୟୀ ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ଚେତାବନୀ ଦେଇଛନ୍ତି।

# କ୍ଲବ୍ ଘର ସ୍ଥାନାନ୍ତରକୁ ନେଇ ଜନଅସନ୍ତୋଷ

### ସରପଞ୍ଚଙ୍କ କୁଶପୁତ୍ତଳିକା ଦାହ



କାକଟପୁର/ଅସ୍ତରଙ୍ଗ, ୨୯।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଦକ୍ଷିଣପନ୍ତାଳରେ ମା' ଶ୍ୟାମାକାଳୀ ପୂଜା କମିଟିର କ୍ଲବ ଘର ସ୍ଥାନାନ୍ତରକୁ ନେଇ ଜନ-ଅସନ୍ତୋଷ ରବିବାର ସନ୍ଧ୍ୟାରେ ବିସ୍ଫୋରକ ରୂପ ନେଇଛି। ଦୀର୍ଘ ୨୫ବର୍ଷର ଏହି ଅନୁଷ୍ଠାନ କେବଳ ଏକ କ୍ଲବ ନୁହେଁ, ଏହା ଅଞ୍ଚଳର ଏକ ବଡ଼ ସାମାଜିକ-ସାଂସ୍କୃତିକ ପୀଠ।

ଶ୍ୟାମାକାଳୀ ପୂଜା କମିଟି ସଭାପତି ଦୀପକ ପଣ୍ଡା କହିଛନ୍ତି, "ଆମ କମିଟି ଏକ ପ୍ରତିଷ୍ଠିତ ଅନୁଷ୍ଠାନ। ପୂର୍ବରୁ ଆମ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନେକ ପ୍ରଶାସନିକ ଅଧିକାରୀ, ବଡ଼ ବଡ଼ ପୋଲିସ ଅଫିସର ଏବଂ ପ୍ରଭାବଶାଳୀ ରାଜନେତା ଅତିଥି ହୋଇଛନ୍ତି। ପଶ୍ଚିମେଶ୍ୱର ମନ୍ଦିର ପାଖ ଏହି ସ୍ଥାନ ସ୍ଥାନୀୟ ଅଞ୍ଚଳବାସୀଙ୍କ ମୁଖ୍ୟ ମିଳନ ସ୍ଥଳ। ଏଠାରେ ସବୁ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ, ପାଲା, ଆୟୋଜିତ ହୁଏ। କ୍ଲବ ଘର ହେଲେ ଏହା ଯୁବକଙ୍କ ପ୍ରଶିକ୍ଷଣ, ପାଠାଗାର ଓ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର ହେବା।"

କିନ୍ତୁ କମିଟି ନାଁରେ ଆଲର୍ଟ ହୋଇଥିବା କ୍ଲବ ଘରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଅଭିଯୋଗରେ ରବିବାର ସନ୍ଧ୍ୟାରେ ଶତାଧିକ ଗ୍ରାମବାସୀ ଓ ଯୁବପୀଢ଼ି ପଶ୍ଚିମେଶ୍ୱର ମନ୍ଦିର ନିକଟରୁ ବିଶାଳ ରାଲି କରି ନଗର ରେଡକ୍ରସ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ନଗର ପଞ୍ଚାୟତ ସରପଞ୍ଚ ବିଜୟ ଖଣ୍ଡୁଆଳଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। "ବିଜୟ ଖଣ୍ଡୁଆଳ ମୁର୍ଦାବାଦ", "ଆମ କ୍ଲବ ଆମକୁ ଦିଅ" ସ୍ଲୋଗାନରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ପ୍ରକମ୍ପିତ ହୋଇଥିଲା।

କମିଟି ୧୫ ଦିନର ଅଲ୍ଟିମେଟମ୍ ଦେଇ କହିଛି, ଦାବୀ ପୂରଣ ନ ହେଲେ ବ୍ଲକ ଘେରାଉ ଓ ରାସ୍ତା ରୋକ ହେବ। ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧିଙ୍କ ବିରୋଧରେ ମଧ୍ୟ ନାରାବାଜି ପ୍ରକମ୍ପିତ ହୋଇଥିଲା।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଫିସ ଉଦ୍‌ଘାଟିତ



ନୀଳଗିରି, ୨୯।୬ (ସଂଚାର ବ୍ୟୁରୋ): ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଫିସକୁ ଆଜି ମାନ୍ୟବର ରେମୁଣା ବିଧାୟକ ତଥା ସରକାରୀ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଶୁଭ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିପିନ ମାରାଣ୍ଡି ବିଧିବଦ୍ଧ ଭାବେ ନୂଆ ଅଫିସରେ ପୂଜା କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ଶ୍ରୀଯୁକ୍ତ ମାରାଣ୍ଡି ଦାୟିତ୍ୱ ନେଲା ପରେ ବାଲେଶ୍ୱର ଜିଲ୍ଲାରେ ଆଦିବାସୀ ଭାଇ ଓ ଭଉଣୀ ମାନଙ୍କର ବିକାଶ ମୂଳକ କାର୍ଯ୍ୟ ପାଇଁ ସର୍ବଦା ଚେଷ୍ଟିତ ରହିବେ ବୋଲି ମତପ୍ରକାଶ କରିଛନ୍ତି ।

**OFFICE OF THE EXECUTIVE ENGINEER**
**GROUND WATER DEVELOPMENT DIVISION-1HP**
**BUILDING, UNIT-8, DELTA SQUARE,**
**BHUBANESWAR- 751012**
**[Phone No.2561040(O),**
**[email:executiveengineerhpbbsr@gmail.com]**

**CORRIGENDUM NO-1**

In continuation of this office e-Procurement Notice No. 643 (Bid Identification No. GWD DIV-1BBSR- 03/26-27) of 2026-27 dated 19.06.2026, it is hereby informed that the date 05.07.2026 wherever appearing in the notice may be read as 06.07.2026, as 05.07.2026 is a Government holiday.

All other terms and conditions of the above notice shall remain unchanged.

**EE GWD Division I**











**ମହାପ୍ରଭୁଙ୍କ ମହାସ୍ନାନ**

୧) ସ୍ନାନ ମଣ୍ଡପରେ ଶ୍ରୀଜୀଉ, ୨) ପୁଲିସ କାନ୍ଧରେ ବସି ଜଗା ଦେଖିବି, ୩) ଗଜପତି ମହାରାଜାଙ୍କ ସହ ମୁଖ୍ୟମନ୍ତ୍ରୀ , ୪) ମହରଣାମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା , ୫) ବଡ଼ଦାଣ୍ଡ ପାଲଟିଛି ଜନସମୁଦ୍ର

# ଖୋଲିଲା ମା' ମଝିଘରିଆଣୀ ମନ୍ଦିରର ହୁଣ୍ଡି



ରାୟଗଡ଼ା,୨୭।୬(ସଂଚାର ବ୍ୟୁରୋ)ଃ ଖୋଲିଲା ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ହୁଣ୍ଡି। ୫ ମାସ ପରେ ମନ୍ଦିରର ୯ଟି ଦାନ ହୁଣ୍ଡି ଖୋଲାଯାଇ ଆରମ୍ଭ ହୋଇଥିଲା ଗଣତି। ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୁଲିସର କଡ଼ା ସୁରକ୍ଷାରେ ମନ୍ଦିର କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ଗଣା ଚାଲିଛି। ଆଜିର ଗଣତି କାର୍ଯ୍ୟରେ ପ୍ରାୟ ୨୫୦ ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ମିଳିଥିବା ସୂଚନାନୁଯାୟୀ, ସୋମବାର ମା' ମଝିଘରିଆଣି ମନ୍ଦିରର ଦାନ ହୁଣ୍ଡି। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୯ଟି ଦାନ ହୁଣ୍ଡିରୁ ପୂର୍ବାହ୍ନ ସାଢ଼େ ୧୦ଟାରୁ ଗଣତି ଆରମ୍ଭ ହୋଇଛି। ଏହି ଗଣତି କାମରେ ବିଭିନ୍ନ ସଂଗଠନର ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଏହି ଗଣତି କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ଭାଗ୍ୟବାନ ମଣିଛନ୍ତି ବୋଲି କହିଛନ୍ତି ମହିଳା ସଂଘର ସଦସ୍ୟଗଣ। ସୂଚନାଯୋଗ୍ୟ ଯେ ୫ ମାସ ପୂର୍ବେ ଦାନ ହୁଣ୍ଡି ଖୋଲାଯାଇଥିବା ବେଳେ ସେଥିରୁ ନଗଦ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫ ଟଙ୍କା, ୨ କେଜି ୧୫୦ ଗ୍ରାମ ରୁପା ଓ ୩୦ ଗ୍ରାମ ସୁନା ବାହାରିବା ସହ ୨୩ଟି ବିଦେଶୀ ଓ ଅଚଳ ନୋଟ୍ ବାହାରିଥିଲା। ସଂଗ୍ରହ ସମସ୍ତ ଅର୍ଥ ଓ ସୁନା-ରୁପା ମନ୍ଦିର ପରିସରରୁ ମଝିଘରିଆଣୀ ଟ୍ରଷ୍ଟର ସ୍ୱତନ୍ତ୍ର ବସ୍‌ରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କକୁ ସ୍ଥାନାନ୍ତର କରାଯାଇଥିଲା।

# ସଂଶୋଧିତ ପୁସ୍ତକରେ ପାଠ ପଢ଼ିବେ ପିଲା

**ତଦନ୍ତ ରିପୋର୍ଟ ଅନୁସାରେ ଅଧିକ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର, ୨୯।୬ (ସଂଚାର ବ୍ୟୁରୋ)ଃ ଚଳିତ ଶିକ୍ଷା ବର୍ଷ ପାଇଁ ପ୍ରତ୍ୟାହାର ହେବନି ତ୍ରୁଟିପୂର୍ଣ୍ଣ ବହି। ସଂଶୋଧିତ ପୁସ୍ତକରେ ପାଠ ପଢ଼ିବେ ପିଲା। ପ୍ରତି ସ୍କୁଲକୁ ଦିଆଯିବ ସଂଶୋଧିତ ପୁସ୍ତକ। ବିଦ୍ୟାଳୟଗୁଡିକରେ ଠିକ୍ ଭାବେ ପଢ଼ାଯିବା ନେଇ ଏହି ସଂଶୋଧିତ ବହି ବ୍ୟବହାର କରାଯିବ। ସେପଟେ ତଦନ୍ତ ଆଧାରରେ ଆଉ ଯଦି ଦୋଷୀ ବାହାରିବେ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେ ବହି ତ୍ରୁଟି ନେଇ ତଦନ୍ତ କରି ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ସେ ୧୪ ପଏଣ୍ଟ ପରାମର୍ଶ ଦେବା ସହ ସ୍କୁଲଗୁଡିକୁ ସଂଶୋଧିତ ବହି ଦେବାକୁ କହିଛନ୍ତି। ବର୍ତ୍ତମାନ ବିଦ୍ୟାଳୟଗୁଡ଼ିକରେ ଠିକ୍ ଭାବେ ପଢ଼ାଯିବା ନେଇ ଏହି ସଂଶୋଧିତ ବହି ବ୍ୟବହାର କରାଯିବ। ଏହି ସଂଶୋଧିତ ବହି ଡିଇଓ କି ସ୍କୁଲ ପ୍ରଧାନଶିକ୍ଷକଙ୍କ ଜରିଆରେ ଦିଆଯିବ। ତଦନ୍ତ ରିପୋର୍ଟ ଅନୁସାରେ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଉ ଯଦି ଦୋଷୀ ବାହାରିବେ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

● ଝରାଫୁଲ ହତ୍ୟା ମାମଲା

## ୫ ବର୍ଷ ପରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ)ଃ ବହୁଚର୍ଚ୍ଚିତ ଝରାଫୁଲ ହତ୍ୟାକାଣ୍ଡ ଘଟଣାରେ ଆଜି ଆସିଛି ରାୟ। ଦୋଷୀ ରାକେଶ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି। ଏଥିସହ ରାକେଶ ଉପରେ ୧ ଲକ୍ଷ ଟଙ୍କାର ଜରିମାନା ମଧ୍ୟ କଷାଯାଇଛି। ଆହୁରି ରାକେଶର ସହଯୋଗୀ ଅମରେଶ ରାଉତଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡାଦେଶ ଦିଆଯାଇଛି। ଏହି ରାୟ ଶୁଣାଇଛନ୍ତି ଯାଜପୁର ଅତିରିକ୍ତ ଜିଲ୍ଲା ଜଜ୍। ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକଙ୍କୁ ଭୁବନେଶ୍ୱରରେ ହତ୍ୟା କରିବା ପରେ ସ୍କୁଟିରେ ନେଇ ଅଭିଯୁକ୍ତ ଯାଜପୁରରେ ଫିଙ୍ଗିଦେଇଥିଲେ। ମୁଖ୍ୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କୁ ଭୁବନେଶ୍ୱରରୁ ପୁଲିସ ଗିରଫ କରିବା ପରେ ଝରାଫୁଲଙ୍କ



ମର୍ଡର ମିଷ୍ଟ୍ରି ଉପରୁ ଧୀରେ ଧୀରେ ପରଦା ହଟିଥିଲା। ଭୁବନେଶ୍ୱରରେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଓ ମୃତଦେହକୁ ଫିଙ୍ଗିବ ପାଇଁ ଅଭିଯୁକ୍ତ କରିଥିଲେ ଷଡଯନ୍ତ୍ର। ତଦନ୍ତରୁ ଜଣାପଡ଼ିଛି ଯେ ରାକେଶ ଝରାଫୁଲଙ୍କ ପୁରୁଷ ବନ୍ଧୁ। ଯେଉଁ ସିସିଟିଭି ଫୁଟେଜ ମିଳିଥିଲା, ସେଥିରେ ସ୍କୁଟି ପଛପଟେ ବସିଥିଲେ ଅଭିଯୁକ୍ତ ରାକେଶ। ହତ୍ୟାକାଣ୍ଡ ପରେ ପୁଲିସକୁ ଭୁଆଁ ବୁଲାଇବା ପାଇଁ ଅଭିଯୁକ୍ତ ବଡ଼ ଷଡ଼ଯନ୍ତ୍ର ରଚିଥିଲେ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅନ୍ତର୍ଗତ ତରୁଣ୍ଡେଇପଶି ଗ୍ରାମର ରାମାକାନ୍ତ ନାୟକଙ୍କ ଝିଅ ଝରାଫୁଲ (୨୧) ରମାଦେବୀ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସେ ୨୦୨୧ ଜାନୁଆରୀ ୨୬ ତାରିଖ ଦିନ ନିଜ ଘରକୁ ଯିବା ପାଇଁ ଭୁବନେଶ୍ୱରରୁ ଝାଡ଼େଶ୍ୱର ବସ୍‌ରେ ବସିଥିଲେ। ମାତ୍ର ଘରେ ପହଞ୍ଚିବା ବଦଳରେ ଯାଜପୁର ଜିଲ୍ଲାର କୁଆଖିଆ ଥାନାଞ୍ଚଳରୁ ତାଙ୍କ ମୃତଦେହ ମିଳିଥିଲା।

## ରାସ୍ତା ମଝିରେ ଜଳିଗଲା କୋଇଲା ବୋଝେଇ ଟ୍ରକ୍

ମୟୂରଭଞ୍ଜ,୨୯।୬(ସଂଚାର ବ୍ୟୁରୋ)ଃ ରାସ୍ତା ମଝିରେ ହୁତୁ ହୁତୁ ହୋଇ ଜଳିଗଲା କୋଇଲା ବୋଝେଇ ଟ୍ରକ୍। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନସ୍ଥ ୧୮ ନମ୍ବର ଜାତୀୟ ରାଜପଥ ତାରାକୋଟୀଠାରେ ଘଟିଛି ଏହି ଘଟଣା। ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଉକ୍ତ କୋଇଲା ବୋଝେଇ ଟ୍ରକ୍‌ର ଡ୍ରାଇଭର ଓ ହେଲ୍ପର। ଆଜି ସକାଳ ପ୍ରାୟ ୮ଟା ସମୟରେ ବାଲେଶ୍ୱରରୁ ବାରିପଦା ଆସୁଥିବା ଉକ୍ତ ଟ୍ରକ୍‌ରେ ଅଚାନକ ନିଆଁ ଲାଗିଯାଇଥିଲା। ତେବେ ଠିକ୍ ସମୟରେ ଉଭୟ ଡ୍ରାଇଭର୍ ଓ ହେଲ୍ପର ଗାଡ଼ିରୁ ଓହ୍ଲାଇପଡ଼ି ନିଜ ଜୀବନ ରକ୍ଷା କରିଥିଲେ। ଖବର ପାଇ ବେତନଟୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ୨୧ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ନୂଆପଡ଼ା,୨୯।୬(ସଂଚାର ବ୍ୟୁରୋ)ଃ ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍‌ର ଜୋଙ୍କ ପୁଲିସ ପକ୍ଷରୁ ସ୍ଥାନୀୟ ପଞ୍ଜାବୀପଡ଼ାରେ ଚଢ଼ାଉ କରାଯାଇ ପାଖାପାଖି ୨୨ କିଲୋ ଓଜନର ଗଞ୍ଜେଇ ଜବତ କରାଯାଇଛି। ଏଥିସହ ପୁଲିସ ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ବଲାଙ୍ଗୀର ଜିଲ୍ଲାର ବେଲପଡା ଥାନା ଅନ୍ତର୍ଗତ ଭରୁଆପାଲି



ଗାଁର ଠାକୁର ପ୍ରସାଦ ହରପାଲ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଜୋଙ୍କ ପୁଲିସର ପାଟ୍ରୋଲିଂ ଟିମ୍ ପାଟ୍ରୋଲିଂ ସମୟରେ ଖରିଆର ରୋଡ୍ ସହର ପଞ୍ଜାବୀପଡ଼ାରେ ଜଣେ ଗଞ୍ଜେଇ ବେପାରୀ ଗଞ୍ଜେଇ ଚାଲାଣ କରିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏନେଇ ସୂଚନା ପାଇବା ପରେ ଜୋଙ୍କ ପୁଲିସର ପାଟ୍ରୋଲିଂ ଟିମ୍ ଚଢ଼ାଉ କରି ୨୧ କିଲୋ ୮୫୬ ଗ୍ରାମ ଓଜନର ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନୂଆପଡ଼ା ଏସଡିପିଓ ସ୍ୱାଧୀନ ମିଶ୍ର ସୂଚନା ଦେଇଛନ୍ତି।

### ଛାତ ଉପରେ ଲୁଗା ଆଣିବା ବେଳେ ଅଘଟଣ

## ବଜ୍ରାଘାତରେ ମହିଳା ମୃତ

ବାଲେଶ୍ୱର,୨୯।୬(ସଂଚାର ବ୍ୟୁରୋ)ଃ ଛାତ ଉପରେ ଲୁଗା ଆଣିବା ସମୟରେ ଘଟିଛି ଅଘଟଣ। ବାଲେଶ୍ୱରରେ ବଜ୍ରାଘାତରେ ଜନୈକା ମହିଳା ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ଚୂନଭାଟି ଅଞ୍ଚଳର କନକଲତା ପଲେଇ (୬୫ )। ମିଳିଥିବା ସୂଚନାନୁଯାୟୀ, ଆଜି ଅପରାହ୍ନରେ କଳାହାଣ୍ଡିଆ ମେଘ ଆସିବା ଯୋଗୁଁ କନକ ଛାତ ଉପରକୁ ଶୁଖିଲା ଲୁଗା ଆଣିବା ପାଇଁ ଯାଇଥିଲେ। ତେବେ ହଠାତ ଲୁଗା ଆଣୁଥିବା ସମୟରେ ତାଙ୍କର ବଜ୍ରାଘାତରେ ପ୍ରାଣବାୟୁ ଉଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବୀଭତ୍ସ ପରିବାର ଲୋକଙ୍କ ସାମ୍ନାରେ ପିଟିପିଟି ହତ୍ୟା



ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ)ଃ ରାଜଧାନୀରେ ଘଟିଛି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ। ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ତିନି ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜନୈକ ଯୁବକଙ୍କୁ ତାଙ୍କ ପରିବାର ଲୋକଙ୍କ ସାମ୍ନାରେ ଅତି ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ତିନିଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଯୁବକଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ଟାର୍ଗେଟ କରିଥିଲେ। ଏଥିରେ ପରିବାର ଲୋକେ ବାଧା ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ସେମାନଙ୍କୁ ଧମକ ଦେବା ସହ ଯୁବକଙ୍କୁ ଲୁହା ରଡ୍ ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଅତି ନିର୍ଦ୍ଦୟ ଭାବେ ପିଟିଚାଲିଥିଲେ। ଗୁରୁତର ଅବସ୍ଥାରେ ଯୁବକଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରାଥମିକ ତଦନ୍ତରୁ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏହା ପଛରେ ସୁପାରି କିଲରଙ୍କ ହାତ ଥାଇପାରେ ବୋଲି ପୁଲିସ ମଧ୍ୟ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ତେବେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୁଲିସ୍ ସ୍ପଷ୍ଟ କରିଛି। ଘଟଣା ନେଇ ସୂଚନା ପାଇ ଖଣ୍ଡଗିରି ଥାନା ପୁଲିସ, ସାଇଣ୍ଟିଫିକ୍ ଟିମ୍ ଓ ଡିସିପି ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ବିଭିନ୍ନ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରାଯାଇଥିବା ବେଳେ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତକୁ ଜୋରଦାର କରିଛି। ଅନ୍ୟପକ୍ଷରେ ଏହି ନିର୍ମମ ହତ୍ୟାକାଣ୍ଡ ପରେ ସମଗ୍ର କୋଳଥିଆ ଅଞ୍ଚଳରେ ଭୟ ଓ ଉତ୍ତେଜନାର ବାତାବରଣ ସୃଷ୍ଟି ହୋଇଛି। ଦିନଦ୍ୱିପ୍ରହର ହେଉ କିମ୍ବା ବିଳମ୍ବିତ ରାତି, ରାଜଧାନୀରେ ଏଭଳି ଅପରାଧିକ ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ମଧ୍ୟ ବଢ଼ିଛି।

## ଜୁଲାଇ ପ୍ରଥମ ସପ୍ତାହରୁ ପ୍ରବଳ ବର୍ଷା !

ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ)ଃ ବଙ୍ଗୋପସାଗରରେ ସୃଷ୍ଟି ହେବ ଚଳିତ ସିଜନ୍‌ର ପ୍ରଥମ ବଡ଼ ଲଘୁଚାପ। ଆସନ୍ତା ୨ ତାରିଖରୁ ବଢ଼ିବ ବର୍ଷାର ପ୍ରକୋପ। ମୌସୁମୀ ପ୍ରବାହକୁ ଆହୁରି ସକ୍ରିୟ କରିବା ପାଇଁ ପ୍ରକୃତି ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ଆସନ୍ତା ୨ରୁ ୩ ତାରିଖ ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇପାରେ। ଚଳିତ ବର୍ଷ ମୌସୁମୀ ଋତୁର ଏହା ପ୍ରଥମ ପ୍ରମୁଖ ପାଣିପାଗ ପ୍ରକ୍ରିୟା ହେବ, ଯାହା ବର୍ଷାର ପରିମାଣକୁ ବଢ଼ାଇଦେବ। ପାଣିପାଗ ବିଶେଷଜ୍ଞଙ୍କ ଅନୁମାନ ଅନୁଯାୟୀ, ଏହି ଲଘୁଚାପ ସୃଷ୍ଟି ହେବା ପରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଓଡ଼ିଶା, ଝାଡ଼ଖଣ୍ଡ ଓ ଏହାର ଆଖପାଖ ଅଞ୍ଚଳ ଆଡ଼କୁ ମୁହାଁଇବ। ଏହାର ପ୍ରଭାବରେ ୧ ଓ ୨ ତାରିଖରୁ ହିଁ ପାଗରେ ପରିବର୍ତ୍ତନ ଦେଖାଯିବ।

ସୌମ୍ୟରଞ୍ଜନ ହତ୍ୟାକାଣ୍ଡ ମାମଲା

## ଆଉ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର, ୨୯।୬ (ସଂଚାର ବ୍ୟୁରୋ)ଃ ବହୁଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟାକାଣ୍ଡ ମାମଲାରେ ଆଜି କ୍ରାଇମବ୍ରାଞ୍ଚକୁ ଆଉ ଏକ ସଫଳତା ମିଳିଛି। ଘଟଣା ସହ ଜଡ଼ିତ ଆଉ ଜଣେ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇଛି। ଅଭିଯୁକ୍ତ ରବି ଓରଫ ସୁବାଷ ଭୋଇଙ୍କୁ ସିଆଇଡି କ୍ରାଇମବ୍ରାଞ୍ଚ ଗିରଫ କରିଛି। ସେ ଖୋର୍ଦ୍ଧା ଜିଲ୍ଲା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ତଦନ୍ତ ସମୟରେ ସଂଗୃହୀତ ପ୍ରମାଣ ଆଧାରରେ ତାଙ୍କୁ କଳାରାହାଙ୍ଗ ଭୋଇ ସାହିରୁ ଗିରଫ କରାଯାଇଛି। ତଦନ୍ତରୁ ସୌମ୍ୟ ରଞ୍ଜନଙ୍କ ଉପରେ ଆକ୍ରମଣରେ ତାଙ୍କର ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଗତ ମେ' ୭ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର କାଜା ଅଞ୍ଚଳରେ ସୌମ୍ୟ ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ବେଳେ ଏହି ମାମଲାରେ ଅଦ୍ୟାବଧି ମୋଟ ୨୦ ଜଣଙ୍କୁ ଗିରଫ କରାଯାଇସାରିଛି।

ସୂଚନାଯୋଗ୍ୟ ଯେ ଗତ ମେ' ୭ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର-କାଜା ଅଞ୍ଚଳରେ ସୌମ୍ୟ ରଞ୍ଜନଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ତଦନ୍ତର ଦାୟିତ୍ୱ ସିଆଇଡି କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ, ସାକ୍ଷୀଙ୍କ ବୟାନ ରେକର୍ଡ, ଡିଜିଟାଲ ପ୍ରମାଣ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ତଦନ୍ତ ଆଗକୁ ବଢୁଛି।

● ଗୁଜୁରାଟ ଚାଲାଣ ବେଳେ ମାଡ଼ିବସିଲା ଗଞ୍ଜାମ ପୋଲିସ

## ୧୦୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ)ଃ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ବିରୋଧରେ ଗଞ୍ଜାମ ପୁଲିସକୁ ଆଜି ବଡ଼ ସଫଳତା ମିଳିଛି। ବଡ଼ଗଡ଼ ଥାନା ପୁଲିସ ଏକ ଫୋର୍ଡ ଏଣ୍ଡୋଭର ଗାଡ଼ିରୁ ୧୦୦ କେଜି ଓଜନର ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ପୁଲିସ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିବା ସମୟରେ ଗାଡ଼ିରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ଗୁପ୍ତ ଚାମ୍ବର ଭିତରେ ଗଞ୍ଜେଇ ଲୁଚାଇ ରଖାଯାଇଥିଲା। ଏହି ମାମଲାରେ ପୁଲିସ୍ ଦୁଇଟି ଆପାଚି ମୋଟର ସାଇକେଲକୁ ବି ଜବତ କରିଛି। ଏହି ଗଞ୍ଜେଇ ଗଞ୍ଜାମ ଜିଲ୍ଲାର ନାକଟିରି ଗ୍ରାମରୁ ସଂଗ୍ରହ କରାଯାଇଥିଲା ଓ ବ୍ରହ୍ମପୁର ଦେଇ ଗୁଜରାଟକୁ ଚାଲାଣ କରାଯାଉଥିବା ବେଳେ ପୁଲିସ ଏହାକୁ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମୁରଲୀଧର ସେଠୀ (୪୦), ଗୋପାଳ ଗମାଙ୍ଗ (୫୪), ମିଖାଲ ଗମାଙ୍ଗ (୪୦) ଓ ଈଶା ଜାନି (୨୮)। ଏହି ଘଟଣାରେ ବଡ଼ଗଡ଼ ଥାନାରେ ମାମଲା ନଂ-୨୪୪, ତାରିଖ ୨୮.୦୬.୨୦୨୬ ଅନୁଯାୟୀ ଏନ୍‌ଡିପିଏସ୍‌ର ଧାରା ୨୦(ବି)(୨)(ସି) ଓ ୨୯ରେ ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପୁଲିସ ଏହି ଆନ୍ତଃରାଜ୍ୟ ଚୋରାଚାଲାଣ ଚକ୍ରର ସମ୍ପୂର୍ଣ୍ଣ ନେଟୱର୍କ, ଯୋଗାଣକାରୀ, ଗୁଜରାଟରେ ଥିବା ଗ୍ରହଣକାରୀ ଓ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛି।

## ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ, ମେଡିକାଲରେ ଉତ୍ତେଜନା



ଭଦ୍ରକ,୨୯।୬(ସଂଚାର ବ୍ୟୁରୋ)ଃ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜନୈକା ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ମହିଳା ସିକ୍ୟୁରିଟି ଗାର୍ଡ ଜଣଙ୍କ ଆହତ ହୋଇଛନ୍ତି। ଫଳରେ ଏହାକୁ ନେଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଛି।

ମିଳିଥିବା ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭବାନୀ ସିକ୍ୟୁରିଟି ଗାର୍ଡ ଏଜେନ୍ସି କାର୍ଯ୍ୟ କରୁଛି। ତେବେ ଗତକାଲି ବିଳମ୍ବିତ ରାତିରେ ମହିଳା ସିକ୍ୟୁରିଟି ଗାର୍ଡ ପ୍ରଭାତୀ ରାଉତ ଅନ୍ୟ ଏକ ମହିଳା ଗାର୍ଡଙ୍କ ଡ୍ୟୁଟି ବନ୍ଦ କରିଦେଇଥିବା ଅଭିଯୋଗ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଡ୍ୟୁଟି ବନ୍ଦ ହୋଇଥିବା ସିକ୍ୟୁରିଟି ଗାର୍ଡଙ୍କ ସ୍ୱାମୀ ଓ ଅନ୍ୟ ଜଣେ ବ୍ୟକ୍ତି ହଠାତ ମେଡିକାଲରେ ପହଞ୍ଚି ମହିଳା ସିକ୍ୟୁରିଟି ଗାର୍ଡ ପ୍ରଭାତୀଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଆହତ ମହିଳା ସିକ୍ୟୁରିଟି ଗାର୍ଡଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଥାନାରେ ଏକ ଲିଖିତ ଏତଲା ଦିଆଯିବା ପରେ ଗ୍ରାମାଞ୍ଚଳ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

■ ମହୁଲ ଗଛରୁ ମୃତଦେହ ଉଦ୍ଧାର

ପାଟଣା,୨୯।୬(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଡାଳପକା ପଞ୍ଚାୟତର କେନ୍ଦୁଯୋଡ଼ା ଗ୍ରାମରେ ଜନୈକା ୧୮ ବର୍ଷୀୟା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଘର ନିକଟସ୍ଥ ଏକ ମହୁଲ ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ସୋମବାର ପାଟଣା ପୁଲିସ ଉଦ୍ଧାର କରିଛି। ମୃତକ ଜଣଙ୍କ ହେଲେ କେନ୍ଦୁଯୋଡ଼ା ଗ୍ରାମର ରାଜେଶ ମାଝୀଙ୍କ ସ୍ତ୍ରୀ ଫୁଲବତୀ। ମିଳିଥିବା ସୂଚନାନୁସାରେ, ଫୁଲବତୀ ଗତ ଶନିବାରଠାରୁ ନିଖୋଜ ଥିଲେ। ତେବେ ତାଙ୍କ ଘରଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ଏକ ମହୁଲ ଗଛରେ ସେ ପିନ୍ଧିଥିବା ଲୁଗାରେ ଫାଶି ଲଗାଇ ଝୁଲିଥିବା ଅବସ୍ଥାରେ ତାଙ୍କର ମୃତଦେହ ମିଳିଛି। ସୋମବାର କେତେକ ମହିଳା ଜଙ୍ଗଲକୁ ଯିବା ସମୟରେ ଫୁଲବତୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଖବର ପାଇ ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

ସଞ୍ଚାର
ମଙ୍ଗଳବାର ୩୦ ଜୁନ୍ ୨୦୨୬
BUSINESS

# ପାସପୋର୍ଟ ପାଇଁ ଏବେ ଗଣିବାକୁ ପଡ଼ିବ ଅଧିକ ଟଙ୍କା




ନୂଆଦିଲ୍ଲୀ,୨୯।୬: ଯଦି ଆପଣ ବିଦେଶ ଯାତ୍ରା ପାଇଁ ଯୋଜନା କରୁଛନ୍ତି କିମ୍ବା ନୂତନ ପାସପୋର୍ଟ କରିବାକୁ ଯାଉଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାର ପାସପୋର୍ଟ ଶୁଳ୍କରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ନୂତନ ପାସପୋର୍ଟ ପାଇବା, ପୁନଃ ପାସପୋର୍ଟ ପ୍ରଦାନ କରିବା ଏବଂ ତତ୍କାଳ ସେବା ପାଇବା ପାଇଁ ଏବେ ପୂର୍ବ ଅପେକ୍ଷା ଅଧିକ ଖର୍ଚ୍ଚ ହେବ। ସଂଶୋଧିତ ଫିସ୍ ୧ ଜୁଲାଇ, ୨୦୨୬ ରୁ କାର୍ଯ୍ୟକାରୀ ହେବ।

ପାସପୋର୍ଟ (ସଂଶୋଧନ) ନିୟମ, ୨୦୨୬ ଅନୁଯାୟୀ ସରକାର ନୂତନ ଶୁଳ୍କ ଘୋଷଣା କରିଛନ୍ତି। ୩୬ ପୃଷ୍ଠା ବିଶିଷ୍ଟ ମାନକ ପାସପୋର୍ଟ ଏବଂ ଏହାର ପୁନଃ ପ୍ରଦାନ ପାଇଁ ଫିସ୍ ୧,୫୦୦ ଟଙ୍କାରୁ ବୃଦ୍ଧି କରାଯାଇ ୨,୫୦୦ କରାଯାଇଛି। ଯଦି ଆପଣ ତତ୍କାଳ ସେବା ମାଧ୍ୟମରେ ପାସପୋର୍ଟ ପାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏବେ ୫,୦୦୦ ଟଙ୍କା ଦେବାକୁ ପଡିବ, ଯାହା ପୂର୍ବରୁ ୩,୫୦୦ ଟଙ୍କା ଥିଲା। ଏହା ବ୍ୟତୀତ, ୬୦ ପୃଷ୍ଠା ବିଶିଷ୍ଟ ପାସପୋର୍ଟ ପାଇଁ ଶୁଳ୍କ ମଧ୍ୟ ବୃଦ୍ଧି କରାଯାଇଛି। ଏବେ ଏକ ନୂତନ ୬୦ ପୃଷ୍ଠାର ପାସପୋର୍ଟ ଜାରି କରିବା କିମ୍ବା ପୁନଃ ଜାରି କରିବା ପାଇଁ ୩୫୦୦ ଟଙ୍କା ଖର୍ଚ୍ଚ ହେବ। ପୂର୍ବରୁ ଏହାର ମୂଲ୍ୟ ୨୦୦୦ ଟଙ୍କା ଥିଲା। ୬୦ ପୃଷ୍ଠାର ପାସପୋର୍ଟ ପାଇଁ ତତ୍କାଳ ସେବା ଶୁଳ୍କକୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ହଜିଯାଇଥିବା ପାସପୋର୍ଟ ପୁନଃ ପ୍ରଦାନ କରିବା ଏବଂ ଅନ୍ୟ କିଛି ପାସପୋର୍ଟ ସମ୍ବନ୍ଧୀୟ ସେବା ପାଇଁ ଶୁଳ୍କ ମଧ୍ୟ ସଂଶୋଧନ କରାଯାଇଛି।

ଯଦି ଆପଣଙ୍କର ପାସପୋର୍ଟର ମିଆଦ ଶେଷ ହେବାକୁ ଯାଉଛି କିମ୍ବା ଏହାର ପୃଷ୍ଠାଗୁଡ଼ିକ ପ୍ରାୟ ପୂର୍ଣ୍ଣ ହୋଇଗଲାଣି, ତେବେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ନାହିଁ। ସମୟାନୁସାରେ ଆପଣଙ୍କର ପାସପୋର୍ଟ ନବୀକରଣ କରିବା ଦ୍ୱାରା କେବଳ ଚାପ ହ୍ରାସ ହେବ ନାହିଁ ବରଂ ତତ୍କାଳ ସେବାର ଅତିରିକ୍ତ ଖର୍ଚ୍ଚ ମଧ୍ୟ କମିଯିବ। ମନେରଖନ୍ତୁ ଯେ ଅନେକ ଦେଶ ଭିସା ଜାରି କରିବା ପୂର୍ବରୁ ସର୍ବନିମ୍ନ ଛଅ ମାସ ବୈଧତା ସହିତ ପାସପୋର୍ଟ ଆବଶ୍ୟକ କରନ୍ତି।

କିଛି କ୍ଷେତ୍ରରେ, ଏୟାରଲାଇନ୍ସ କମ୍ ବୈଧତା ଥିବା ପାସପୋର୍ଟ ପାଇଁ ବୋର୍ଡିଂକୁ ମନା କରିପାରେ। ତେଣୁ, ବିଦେଶ ଯାତ୍ରା ଯୋଜନା କରିବା ସମୟରେ, ପ୍ରଥମେ ଆପଣଙ୍କ ପାସପୋର୍ଟର ମିଆଦ ଶେଷ ତାରିଖ ଯାଞ୍ଚ କରିବାକୁ ନିଶ୍ଚିତ କରନ୍ତୁ। ଯଦି ଆପଣ ବେଳେବେଳେ ବିଦେଶ ଯାତ୍ରା କରନ୍ତି, ତେବେ ୩୬-ପୃଷ୍ଠାର ପାସପୋର୍ଟ ଯଥେଷ୍ଟ ହୋଇପାରେ। ତଥାପି, ଯେଉଁମାନେ ବାରମ୍ବାର ବିଦେଶ ଯାତ୍ରା କରନ୍ତି, ସେମାନଙ୍କ ପାଇଁ ୬୦-ପୃଷ୍ଠାର ପାସପୋର୍ଟ ଏକ ଭଲ ବିକଳ୍ପ, କାରଣ ଏହାର ଅଧିକ ପୃଷ୍ଠା ବାରମ୍ବାର ପୁନଃ-ପ୍ରଦାନର ଆବଶ୍ୟକତାକୁ ହ୍ରାସ କରେ।



# କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ନୂଆ ସିଇଓ ଚୟନ ଆରମ୍ଭ

ନୂଆଦିଲ୍ଲୀ,୨୯।୬: କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ନୂଆ ଏମ୍‌ଡି ତଥା ସିଇଓ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ଏହି ପଦରେ କାର୍ଯ୍ୟ କରୁଥିବା ଅଶୋକ ଭାସୱାନିଙ୍କର କାର୍ଯ୍ୟକାଳ ଆସନ୍ତା ଡିସେମ୍ବର ୩୧ରେ ଶେଷ ହେବ। ପୁନର୍ବାର ସେ ଏହି ପଦରେ ରହିବା ପାଇଁ ଆବେଦନ କରିବେ ନାହିଁ ବୋଲି ବୋର୍ଡକୁ ଜଣାଇବା ପରେ ବ୍ୟାଙ୍କ ନୂଆ ମୁହଁ ଖୋଜିବା ଆରମ୍ଭ ହୋଇଛି। ବ୍ୟକ୍ତିଗତ କାରଣରୁ ଆଉ ଥରେ ଭାସୱାନି ନିଯୁକ୍ତି ନେବେ ନାହିଁ ବୋଲି କହିଛନ୍ତି। ବ୍ୟାଙ୍କ ବୋର୍ଡ ଭାସୱାନିଙ୍କ ନିଷ୍ପତ୍ତିକୁ ମଧ୍ୟ ସମ୍ମାନ ଜଣାଇଛି। ନୂଆ ଏମ୍‌ଡି ତଥା ସିଇଓ ଚୟନ କାର୍ଯ୍ୟ ନିୟାମକ ସଂସ୍ଥା ପକ୍ଷରୁ ରହିଥିବା ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପାଦନ ହେବ। ଶନିବାର ବ୍ୟାଙ୍କ ପକ୍ଷରୁ ଷ୍ଟକ ଏକ୍ସଚେଞ୍ଜକୁ ଏହି ସୂଚନା ଦିଆଯାଇଛି।

ଭାସୱାନିଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ୬ ମାସ ରହିଛି। ଯଥେଷ୍ଟ ପୂର୍ବରୁ ସେ ବ୍ୟାଙ୍କ ଛାଡ଼ିବା ନେଇ ଘୋଷଣା କରିଥିବାରୁ ତାଙ୍କ ଉତ୍ତରାଧିକାରୀ ଚୟନ ଲାଗି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ରହିଛି। ଉଲ୍ଲେଖଯୋଗ୍ୟ, ଭାସୱାନି କୋଟକ୍ ମହିନ୍ଦ୍ରା ବ୍ୟାଙ୍କରେ ୨୦୨୪ ଜାନୁଆରି ପହିଲାରେ ଯୋଗ ଦେଇଥିଲେ। ତାହା ପୂର୍ବରୁ ସେ ସିଟିଗ୍ରୁପ୍ ଓ ବାର୍‌କ୍ଲେଜ୍ ଭଳି ସଂସ୍ଥାରେ କାର୍ଯ୍ୟ କରିଥିଲେ।

# ସ୍ମୃତି ମନ୍ଧାନା କ୍ୟାଣ୍ଡିୟର୍‌ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨୯।୬:କଲ୍ୟାଣ ଜୁଏଲର୍ସର ଲାଇଫ୍‌ଷ୍ଟାଇଲ୍ ଗହଣା ବ୍ରାଣ୍ଡ୍ କ୍ୟାରିୟର୍ ପକ୍ଷରୁ ମହିଳା କ୍ରିକେଟ୍ ତାରକାସ୍ମୃତି ମନ୍ଧାନାଙ୍କୁ ବ୍ରାଣ୍ଡ୍ ଆମ୍ବାସଡର୍ ଭାବେ ନିଯୁକ୍ତ କରାଯାଇଛି। ବଲିଉଡ୍ ତାରକା ଶାହରୁଖ ଖାନଙ୍କ ସହ ସେ କମ୍ପାନିର ଚେହେରା ତାଲିକାରେ ଯୋଗଦେଇଛନ୍ତି। ସ୍ମୃତିଙ୍କ ସହ ସହଯୋଗିତା କମ୍ପାନିକୁ ଯୁବ ଓ ଆଧୁନିକ ଭାରତୀୟଙ୍କ ସହ ଯୋଡ଼ି ହେବାରେ ସହାୟକ ହେବ। ଏହି ଅବସରରେ କ୍ୟାଣ୍ଡିୟର୍‌ର ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି ଯେ ସ୍ମୃତି ମନ୍ଧାନା ଏଭଳି ଏକ ପିଢ଼ିର ପରିଚୟ ଯେଉଁମାନେ ଅଭିଳାଷ, ଅସଲିପଣ ଓ ବିଶ୍ୱର ମୂଲ୍ୟ ବୁଝିଛନ୍ତି। ନିଜ ସଫଳତା ଓ ଆଚରଣ ବଳରେ ସେ କୋଟି କୋଟି ଲୋକଙ୍କ ପ୍ରେରଣା ପାଲଟିଛନ୍ତି। ଶାହରୁଖଙ୍କ ସମେତ ତାଙ୍କୁ କ୍ୟାଣ୍ଡିୟରର ଚେହେରା ଭାବେ ସ୍ୱାଗତ କରି ଆମେ ବେଶ ଉଲ୍ଲସିତ। ଏକ ଲାଇଫଷ୍ଟାଇଲ୍ ଅଳଙ୍କାର ବ୍ରାଣ୍ଡ୍ ଭାବେ କ୍ୟାଣ୍ଡିୟର ଆଗକୁ ବଢ଼ୁଥିବା ବେଳେ ସ୍ମୃତିଙ୍କ ସହ ସହଯୋଗିତା ସାରା ଦେଶର ଦର୍ଶକମାନଙ୍କ ସହ ସମ୍ପର୍କକୁ ଗଭୀର କରିବାରେ ବ୍ରାଣ୍ଡ୍ ପାଇଁ ସହାୟକ ହେବ ବୋଲି ସେ କହିଛନ୍ତି। ଏହି ସହଯୋଗିତା ସମ୍ପର୍କରେ ସ୍ମୃତି କହିଛନ୍ତି ଯେ ଆଜିର ଗ୍ରାହକମାନଙ୍କ ଷ୍ଟାଇଲ ସମ୍ବେଦନଶୀଳତାକୁ ବୁଝୁଥିବା ଏକ ବ୍ରାଣ୍ଡ୍ କ୍ୟାଣ୍ଡିୟର ସହ ଯୋଡ଼ି ହୋଇ ମୁଁ ବହୁତ ଖୁସି। ମୋ ପାଇଁ ଗହଣା କେବଳ ସ୍ୱତନ୍ତ୍ର ଅବସରରେ ପିନ୍ଧିବା ନୁହେଁ, ବରଂ ସବୁ ଦିନି ପିନ୍ଧି ହେଉଥିବା ଏକ ଜିନିଷ। ଏହା ମୋ ବ୍ୟକ୍ତିଗତ ଷ୍ଟାଇଲ୍‌ର ଏକ ଅଂଶ। କ୍ୟାଣ୍ଡିୟର୍‌ର ସମସାମୟିକ ଡିଜାଇନ ମୋ ମାନସିକତା ସହ ଖାପଖାଉଛି। ଏହି ଯାତ୍ରାର ଏକ ଅଂଶ ହୋଇଥିବାରୁ ମୁଁ ଅତ୍ୟନ୍ତ ଉତ୍ସାହିତ ବୋଲି ସ୍ମୃତି କହିଛନ୍ତି।



# ଇରାନରେ ଦରଦାମ୍ ସ୍ଥିତି ସଙ୍ଗିନ, ମୁଦ୍ରାସ୍ଫୀତି ୮୮.୬%କୁ ବୃଦ୍ଧି

ତେହେରାନ,୨୯।୬: ଆମେରିକା ଓ ଇସ୍ରାଏଲ ସହ ଯୁଦ୍ଧ ଇରାନର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇଦେଇଛି। ଯୁଦ୍ଧଜନିତ ଖର୍ଚ୍ଚ ବଢ଼ିବା ପରେ ଦେଶରେ ଦରଦାମ୍ ସ୍ଥିତି ବେଲଗାମ ହୋଇପଡ଼ିଛି। ଜୁନରେ ଦେଶର ମୁଦ୍ରାସ୍ଫୀତି ହାର ୮୮.୬ ପ୍ରତିଶତ ଭଳି ଉଚ୍ଚ ସ୍ତରକୁ ବୃଦ୍ଧି ପାଇଛି। ଇରାନ ପରିସଂଖ୍ୟାନ କେନ୍ଦ୍ର ତଥ୍ୟ ଅନୁସାରେ ଦେଶରେ ଖାଦ୍ୟସାମଗ୍ରୀ ଦର ଗତବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ପାଉଁରୁଟି ଓ ଶସ୍ୟ ଦାମ୍ ୧୩୮.୮ ପ୍ରତିଶତ ବଢ଼ିଛି। ଦୁଗ୍ଧ, ଲହୁଣି ଓ ଅଣ୍ଡା ୧୫୧.୯ ପ୍ରତିଶତ ମହଙ୍ଗା ହୋଇଛି। ମାଂସ ଦାମ୍ ମଧ୍ୟ ୧୭୮.୨ ପ୍ରତଶତ ବୃଦ୍ଧି ପାଇଛି। ଯୁଦ୍ଧ ଆରମ୍ଭ ପୂର୍ବରୁ ଗତ ଫେବ୍ରୁଆରିରେ ଇରାନର ମୁଦ୍ରାସ୍ଫୀତି ୬୮ ପ୍ରତିଶତ ଥିଲା।ବିଭିନ୍ନ ଦେଶର କଟକଣା ପ୍ରଭାବରେ ଇରାନରେ ଜୀବନ ଧାରଣ ଖର୍ଚ୍ଚ ବେଶ ବଢ଼ିଯାଇଛି। ଫଳରେ ଗତବର୍ଷ ଡିସେମ୍ବର ବେଳକୁ ଦରଦାମକୁ ଇରାନରେ ବଡ଼ ଧରଣର ଜନ ଆନ୍ଦୋଳନ ହୋଇଥିଲା। ସେହି ସମୟରେ ମୁଦ୍ରାସ୍ଫୀତି ହାର ୫୨.୬ ପ୍ରତିଶତ ରହିଥିଲା। ଇରାନ ପକ୍ଷରୁ ଇଂରାଜୀ ମାସ ବଦଳରେ ପାରସ୍ୟ ମାସ ଅନୁସାରେ ମୁଦ୍ରାସ୍ଫୀତି ତଥ୍ୟ ଜାରି କରାଯାଇଥାଏ। ଅନ୍ତର୍ଜାତୀୟ କଟକଣା ପ୍ରଭାବରେ ଇରାନର ମୁଦ୍ରା ରିଆଲ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ନିଜସ୍ୱ ମୁଦ୍ରାର କୌଣସି ମୂଲ୍ୟ ନଥିବାରୁ ଇରାନର ଲୋକମାନଙ୍କ କ୍ରୟ ଶକ୍ତି ମଧ୍ୟ ହ୍ରାସ ପାଇଥିଲା। ଚଳିତ ବର୍ଷ ଫେବ୍ରୁଆରିରୁ ଯୁଦ୍ଧ ଆରମ୍ଭ ହେବା ପରେ ସ୍ଥିତି ଆହୁରି ସଙ୍ଗିନ ହୋଇପଡ଼ିଛି।



# ସିଗାରେଟ୍ କମ୍ପାନି 'ବିଏଟି' ୯୦୦୦ କର୍ମଚାରୀ ଛଟେଇ କରିବ

ନୂଆଦିଲ୍ଲୀ,୨୯।୬:ସିଗାରେଟ୍ ବ୍ୟବହାର ହ୍ରାସ ପାଇବା ପରେ ବିଶ୍ୱର ଅନ୍ୟତମ ଅଗ୍ରଣୀ ସିଗାରେଟ୍ ନିର୍ମାତା ବ୍ରିଟିଶ ଆମେରିକାନ ଟବାକୋ (ବିଏଟି) ବିଶ୍ୱବ୍ୟାପୀ ଏହାର ୯୦୦୦ କର୍ମଚାରୀଙ୍କୁ ଛଟେଇ କରିବା ଉପରେ ବିଚାର କରୁଛି। କମ୍ପାନିର ମୋଟ କର୍ମଚାରୀ ସଂଖ୍ୟା ୪୭ ହଜାରରୁ ଅଧିକ ରହିଛି। ଆମେରିକା ବାହାରେ କମ୍ପାନିର ସିଗାରେଟ ଚାହିଦା ଯଥେଷ୍ଟ ହ୍ରାସ ପାଇଛି। ତେଣୁ ସିଗାରେଟଠାରୁ ଦୂରେଇ ଯାଇ କମ୍ପାନି ଭେପ୍‌ସ ଓ ନିକୋଟିନ୍ ପାଉଚ୍ ଭଳି ବିକଳ୍ପ ଉତ୍ପାଦରେ ଅଧିକ ନିବେଶ କରିବାକୁ ଚାହୁଁଛି। ସେହି ପାଣ୍ଠି ଯୋଗାଣ କରିବାକୁ କମ୍ପାନି ଖର୍ଚ୍ଚକାଟବାଟ ଚୟନ କରିଛି। ଯୋଜନା ଅନୁସାରେ ଏହା ୫,୫୦୦ କର୍ମଚାରୀଙ୍କୁ ଛଟେଇ କରିବ। ଅନ୍ୟ ୩,୫୦୦ଟି ପଦକୁ ଆଉଟ୍‌ସୋର୍ସ କରିବ। ଏହି କମ୍ପାନି ପରିଚାଳନାଗତ ସମସ୍ୟା ଦେଇ ମଧ୍ୟ ଗତି କରୁଛି। ଦକ୍ଷିଣ ଆଫ୍ରିକାରେ ଥିବା କାରଖାନାକୁ ଏହା ବନ୍ଦ କରିସାରିଛି। ଆଉ କିଛି କାରଖାନା ବନ୍ଦ କରିବା ଉପରେ ବିଚାର କରୁଛି। ବ୍ରିଟେନ, ସିଙ୍ଗାପୁର,କୋଷ୍ଟାରିକା, ମେକ୍ସିକୋ,ପୋଲାଣ୍ଡ, ରୋମାନିଆ ଓ ମାଲେସିଆରେ କମ୍ପାନି କିଛି ପଦକୁ ଆଉଟ୍‌ସୋର୍ସ କରିବ। ପାକିସ୍ତାନରେ ମଧ୍ୟ କମ୍ପାନି ଆଉଟ୍‌ସାର୍ସିଂ ଲାଗୁ କରିବା ବିଷୟରେ ବିଚାର କରୁଛି।




# ଇଥାନଲ ମିଶା ପେଟ୍ରୋଲ ସୁରକ୍ଷିତ: କେନ୍ଦ୍ର

ନୂଆଦିଲ୍ଲୀ,୨୯।୬: ଇଥାନଲ ମିଶ୍ରଣ କରାଯାଇଥିବା ପେଟ୍ରୋଲ ସମ୍ପୂର୍ଣ୍ଣ ସୁରକ୍ଷିତ। ଆମେରିକା, ବ୍ରାଜିଲ ଓ ଜାପାନ ଭଳି ବିଶ୍ୱର ବିଭିନ୍ନ ଦେଶରେ ତାହା ସଫଳତାର ସହ ବ୍ୟବହାର ହେଉଛି ବୋଲି ତୈଳ ମନ୍ତ୍ରଣାଳୟ ପକ୍ଷରୁ ସଫେଇ ଦିଆଯାଇଥିଲା। ଇ୨୦ ପେଟ୍ରୋଲର ଅପକାରିତାକୁ ନେଇ ପ୍ରଚାର କରାଯାଉଥିବା ଗୁଜବକୁ ମନ୍ତ୍ରଣାଳୟ ଦୃଢ଼ ଭାବେ ଖଣ୍ଡନ କରିଛି। ଇ୨୦ ତେଲ ପକାଇଲେ ଗାଡ଼ି ବୀମାର ବୈଧତା ଶେଷ ହୋଇଯିବ ବୋଲି ଯେଉଁ ପ୍ରଚାର କରାଯାଉଛି ସେଥିରେ କୌଣସି ସତ୍ୟତା ନାହିଁ। ବୀମା କମ୍ପାନିଗୁଡ଼ିକ ସହ ବିଷୟରେ ଆଲୋଚନା କରି ଏହା ସ୍ପଷ୍ଟ କରାଯାଉଛି ବୋଲି ମନ୍ତ୍ରଣାଳୟ ଜଣାଇଛି। ବ୍ରାଜିଲରେ ଇ୨୭ ପେଟ୍ରୋଲ ବିକ୍ରି ହେଉଛି। ଭାରତର ଇ୨୦ ତୁଳନାରେ ସେଥିରେ ସାତ ପ୍ରତିଶତ ଅଧିକ ଇଥାନଲ ମିଶାଯାଇଛି। ତାହା ସେଠାରେ ସାଧାରଣ ତେଲ ଭାବେ ବ୍ୟବହାର କରାଯାଉଛି। ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ସରକାରଙ୍କୁ ୧.୪ ଲକ୍ଷ କୋଟି ଟଙ୍କା ସଞ୍ଚୟ କରିବାରେ ସାହାଯ୍ୟ କରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଚାଷୀ ସମାଜ ଉପକୃତ ହେବ, ଦେଶର ଉର୍ଜା ସୁରକ୍ଷା ଦୃଢ଼ ହେବ ଓ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ହ୍ରାସ ପାଇବ ବୋଲି ମନ୍ତ୍ରଣାଳୟ ଜଣାଇଛି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୯୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୦୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୯୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।

## ହିଞ୍ଜିଳିରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ



ହିଞ୍ଜିଳିକାଟୁ,୨୯।୬ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ବଇଞ୍ଚବଣିଆ ପାବନ ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉ ମାନଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି, ବଲ୍ଲଭ ଭୋଗ , ଦ୍ୱାରପାଳ ପୂଜା ଓ ଅନ୍ୟାନ ନିତ୍ୟ ସେବା ଆରମ୍ଭ କରାଯାଇଥିଲା । ଦିନ ସାଢେ ୧୧ଟାରେ ବାଦ୍ୟ ବାଜଣା , ଶଙ୍ଖ ଧ୍ୱନି, ହୁଳହୁଳିରେ ଶ୍ରୀଜିଉ ମାନଙ୍କ ପହଣ୍ଡି କରାଯାଇ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା ସୁବାସିତ ଜଳ , ପ୍ରଭୁ ବଳଭଦ୍ରଙ୍କୁ ୩୩ ଗରା ଏବଂ ଦେବୀ ସୁଭଦ୍ରାଙ୍କୁ ୨୨ ଗରା ଏବଂ ଚକ୍ରରାଜ ପ୍ରଭୁ ଶ୍ରୀ ସୁଦର୍ଶନଙ୍କୁ ୧୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିବା ପରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ।

## ଅନୁଶକ୍ତିନଗରରେ ଶ୍ରୀଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ଓ ହାତୀ ବେଶ ପାଳିତ




ବାଲିଆପାଳ,୨୯।୬ (ସଂଚାର ବ୍ୟୁରୋ)ଃ ମୁମ୍ବାଇ ଅନୁଶକ୍ତିନଗର ଓଡ଼ିଆ ସମାଜ ପକ୍ଷରୁ ପବିତ୍ର ଶ୍ରୀଜଗନ୍ନାଥ ସ୍ନାନାପୂର୍ଣ୍ଣିମା ଓ ହାତୀ ବେଶ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା। ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପାରମ୍ପରିକ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ସକାଳୁ ମଙ୍ଗଳ ଆରତି ପରେ ବେଦମନ୍ତ୍ର, ହରିନାମ ସଂକୀର୍ତ୍ତନ ଓ ଭକ୍ତିମୟ ପରିବେଶ ମଧ୍ୟରେ ପବିତ୍ର ଜଳରେ ମହାପ୍ରଭୁଙ୍କ ସ୍ନାନ ଅନୁଷ୍ଠିତ ହୋଇଥିଲା। ସ୍ନାନ ପରେ ପ୍ରଭୁଙ୍କୁ ପାରମ୍ପରିକ ହାତୀ ବେଶରେ ସୁସଜ୍ଜିତ କରାଯାଇଥିଲା, ଯାହାର ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଦେଖାଯାଇଥିଲା।

ଅନୁଶକ୍ତିନଗର ଓଡ଼ିଆ ସମାଜ ହେଉଛି ମୁମ୍ବାଇସ୍ଥିତ ଭାଭା ପରମାଣୁ ଗବେଷଣା କେନ୍ଦ୍ର (ବିଏଆର୍‌ସି)ର ବୈଜ୍ଞାନିକ, ଅଧିକାରୀ ଓ କର୍ମଚାରୀମାନଙ୍କର ଏକ ପ୍ରମୁଖ ସାଂସ୍କୃତିକ ସଂଗଠନ। ଅନୁଶକ୍ତିନଗରରେ ପ୍ରତିବର୍ଷ ଶ୍ରୀଜଗନ୍ନାଥଙ୍କ ଏହି ପାରମ୍ପରିକ ଉତ୍ସବ ଓଡ଼ିଆ ସଂସ୍କୃତି, ଭକ୍ତି ଓ ସାମାଜିକ ସମନ୍ୱୟର ଏକ ଉଜ୍ଜ୍ୱଳ ପ୍ରତୀକ ହୋଇ ରହିଛି। ଚଳିତ ବର୍ଷର ଭବ୍ୟ ରଥଯାତ୍ରାକୁ ନେଇ ସମଗ୍ର ଅନୁଶକ୍ତିନଗର ଉତ୍ସବମୁଖର ହୋଇଉଠିଛି।

## ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ



ନିଶ୍ଚିନ୍ତକୋଇଲି,୨୯।୬ (ସଂଚାର ବ୍ୟୁରୋ)ଃ ଭବିଷ୍ୟତ ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ମହାପ୍ରୟାଣ ଦିବସ ଏବଂ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଦ୍ମବନ ପୀଠରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁଙ୍କ ଦର୍ଶନ ଏବଂ ଅନୁଷ୍ଠିତ ବାଲିମେଳାକୁ ଦେଖିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିବାର ଦେଖିବାକୁ ମିଳିଥିଲା। ଏକ ଅପୂର୍ବ ମିଳନ ଘଟିଥିଲା ଭକ୍ତ ଓ ଭଗବାନଙ୍କ ମଧ୍ୟରେ। ସମସ୍ତ ପରିବେଶ ଏକ ଆଧ୍ୟାତ୍ମିକ ପରିବେଶରେ ଶ୍ରୀ ଶ୍ରୀ ଅଚ୍ୟୁତଙ୍କ ନାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଅବସରରେ ପୂର୍ଣ୍ଣଦ୍ୱୟା ଚିତ୍ରୋତ୍ପଳାର ଶରଧା ବାଲିରେ ବାଲିମେଳା ମହୋତ୍ସବ ଯଥାରୀତି ଅନୁଷ୍ଠିତ ହୋଇଅଛି। ଶ୍ରଦ୍ଧାଳୁମାନେ ଚିତ୍ରୋତ୍ପଳା ବାଲିରେ ବିଭିନ୍ନ ଦେବାଦେବୀଙ୍କର ବାଲୁକା ମୂର୍ତ୍ତୀ ନିର୍ମାଣ କରି ପୂଜାର୍ଚ୍ଚନା କରିବା ସହିତ ଭଜନ କୀର୍ତନ ହୋମଯଜ୍ଞ, ମାଳିକାପାଠ ପ୍ରବଚନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

## ରାଧାକୃଷ୍ଣ ପୂଜା କମିଟି ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ନିଶୁଳ୍କ ସେବା ପ୍ରଦାନ



ନିଶ୍ଚିନ୍ତକୋଇଲି,୨୯।୬ (ସଂଚାର ବ୍ୟୁରୋ)ଃ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଓ ନେମାଳ ପଦ୍ମବନ ପୀଠ ସ୍ଥିତ ଭବିଷ୍ୟତ ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ମହାପ୍ରୟାଣ ଦିବସ ଓ ସେଠାରେ ଅନୁଷ୍ଠିତ ହେଉଥିବା ବାଲିମେଳାକୁ ଦେଖିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଅଚ୍ୟୁତ ପ୍ରେମୀ ଶ୍ରଦ୍ଧାଳୁ ଆସିଥାନ୍ତି। ଏହି ଦେବସ୍ନାନ ପୂର୍ଣ୍ଣିମାରେ ନିଶ୍ଚିନ୍ତକୋଇଲି ବ୍ଲକ ଛକ ରାଧାକୃଷ୍ଣ ପୂଜା କମିଟି(ପରିଷଦ)ର ସଦସ୍ୟମାନେ ନିଶ୍ଚିନ୍ତକୋଇଲି ଥାନା ଛକ ଠାରେ ପଦ୍ମବନ ପୀଠକୁ ଏହି ବାଟ ଦେଇ ଯାଉଥିବା ଶ୍ରଦ୍ଧାଳୁମାନଙ୍କୁ ନିଶୁଳ୍କ ସେବା ପ୍ରଦାନ କରିଆସୁଛନ୍ତି। ଏହି ଅବସରରେ ଚଳିତ ବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମା ସୋମବାର ଦିନ ଠାରୁ ମଙ୍ଗଳବାର ଦିବା ୧୦ଘଟିକା ପର୍ଯ୍ୟନ୍ତ ସେବା ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପୂର୍ବାହ୍ନରେ ଶ୍ରଦ୍ଧାଳୁ ମାନଙ୍କୁ ଦହି ଲେମ୍ବୁ ମିଶା ସରବତ ପ୍ରଦାନ, ପରେ ଖେଚୁଡ଼ି ପ୍ରଦାନ, ସନ୍ଧ୍ୟା ସମୟରେ ଚାହା ଏବଂ ରାତିରେ ରୁଟି ଡ଼ାଲମା ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

# ଦେବସ୍ନାନ ପୂର୍ଣ୍ଣିମାରେ ମା' ମଙ୍ଗଳା ପୀଠରେ 'ସର୍ବାଙ୍ଗ ଚନ୍ଦନ ବେଶ'



କାକଟପୁର/ଅସ୍ତରଙ୍ଗ,୨୯।୬ (ସଂଚାର ବ୍ୟୁରୋ)ଃ "ତାପେନ ସନ୍ତପ୍ତା ଜଗତୀ ଶମଂ ଯାତି ତ୍ୱତ୍ କୃପାତଃ" - ପ୍ରଚଣ୍ଡ ନିଦାଘରେ ଜଳୁଥିବା ଜଗତକୁ ଶୀତଳତାର ସ୍ପର୍ଶ ଦେବାକୁ ସୋମବାର ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ଧାରଣ କରିଛନ୍ତି ଦିବ୍ୟ 'ସର୍ବାଙ୍ଗ ଚନ୍ଦନ ବେଶ'। ଯେଉଁଠି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଗଜାନନ ବେଶରେ ଭକ୍ତଙ୍କୁ କୃପା କରୁଛନ୍ତି, ଠିକ୍ ସେହି ସମୟରେ କାକଟପୁରରେ ମା' ଚନ୍ଦନଚର୍ଚ୍ଚିତା ହୋଇ ଶାନ୍ତିର ବାର୍ତ୍ତା ଦେଉଛନ୍ତି।

"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା" - ସେହି ଆଦ୍ୟାଶକ୍ତି ମା' ମଙ୍ଗଳା ଆଜି ଭକ୍ତଙ୍କ ସମସ୍ତ ତାପ, ରୋଗ, ଶୋକ ହରଣ ପାଇଁ ଏହି ଶୀତଳ ବେଶ ଗ୍ରହଣ କରିଛନ୍ତି। ଶାସ୍ତ୍ର କହେ, "ଗ୍ରୀଷ୍ମେ ତାପେନ ସନ୍ତପ୍ତା ଦେବୀ ଶୀତଳତାଂ ବ୍ରଜେତ୍"। ଭକ୍ତର କଷ୍ଟକୁ ନିଜ ଉପରେ ଧାରଣ କରି ମା' ସ୍ୱୟଂ ଶୀତଳ ହେବାକୁ ଚାହାଁନ୍ତି।

ବ୍ରାହ୍ମମୁହୂର୍ତ୍ତରୁ ମା'ଙ୍କ ନୀତି ଆରମ୍ଭ ହୋଇଥିଲା। ମଙ୍ଗଳ ଆଳତି, ଅବକାଶ, ସକାଳ ଧୂପ ପରେ ସନ୍ଧ୍ୟାରେ ସୁଗନ୍ଧିତ ପୁଷ୍ପ-ଚନ୍ଦନ ଜଳରେ ମହାସ୍ନାନ କରାଯାଇଥିଲା। ପରେ ସାତ ଜଣ ସେବାୟତ ୧୦ କିଲୋରୁ ଅଧିକ ପବିତ୍ର ଚନ୍ଦନ ଘୋରି ମା'ଙ୍କ ମୁଖମଣ୍ଡଳରୁ ପାଦପଦ୍ମ ପର୍ଯ୍ୟନ୍ତ ସର୍ବାଙ୍ଗରେ ଲେପନ କରିଥିଲେ ।

ସେବାୟତ ତାପସ କୁମାର ଦୀକ୍ଷିତି କହିଥିଲେ , "ଏହା ସିଂହବାହିନୀ ବେଶ ପରି ଅତି ମହତ୍ତ୍ୱପୂର୍ଣ୍ଣ। 'ଚନ୍ଦନେନ ଶୀତଳୀକୃତ୍ୟ ଦେବୀଂ ଭକ୍ତାର୍ତିନାଶିନୀମ୍' - ଚନ୍ଦନ ଦ୍ୱାରା ମା'ଙ୍କୁ ଶୀତଳ କଲେ ସମଗ୍ର ବ୍ରହ୍ମାଣ୍ଡର ତାପ ଶାନ୍ତ ହୁଏ। ଏହା ମା'ଙ୍କ କରୁଣାମୟୀ ରୂପ।"

ସନ୍ଧ୍ୟା ରେ ଚନ୍ଦନ ଲେପ ପରେ ମା'ଙ୍କୁ ନୂତନ ପାଟବସ୍ତ୍ର, ସୁବର୍ଣ୍ଣ ଅଳଙ୍କାର ଓ ପୁଷ୍ପମାଲ୍ୟରେ ବିଭୂଷିତ କରାଯାଇଥିଲା। "ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ" - ମା'ଙ୍କ ଏହି କମନୀୟ ରୂପ ଦର୍ଶନ କଲେ ସର୍ବ ଦୁଃଖ ଦୂର ହୁଏ ବୋଲି ବିଶ୍ୱାସ।

ମନ୍ଦିର ଟ୍ରଷ୍ଟ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ କହିଛନ୍ତି , "ସ୍ନାନ ପୂର୍ଣ୍ଣିମାରେ ସନ୍ଧ୍ୟାରେ ମହାସ୍ନାନ ପରେ ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୁଏ।" ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମା'ଙ୍କ ଚନ୍ଦନଚର୍ଚ୍ଚିତ ଶ୍ରୀଅଙ୍ଗରୁ ଯେପରି ଝରୁଥିଲା ଶାନ୍ତିର ଅମୃତ ଧାରା।

# ସବ୍ ୱାନ୍ ଷ୍ଟପ ସେଣ୍ଟର ଉଦ୍‌ଘାଟନ କଲେ ସାଂସଦ

## ହିଂସା, ନିର୍ଯାତନା ର ଶୀକାର ହେଉଥିବା ମହିଳାଙ୍କୁ ମିଳିବ ସେବା



ଆନନ୍ଦପୁର,୨୯।୬(ସଂଚାର ବ୍ୟୁରୋ)ଃ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ମହିଳାଙ୍କ ସୁରକ୍ଷା ଓ ସହାୟତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନୂତନ ସବ୍ ୱାନ୍ ଷ୍ଟପ ସେଣ୍ଟରର ଉଦ୍ଘାଟନ କରାଯାଇଛି। କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାଏକ ଏହାର ଶୁଭ ଉଦ୍ଘାଟନ କରିଥିବା ବେଳେ, ଅସୁବିଧାରେ ପଡ଼ିଥିବା ମହିଳାଙ୍କୁ ଏଠାରେ ୨୪ ଘଣ୍ଟିଆ ସମନ୍ୱିତ ସେବା ମିଳିବ ବୋଲି କୁହାଯାଇଛି।

ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ନୂତନ ଭାବେ ସ୍ଥାପିତ ସବ୍ ୱାନ୍ ଷ୍ଟପ ସେଣ୍ଟରର ଉଦ୍ଘାଟନ କରିଛନ୍ତି କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାଏକ। ଫିତା କାଟିବା ସହ ମା ତାରିଣୀଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟ ବକ୍ତା ଆନନ୍ଦପୁର ଏସଡିପିଓ କମଲ ଲୋଚନ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସବିତା ଦାସ, ମେଡିକାଲ୍ ଅଫିସର କିଶୋର ଚନ୍ଦ୍ର ଦାଶ, ପୂର୍ବତନ ନଗପାଳ ରାମଚନ୍ଦ୍ର ସାହୁ ଏବଂ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରକାନ୍ତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ନବସ୍ଥାପିତ ଏହି ସବ୍ ୱାନ୍ ଷ୍ଟପ ସେଣ୍ଟରରେ ହିଂସା, ନିର୍ଯାତନା କିମ୍ବା ଅନ୍ୟାନ୍ୟ ସମସ୍ୟାରେ ପଡ଼ିଥିବା ମହିଳାଙ୍କୁ ଗୋଟିଏ ଛାତ ତଳେ ୨୪ ଘଣ୍ଟା ଜରୁରୀ ସହାୟତା, ପରାମର୍ଶ ଓ ଆବଶ୍ୟକ ସେବା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମକୁ ଦିଶାର ସମ୍ପାଦକ ସଞ୍ଜୀବ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଅମିୟ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ। ସେଣ୍ଟରର ପରିଚାଳନା ଦାୟିତ୍ୱ ହେମଲତା ପରମଗୁରୁ ଗ୍ରହଣ କରିଥିବା ବେଳେ ଦିଶାର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମାଲକାନଗିରିରୁ ଆନ୍ଧ୍ରପ୍ରଦେଶ ଯାଉଥିବା ବସ୍‌ରୁ ୪ କିଶୋରୀ ଉଦ୍ଧାର



ମାଲକାନଗିରି, ୨୯।୬(ସଂଚାର ବ୍ୟୁରୋ)ଃ ମାଲକାନଗିରି ସଦର ମହକୁମାରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ୪୫ ମିନିଟ ସମୟରେ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ସାଇ କ୍ରିଷ୍ଣା ବସ୍‌ରେ କିଛି ଯୁବକ-ଯୁବତୀ ଓ କିଶୋରୀଙ୍କୁ ନିଆଯାଉଥିବା ସୂଚନା ପାଇ ଚାଇଲ୍ଡ ହେଲ୍ପଲାଇନ୍ ଓ ପୋଲିସର ମିଳିତ ଟିମ୍ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ମୋଟ ୧୦ ଜଣଙ୍କୁ ବସ୍‌ରୁ ଓହ୍ଲାଇ ଯାଞ୍ଚ କରାଯାଇଥିଲା।

ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ, ସେମାନଙ୍କ ମଧ୍ୟରୁ କେତେକ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ୍‌ର ନାକାମାମୁଡ଼ି ଗ୍ରାମ ଏବଂ ମାଲକାନଗିରି ସଦର ମହକୁମା ଅନ୍ତର୍ଗତ ସିନ୍ଧରିମାଳ ପଞ୍ଚାୟତର କୁକୁଡ଼ାଗୁଡ଼ା ଅଞ୍ଚଳର ବାସିନ୍ଦା। ସେମାନଙ୍କ ମଧ୍ୟରୁ ୪ ଜଣ କିଶୋରୀଙ୍କ ପାଖରେ ବୟସ ପ୍ରମାଣ କରିବାକୁ ଆବଶ୍ୟକ ଦଲିଲ ନଥିବାରୁ ସେମାନଙ୍କୁ ୱାନ୍ ଷ୍ଟପ୍ ସେଣ୍ଟରକୁ ପଠାଯାଇଥିଲା। ଅନ୍ୟ ୬ ଜଣଙ୍କ ମଧ୍ୟରେ ୩ ଜଣ ପୁଅ ଓ ୩ ଜଣ ଝିଅ ଥିଲେ। ପ୍ରାଥମିକ ଯାଞ୍ଚରେ ସେମାନେ ୧୮ ବର୍ଷରୁ ଅଧିକ ବୟସର ବୋଲି ଜଣାପଡ଼ିଥିଲା। ପ୍ରାଥମିକ ସୂଚନା ଅନୁସାରେ ସେମାନେ ଇଂରାଜୀ ଓ ବାଇବେଲ ସମ୍ପର୍କିତ ପ୍ରଶିକ୍ଷଣ ପାଇଁ ଆନ୍ଧ୍ରପ୍ରଦେଶ ଯାଉଥିବା କଥା ସାମ୍ନାକୁ ଆସିଛି। ତେବେ ସେମାନଙ୍କୁ କିଏ ପଠାଇଥିଲେ, କେଉଁ ସଂସ୍ଥା କିମ୍ବା ବ୍ୟକ୍ତି ଏଥିରେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣା ପରେ ଅଭିଭାବକମାନେ ପହଞ୍ଚି ପିଲାମାନଙ୍କୁ ନେଇଯାଇଥିଲେ।

# ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

## ୨୭ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ




ବାରିପଦା,୨୯।୬(ସଂଚାର ବ୍ୟୁରୋ)ଃ ବାରିପଦା ତହସିଲ ପକ୍ଷରୁ ସ୍ଥାନୀୟ ରଘୁନାଥପୁରସ୍ଥିତ ଲେପ୍ରୋସି କଲୋନୀଠାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୭ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ପଟ୍ଟା ଓ ଶିରୋନାମା ବଣ୍ଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାର ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ରହିଛନ୍ତି। ଜଙ୍ଗଲ ଜମିର ବୈଧ ଅଧିକାର ପ୍ରଦାନ ହିତାଧିକାରୀଙ୍କ ଜୀବନଜୀବିକା ଓ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲବାସୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

ବାରିପଦା ତହସିଲଦାର ସପନ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜଙ୍ଗଲ ଜମି ଅଧିକାର ପ୍ରଦାନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଏବଂ ବାରିପଦା ବିଧାୟକ କେତେକ ହିତାଧିକାରୀଙ୍କ ବାସଭବନକୁ ପରିଦର୍ଶନ କରି ସେମାନଙ୍କ ହାତରେ ଜଙ୍ଗଲ ଜମି ପଟ୍ଟା ଓ ଶିରୋନାମା ପ୍ରଦାନ କରିଥିଲେ। ଏହି ଅବସରରେ ସେମାନେ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

ଅତିରିକ୍ତ ଜିଲାପାଳ ମୟୁରଭଞ୍ଜ ନେତ୍ରାନନ୍ଦ ମଲ୍ଲିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବାରିପଦାର ଅତିରିକ୍ତ ତହସିଲଦାର ସଦାନନ୍ଦ ଡେଲକି ଏବଂ ଭରତ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ବହୁ ସଂଖ୍ୟକ ହିତାଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଶ୍ରୀ ଶ୍ରୀ ସିଦ୍ଧ ବଳରାମଜୀଉ ମନ୍ଦିରରେ ଦେବସ୍ନାନ ନୀତି ଅନୁଷ୍ଠିତ



ଢେଙ୍କାନାଳ, ୨୯।୬ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଆଜି ଜ୍ୟେଷ୍ଠ ମାସର ଦେବ ସ୍ନାନ ନୀତି ପାଳନ କରାଯାଇଛି । ଭୋର ସାଢ଼େ ୪ଟା ସମୟରୁ ଜୟ ବିଜୟ ମଙ୍ଗଳ ଆଳତି ପରେ ପହଣ୍ଡି କରାଯାଇ ବଳରାମ, ସୁଭଦ୍ରା, କୃଷ୍ଣ ଓ ଜଗନ୍ନାଥଙ୍କୁ ସ୍ନାନ ବେଦୀକୁ ବିଜେ କରାଯାଇଥିଲା । ପୂଜା ଅର୍ଚ୍ଚନା ପରେ ପଂଚାମୃତ ଓ ସୁବାଷିତ ଜଳରେ ସ୍ନାନ କରିଥିଲେ । ନୂତନ ବସ୍ତ୍ର, ଫୁଲ ହାର, ତୁଳସୀ ହାର ଲାଗି କରାଯାଇଥିଲା । ଶେଷରେ ଚନ୍ଦନ ବେଶ ଅନୁଷ୍ଠିତ ହେଇଥିଲା ।

ବଳରାମ, ସୁଭଦ୍ରା ଓ କୃଷ୍ଣଙ୍କୁ ସୁନା ବେଶ ଏବଂ ଜଗନ୍ନାଥଙ୍କୁ ରୂପା ବେଶ କରାଯାଇଥିଲା । ବିଲ୍ଲଭ ଭୋଗ ଲାଗି ହୋଇଯାଇଥିଲା। ଠାକୁରଙ୍କ ସକାଳ ଧୂପ, ମଧ୍ୟାହ୍ନ ଧୂପ, ରାତ୍ର ଧୂପ ସନ୍ଧ୍ୟା ବେଳେ ଲାଗି ହେବ । ରାତ୍ର ସମୟରେ ଅଣସର ପିଣ୍ଡିକୁ ବିଜେ କରିବେ। ପୂଜକ ମଳୟ କର, ମନ ସୁମନ ମିଶ୍ର, ସିବଷ୍ଟ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜ ମୋହନ ମହାପାତ୍ର, ବାବାଜି ମହାପାତ୍ର, କାହାଳିଆ ଟିକନ ବେହେରା, ଉଜିଲ୍ଲାପାଳ ପଦ୍ମଲତା ସାହୁ, ଦେବୋତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଏବଂ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ଜ୍ୟେଷ୍ଠ ମାସର ଦେବସ୍ନାନ ନୀତି ପାଳିତ ହୋଇଥଲା ।

# ଜମି ଜବରଦଖଲ ଓ ଧମକ ଅଭିଯୋଗରେ ସଦର ଥାନାରେ ମହିଳାଙ୍କ ଏତଲା

ଢେଙ୍କାନାଳ,୨୯।୬ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କଙ୍କଡାହାଡ଼ ଅଞ୍ଚଳର ସାରିଅଁ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ର କରି ପରିବାରିକ ବିବାଦ ଉଗ୍ର ରୂପ ନେଇଛି। ଜମି ଜବରଦଖଲ, ଗାଳିଗୁଲଜ, ଧମକ ଏବଂ ରାସ୍ତା ଅବରୋଧ ଭଳି ସଙ୍ଗୀନ ଅଭିଯୋଗ ଆଣି ସାରିଅଁ ଗ୍ରାମର ବାସିନ୍ଦା ଯାନକୀ ବାରିକ



ଢେଙ୍କାନାଳ ସଦର ଥାନାରେ ଲିଖିତ ଏତଲା ଦାଖଲ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପରିବାରରେ ଜମିର ଭାଗବଣ୍ଟା ହୋଇସାରିଥିଲେ ମଧ୍ୟ ତାଙ୍କ ସମ୍ପର୍କୀୟ ଦେବ ବାରିକ ଘର ନିକଟରେ ଥିବା ତାଙ୍କ ଅଂଶର ଜମିକୁ ବେଆଇନ ଭାବେ ଜବରଦଖଲ କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ବିରୋଧ କରିବାରୁ ବାରମ୍ବାର ତାଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଧମକ ଦିଆଯାଉଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି।

ଯାନକୀ ବାରିକ ଆହୁରି ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅମାନେ ଘରୁ ବାହାରି ରାସ୍ତାରେ ଯାତାୟାତ କରୁଥିବା ବେଳେ ସେମାନଙ୍କୁ ଅଟକାଇବା ସହ ଉଠାଇ ନେବାକୁ ଧମକ ଦିଆଯାଉଛି। ଏଭଳି ଘଟଣା ଯୋଗୁଁ ସମଗ୍ର ପରିବାର ଭୟଭୀତ ଅବସ୍ଥାରେ ରହୁଥିବା ଏବଂ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ସେ କହିଛନ୍ତି।

ସେ ଆହୁରି ଦର୍ଶାଇଛନ୍ତି ଯେ, ଗତ ୨୨ ତାରିଖରେ ମଧ୍ୟ ଏହି ଜମିକୁ କେନ୍ଦ୍ର କରି ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ସେତେବେଳେ ସ୍ଥାନୀୟ ସ୍ତରରେ ସମାଧାନର ଉଦ୍ୟମ ହୋଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବାରୁ ପୁଣିଥରେ ବିବାଦ ଦେଖାଦେଇଛି।

ପରିବାରର ସୁରକ୍ଷା, ଜମିର ଅଧିକାରର ସୁରକ୍ଷା ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି କରି ଯାନକୀ ବାରିକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଦେବସ୍ନାନ ପୂର୍ଣ୍ଣିମାରେ ରଥ ଅଖରେ ଚକ ଲାଗିଲା

ଢେଙ୍କାନାଳ,୨୯।୬ (ସଂଚାର ବ୍ୟୁରୋ)ଃ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ସହରରେ ଆଗାମୀ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଏକ ମହତ୍ୱପୂର୍ଣ୍ଣ ପରମ୍ପରା 'ଅଖରେ ଚକ ଲାଗି' ନୀତି ଆଜି ଶ୍ରଦ୍ଧା ଓ ଭକ୍ତିର ସହ ସମ୍ପନ୍ନ ହୋଇଛି। ସ୍ଥାନୀୟ ବଳରାମ ମନ୍ଦିରରୁ ପ୍ରଭୁଙ୍କ ଆଜ୍ଞାମାଳ ରଥଗଡାସ୍ଥିତ ରଥଖଳାକୁ ଆଣାଯାଇ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ରଥର ଅଖରେ ଚକ ସଂଯୋଜନ କରାଯାଇଥିଲା।

ସକାଳୁ ରଥଖଳା ପରିସରରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଜ୍ଞାମାଳ ପହଞ୍ଚିବା ପରେ ପୂଜକ ମଳୟ କର ବିଧି ଅନୁସାରେ ପୂଜା କରିଥିଲେ। ଏହାପରେ ପରମ୍ପରା ଅନୁଯାୟୀ ବିଶ୍ୱକର୍ମା ସେବକମାନେ ରଥର ଅଖରେ ଚକ ଲଗାଇବାର ନୀତି ସମ୍ପାଦନ କରିଥିଲେ। ଏହି ନୀତି ସମ୍ପନ୍ନ ହେବା ପରେ ରଥ ନିର୍ମାଣ କାର୍ଯ୍ୟ ଅଧିକ ଦ୍ରୁତ ଗତିରେ ଆଗେଇବ ବୋଲି ସେବାୟତମାନେ କହିଛନ୍ତି।



## ଜହ୍ନା ବଳଦେବଜୀଉ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା



କୋରେଇ,୨୯।୬ (ସଂଚାର ବ୍ୟୁରୋ)ଃ କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଶ୍ରୀ ବଳଦେବଜୀଉ ମନ୍ଦିରରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କର ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ସକାଳୁ ମଙ୍ଗଳ ଆଳତି, ମଇଲମ , ତଡପଲାଗି, ଅଧର ପୋଛା, ଅବକାଶ, ସୂର୍ଯ୍ୟପୂଜା ପରେ ଘଣ୍ଟ ଘଣ୍ଟା, କୀର୍ତନରେ ମହାପ୍ରଭୁଙ୍କୁ ଧାଡି ପହଣ୍ଡିରେ ସେବାୟତମାନେ ସ୍ନାନ ବେଦିକୁ ଆଣିଥିଲେ । ବୈତରଣୀ ନଦୀରୁ ଆସିଥିବା ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା। ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ଓ ଭୋଗ କାର୍ଯ୍ୟ ସମାପନା ହୋଇଥିଲା । ପରେ ସନ୍ଧ୍ୟା ସମୟରେ ମହାପ୍ରଭୁଙ୍କୁ ନେଇ ଅଣସର ଘରେ ରଖାଯାଇଥିଲା।ଏବେ ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ଅନୁଷ୍ଠିତ ହେବା ସହ ଭକ୍ତମାନେ କେବଳ ପଟି ଦର୍ଶନ କରିବେ । ଆଜି ବଳଦେବଜୀଉ ଟ୍ରଷ୍ଟ ବୋର୍ଡ଼ର ପ୍ରଧାନ ଟ୍ରଷ୍ଟି ଶ୍ରୀ ଅଭିଳାଷ ବୋଇତାଇ ଛେରା ପହଁରା କାର୍ଯ୍ୟ ସମାପନା କରିବା ସହ ପୂଜକ ଗୋପବନ୍ଧୁ ପାଢ଼ୀ, ମୃତ୍ୟୁଞ୍ଜୟ ପାଢ଼ୀ, ପୁରୋହିତ ରାଜ କିଶୋର ପାଢ଼ୀ ପୂଜା କାର୍ଯ୍ୟ କରିଥିଲେ ।

### ହିଞ୍ଜିଳିରେ ମିଳିତ ଜନଅଭିଯୋଗ ଶୁଣାଣି

# ୧୮୭ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି



ହିଞ୍ଜିଳିକାଟୁ,୨୯।୬ (ସଂଚାର ବ୍ୟୁରୋ)ଃ ହିଞ୍ଜିଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି.କାର୍ତ୍ତି ଭାସନ, ଏସ୍‌ପି ହରିଶ ବି.ସି , ଗଞ୍ଜାମ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଉପସ୍ଥିତ ଥିଲେ। ମୋଟ ୧୮୭ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ବ୍ୟକ୍ତିଗତ ୧୪୬ଟି ଓ ସାମୁହିକ ୪୧ଟି ଅଭିଯୋଗ ରହିଥିଲା। ରେଡକ୍ରସ୍ ପାଣ୍ଠିରୁ ୭ ଜଣଙ୍କୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା କରାଯାଇଥିଲା | ସେଇଭଳି ହିଂଜିଳିକାଟୁ ଅଞ୍ଚଳର କିଛି ମୁଖ୍ୟ ସମସ୍ୟା ରହିଥିବା ଯୋଗୁଁ ଅଂଚଳର କିଛି ବୃଦ୍ଧିଜୀବି ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରି ସମାଧାନ କରିବା ପାଇଁ ଦାବି କରିଥିଲେ | ଉକ୍ତ କାର୍ଯ୍ୟକ୍ଷମରେ ହିଞ୍ଜିଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ,ତହସିଲଦାର ତପନ କୁମାର ମହାପାତ୍ର , ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ,ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ ଶ୍ରୀକାନ୍ତ କୁମାର ସାହୁଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।

## ବାଲିଅନ୍ତାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ନୀତି

ବାଲିଅନ୍ତା,୨୯।୬(ସଂଚାର ବ୍ୟୁରୋ)ଃ ଦେବ ସ୍ନାନ ଅବସରରେ ବାଲିଅନ୍ତା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । କଣ୍ଟୁଣିଆ ସୁଦର୍ଶନ ଦାରୁପୀଠରେ ଠିକ ସକାଳ ୪.୩୦ ମଙ୍ଗଳା ଅର୍ପଣ,୫ଟା ସମୟରେ ଧାଡି ପହଣ୍ଡି, ୬.୩୦ ମଙ୍ଗଳା ଆଳତି ୭ ତଡ଼ପ ଲାଗି, ୮ଟାରେ ଅବକାଶ, ୯.୩୦ ଗୋପଳ ବଲ୍ଲଭ, ୧୦.୩୦ ସ୍ନାନ,ମଧ୍ୟାହ୍ନ ୧୨ ହାତୀ ବେଶ,ଅପରାହ୍ନ ୧ରେ ଛେରାପହଁରା , ୧.୩୦ ମଧ୍ୟାହ୍ନ ଧୂପ ରାତ୍ର ୯ ଘଟିକା ମନ୍ଦିରକୁ ଠାକୁର ପହଣ୍ଡି କରି ସିଂହାସନରେ ଉପବିଶନ କରାଯିବ । ସେହିପରି ଐତିହ୍ୟ ସଂପର୍ଣ୍ଣ କାକରୁଦ୍ରପୁର ପତିତପାବନ ମନ୍ଦିରରେ ଠାକୁରଙ୍କ ସ୍ନାନ ପୂର୍ଣ୍ଣିମା ଯଥା ରୀତି ନୀତି ଅନୁସାରେ ସମ୍ପର୍ଣ୍ଣ ହୋଇଥିଲା। ପୂର୍ବାହ୍ନ ଠିକ ୧୦ଟା ସମୟରେ ଗୋଟି ପହଣ୍ଡି କରାଇ ସ୍ନାନମଣ୍ଡପକୁ ଅଣାଯାଇ ସ୍ନାନବିଧି ସମ୍ପର୍ଣ୍ଣ ହୋଇଥିଲା।

## ରେଡ଼କ୍ରସ ସୋସାଇଟି ପକ୍ଷରୁ ବ୍ଲକସ୍ତରୀୟ ଆଭିମୁଖିକରଣ କାର୍ଯ୍ୟକ୍ରମ



ମାଲକାନଗିରି,୨୯।୬(ସଂଚାର ବ୍ୟୁରୋ)ଃଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ତରଫରୁ ବ୍ଲକ ସ୍ତରୀୟ ଏକଦିନିକିଆ ଆଭିମୁଖି କରଣ କାର୍ଯ୍ୟକ୍ରମ -୨୦୨୫/୨୦୨୬ ମାଲକାନଗିରି, କାଲିମେଳା ଓ ପଡ଼ିଆ ବ୍ଲକ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପିଏମ ଶ୍ରୀ ଗଭମେଣ୍ଟ ନୋଡ଼ାଲ ହାଇସ୍କୁଲ ମାଲକାନଗିରି ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ମମତା ସୟ, ମୁଖ୍ୟବକ୍ତା ଭାବରେ ପୂର୍ବତନ ଯୁବ ରେଡ଼କ୍ରସ ଅଧିକାରୀ ଡ଼କ୍ଟର ରଂଜନ କୁମାର ସ୍ୱାଇଁ, ଭେନ୍ୟୁ ସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିରାଣୀ ବିଶ୍ୱାସ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, କନିଷ୍ଠ ରେଡ଼କ୍ରସ ଅଧିକାରୀ ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ । ଉଦଘାଟନୀ ସଭାକୁ ବରିଷ୍ଠ ଜେ. ଆର. ସି ଦୀନବନ୍ଧୁ ବେଜ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ସାଧନ କର୍ମୀ ମାର୍କଣ୍ଡ ଦାସ, ଏହି ଏକ ଦିବସୀୟ ଆଭିମୁଖି କରଣ କାର୍ଯ୍ୟକ୍ରମ ରେ ରେଡକ୍ରସର ଇତିହାସ, ସି. ପି.ଆର, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପ୍ରଶମନ, ସଡ଼କ ସୁରକ୍ଷା, ପ୍ରଭୃତି ଉପରେ ଧାରଣା ପ୍ରଦାନ କରାଯାଇଥିଲା।

SANCHAR
ସଂଚାର
ମଙ୍ଗଳବାର ୩୦ ଜୁନ୍ ୨୦୨୬





# କର୍କଟ ରୋଗର ଆଶଙ୍କା କମାଇବ ୫ ସୁପରଫୁଡ୍

ବର୍ତ୍ତମାନ ସମୟରେ ଦୁନିଆରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ତେଣୁ କର୍କଟ ରୋଗର ଆଁଶଙ୍କା କମାଇବା ପାଇଁ ସୁସ୍ଥ ଖାଦ୍ୟାଭ୍ୟାସ ଅତ୍ୟନ୍ତ ଜରୁରୀ। ବିଶେଷଜ୍ଞମାନଙ୍କ ମତରେ, ସନ୍ତୁଳିତ ଖାଦ୍ୟ ଏବଂ ସୁସ୍ଥ ଜୀବନଶୈଳୀ କର୍କଟ ରୋଗର ଆଶଙ୍କାକୁ କିଛି ପରିମାଣରେ କମାଇବାରେ ସହାୟକ ହୋଇପାରେ। କର୍କଟ-ପ୍ରତିରୋଧୀ ଗୁଣ ଥିବା ଖାଦ୍ୟ ଖାଇବା କର୍କଟ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ସବୁଜ ପନିପରିବା, ଫଳ, ସମ୍ପୂର୍ଣ୍ଣ ଶସ୍ୟ, ଡାଲି, ବାଦାମ ଓ ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଖାଦ୍ୟକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ସହ ନିୟମିତ ବ୍ୟାୟାମ, ଧୂମପାନ ଓ ମଦ୍ୟପାନରୁ ଦୂରେଇ ରହିବା ଏବଂ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା କର୍କଟ ରୋଗର ଆଶଙ୍କାକୁ କମ୍ କରିବାରେ ସହାୟକ ହୋଇପାରେ। ଯଦି ଆପଣ କର୍କଟ ରୋଗରେ ଆକ୍ରାନ୍ତ ଅଛନ୍ତି ତେବେ ଏହି ଖାଦ୍ୟଗୁଡ଼ିକୁ ଆପଣଙ୍କ ଡାଏଟ୍ ପ୍ଲାନରେ ନିଶ୍ଚୟ ସାମିଲ କରନ୍ତୁ।

ହଳଦୀ:କର୍କଟ ରୋଗୀଙ୍କ ପାଇଁ ହଳଦୀ ଏକ ଭଲ ସଂକ୍ରମଣ ବିରୋଧୀକାରୀ ଔଷଧ ଭାବେ କାମ କରେ। କଳା ଗୋଲମରିଚ ସହିତ ହଳଦୀ ବ୍ୟବହାର କରିବା ଦ୍ୱାରା କର୍କଟ ରୋଗର ଆଶଙ୍କା ହ୍ରାସ ପାଇପାରିବ। ହଳଦୀ ଖାଇବା ପାଇଁ, ଏକ ଗ୍ଲାସ ପାଣିରେ ଏକ ଚିମୁଟା ହଳଦୀ ଏବଂ କଳା ଗୋଲମରିଚ ମିଶାଇ ପିଅନ୍ତୁ। ଯାହା କର୍କଟ ରୋଗର ଆଶଙ୍କାକୁ କମ୍ କରିବାରେ ସାହାଯ୍ୟ କରିବ।

ଅଁଳା:ଅଁଳାକୁ ସୁପରଫୁଡ୍ ଭାବେ ବିବେଚନା କରାଯାଏ। ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଅଁଳାରେ ଗାଲିକ୍ ଏସିଡ୍ ଏବଂ ଏଲାଜିକ୍ ଏସିଡ୍, ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରପୂର ମାତ୍ରାରେ ରହିଛି। ଏହା ଶରୀରରେ ଫ୍ରି ରାଡିକେଲ୍ ଗଠନ କରିବାକୁ ରୋକିଥାଏ। ଫ୍ରି ରାଡିକିଲ ଥିବାରୁ କର୍କଟର କୋଷ ଗଠନର ଆଶଙ୍କାକୁ ବହୁଗୁଣିତ କରିଦେଇଥାଏ। ତେଣୁ କର୍କଟ ରୋଗୀମାନେ ପାଇଁ ଅଁଳା ଖାଇବା ଜରୁରୀ। ଯାହା ସେମାନଙ୍କ ସମସ୍ୟାର ଆଶଙ୍କାକୁ କମ୍ କରିଥାଏ।

ବ୍ରୋକଲି:ଫୁଲକୋବି, ବନ୍ଧାକୋବି ଭଳି ବ୍ରୋକଲି ମଧ୍ୟ କର୍କଟ ରୋଗକୁ କମ୍ କରିବାରେ ସହାୟକ ହୋଇଥାଏ। ଏହି ପନିପରିବାକୁ କ୍ରସିଫେରସ୍ ପନିପରିବା ବୋଲି କୁହାଯାଏ। ଯାହା ଫ୍ରି ରାଡିକାଲ୍ସକୁ ରୋକିବାରେ କାମ କରିଥାଏ। ତେଣୁ ସ୍ୱାସ୍ଥ୍ୟ ଲାଭ ପାଇଁ ସର୍ବଦା ବ୍ରୋକୋଲିକୁ ରାନ୍ଧି ଖାଇବା ଉଚିତ୍। କର୍କଟ ରୋଗର ଆଶଙ୍କାକୁ କମ୍ କରିବା ପାଇଁ ବ୍ରୋକଲି ଏକ ଉତ୍ତମ ବିକଳ୍ପ।

ଗ୍ରୀନ୍ ଟି:କର୍କଟ ରୋଗ ହ୍ରାସ ପାଇବା ପଛରେ ଗ୍ରୀନ୍ ଟି'କୁ ଏକ ପ୍ରମୁଖ କାରଣ ଭାବରେ ବିବେଚନା କରାଯାଏ। ଗ୍ରୀନ୍ ଟିରେ **EGCG** ଥାଏ। ଯାହା କର୍କଟ କୋଷରେ ଆଞ୍ଜିଓଜେନେସିସକୁ ରୋକିବାରେ ସାହାଯ୍ୟ କରିଥାଏ। ଗ୍ରୀନ ଟିରେ ଥିବା **EGCG** ସ୍ତନ କର୍କଟ ଏବଂ ଫୁସଫୁସ କର୍କଟ ସମେତ ଅନେକ କର୍କଟ ରୋଗ ପାଇଁ ଲାଭଦାୟକ ବୋଲି ପ୍ରମାଣିତ ହୋଇ ଆସୁଛି।

ଅଳସୀ:ଅଳସୀରେ ଲିଗନାନ୍ ଥାଏ। ଯେଉଁଥିରେ କର୍କଟ ପ୍ରତିରୋଧୀ ଗୁଣ ଭରପୁର ମାତ୍ରାରେ ରହିଛି। ଏହି ଲିଗନାନ୍ ସ୍ତନ ଏବଂ ପ୍ରୋଷ୍ଟେଟ୍ କ୍ୟାନସର ପାଇଁ ଅତ୍ୟନ୍ତ ଲାଭକାରୀ ହୋଇଥାଏ। ପ୍ରତିଦିନ ୨୫ ଗ୍ରାମ ଅଳସୀ ଖାଇବା ଦ୍ୱାରା କ୍ୟାନସରକୁ ଦୂର କରିବା ସହିତ ଟ୍ୟୁମର ବୃଦ୍ଧି ଆଶଙ୍କାକୁ ମଧ୍ୟ କମ୍ କରିଥାଏ। ଯଦି ଆପଣ ଏମିତି କିଛି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଆପଣଙ୍କ ଖାଇବା ଲିଷ୍ଟରେ ଏହି ସବୁ ଜିନିଷକୁ ଆଡ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।



# ଖାଲିପେଟରେ ଚା ଏବଂ ବିସ୍କୁଟ୍ ଖାଇଲେ ପେଟ ସମସ୍ୟା ବଢ଼େ

ଭାରତର ଅଧିକାଂଶ ଲୋକ ଚା ପିଇ ନିଜ ଦିନ ଆରମ୍ଭ କରନ୍ତି। ଚା ବିନା ସକାଳର ଆରମ୍ଭ କରିବା ଲୋକଙ୍କ ପାଇଁ କଷ୍ଟକର ହୋଇଯାଏ। କିଛି ଲୋକ ଅଛନ୍ତି ଯେଉଁମାନେ ସକାଳୁ ଉଠିବା ମାତ୍ରେ ଚା ପିଇଥାନ୍ତି। ଖାଲି ବଡ଼ ଲୋକମାନେ ନୁହେଁ ବରଂ ଛୋଟଛୁଆ ମାନେ ମଧ୍ୟ ଚା ପିଇବା ଅଭ୍ୟାସ କରିଦେଲେଣି। କିଛି ଲୋକମାନେ ଗରମ ଦିନରେ ବି ଚା' ପିଇଥାନ୍ତି, ଯେତେବି ଗରମ ହେଲେ ସେ ତାଙ୍କ ଅଭ୍ୟାସ୍ ଛାଡି ନଥାନ୍ତି। ଖାଲି ଚା ନୁହେଁ ତାହା ସହ ବିସ୍କୁଟ୍ ଖାଇ ମଜା ମଧ୍ୟ ନେଇଥାନ୍ତି। ଚା ଏବଂ ବିସ୍କୁଟ୍ ଆମ ଦୈନନ୍ଦିନ ଜୀବନର ଏକ ଲୋକପ୍ରିୟ ଖାଦ୍ୟ। ସକାଳ ବେଳେ, ସନ୍ଧ୍ୟାରେ କିମ୍ବା ଅତିଥି ସତ୍କାର ସମୟରେ ଚା ସହିତ ବିସ୍କୁଟ୍ ଖାଇବା ଏକ ସାଧାରଣ ଅଭ୍ୟାସ। ଏହା ସ୍ୱାଦିଷ୍ଟ ହେବା ସହିତ ଶରୀରକୁ କିଛି ଲାଭ ମଧ୍ୟ ଦେଇଥାଏ। କିନ୍ତୁ ଏହାର ଅତ୍ୟଧିକ ସେବନ କେତେକ କ୍ଷତିକାରକ ପ୍ରଭାବ ମଧ୍ୟ ପକାଇପାରେ। ତେଣୁ ଆସନ୍ତୁ ଚା ଏବଂ ବିସ୍କୁଟ୍ ଖାଇବାର ଉପକାରିତା ଓ ଅପକାରିତା ବିଷୟରେ ଅଧିକ ଜାଣିବା।

ପ୍ରଥମେ ଉପକାରିତା ବିଷୟରେ କହିବାକୁ ଗଲେ, ଚାରେ ଥିବା କ୍ୟାଫିନ୍ ଶରୀର ଓ ମସ୍ତିଷ୍କକୁ ସତେଜ କରିଥାଏ। ଏହା କ୍ଲାନ୍ତି କମାଇ ମନକୁ ଚଞ୍ଚଳ ଓ କାର୍ଯ୍ୟକ୍ଷମ କରେ। ବିଶେଷକରି ସକାଳେ ଏକ କପ୍ ଚା ପିଇଲେ ଶରୀରରେ ନୂଆ ଉତ୍ସାହ ଆସିଥାଏ। ଚାରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଦେହକୁ କେତେକ ରୋଗରୁ ସୁରକ୍ଷା ଦେବାରେ ସହାୟକ ହୁଏ। ଅନ୍ୟପଟେ, ବିସ୍କୁଟ୍ ଶରୀରକୁ ତୁରନ୍ତ ଶକ୍ତି ଯୋଗାଇଥାଏ, କାରଣ ଏଥିରେ କାର୍ବୋହାଇଡ୍ରେଟ୍ ରହିଥାଏ। ଭୋକ ଲାଗିଥିବା ସମୟରେ କିଛି ବିସ୍କୁଟ୍ ଖାଇଲେ ଶକ୍ତିର ଅଭାବ କମିଯାଏ। ଚା ଏବଂ ବିସ୍କୁଟ୍ ସହିତ ବସି ପରିବାର କିମ୍ବା ବନ୍ଧୁମାନଙ୍କ ସହ କଥାବାର୍ତ୍ତା କଲେ ସାମାଜିକ ସମ୍ପର୍କ ମଧ୍ୟ ମଜବୁତ ହୋଇଥାଏ।

ହେଲେ, ଏହାର କେତେକ ଅପକାରିତା ଗୁଣ ମଧ୍ୟ ରହିଛି। ଅଧିକ ଚା ପିଇବା ଫଳରେ କ୍ୟାଫିନର ପ୍ରଭାବରେ ନିଦ୍ରାହୀନତା, ଚିନ୍ତା ଏବଂ ଅସ୍ଥିରତା ଦେଖାଯାଇପାରେ। ଖାଲି ପେଟରେ ଚା ପିଇଲେ ଅମ୍ଳତା, ଗ୍ୟାସ ଏବଂ ପେଟ ସମସ୍ୟା ହୋଇପାରେ। ଅଧିକ ଚିନି ମିଶାଇ ଚା ପିଇବା ଦ୍ୱାରା ମଧୁମେହ ଏବଂ ଓଜନ ବୃଦ୍ଧିର ସମ୍ଭାବନା ବଢ଼ିଥାଏ। ସେହିପରି, ବଜାରରେ ମିଳୁଥିବା ଅନେକ ବିସ୍କୁଟରେ ଅଧିକ ପରିମାଣରେ ଚିନି, ଲୁଣ ଓ ଚର୍ବି ଥାଏ। ଏଗୁଡ଼ିକର ନିୟମିତ ଓ ଅତ୍ୟଧିକ ସେବନ କଲେ ହୃଦରୋଗ, ମୋଟାପଣ ଏବଂ ରକ୍ତଚାପ ସମସ୍ୟାର କାରଣ ହୋଇପାରେ। ଅନେକ ଲୋକ ସଠିକ୍ ପୌଷ୍ଟିକ ଖାଦ୍ୟ ପରିବର୍ତ୍ତେ ଚା ଓ ବିସ୍କୁଟ୍ ଖାଇ ଭୋକ ଶାନ୍ତ କରନ୍ତି, ଯାହା ଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍ ଓ ଖଣିଜ ତତ୍ତ୍ୱର ଅଭାବ ହୋଇପାରେ।

ସେହିପରି, ଚା ଏବଂ ବିସ୍କୁଟ୍ ସୀମିତ ପରିମାଣରେ ଖାଇଲେ ଏହା କିଛି ଲାଭ ଦେଇପାରେ, କିନ୍ତୁ ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ସୁସ୍ଥ ଜୀବନ ପାଇଁ ଚିନି କମ୍ ଥିବା ଚା ଏବଂ ପୌଷ୍ଟିକ ବିସ୍କୁଟ୍ ବାଛିବା ଉଚିତ। ସନ୍ତୁଳିତ ଖାଦ୍ୟ ଅଭ୍ୟାସ ଓ ମାପଯୋଗ୍ୟ ସେବନ ମାଧ୍ୟମରେ ଆମେ ଚା ଓ ବିସ୍କୁଟର ସ୍ୱାଦ ଉପଭୋଗ କରି ସ୍ୱାସ୍ଥ୍ୟକୁ ମଧ୍ୟ ଭଲ ରଖିପାରିବା।

# ପେଟ ଓ ପରିସ୍ରାରେ ପୋଡ଼ା ସମସ୍ୟାରୁ କିପରି ପାଇବେ ମୁକ୍ତି ?



ପେଟରେ ପୋଡ଼ା ଅନୁଭବ ଏବଂ ପରିଶ୍ରା କରିବା ସମୟରେ ପୋଡ଼ା କିମ୍ବା ଜ୍ୱଳନ ଏକ ସାଧାରଣ ସମସ୍ୟା ପାଲଟିଲାଣି। କିନ୍ତୁ ଏହାକୁ ଅବହେଳା କରିବା ଉଚିତ ନୁହେଁ। ପେଟରେ ପୋଡ଼ା ଅଧିକାଂଶ ସମୟରେ ଏସିଡିଟି, ଗ୍ୟାସ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଯୋଗୁଁ ହୋଇଥାଏ। ସେହିପରି ପରିଶ୍ରାରେ ପୋଡ଼ା ସାଧାରଣତଃ ପାଣିର ଅଭାବ, ମୂତ୍ର ସଂକ୍ରମଣ (UTI), ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ କିମ୍ବା ଅନ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ହୋଇପାରେ। ଯଦି ବାରମ୍ବାର ଏସିଡିଟି କିମ୍ବା ପେଟରେ ଜ୍ୱଳନ ହେଉଛି, ତେବେ ପ୍ରଥମେ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣନ୍ତୁ। ଅତ୍ୟଧିକ ତେଲିଆ, ମସଲାଯୁକ୍ତ ଏବଂ ଭଜା ଖାଦ୍ୟ ଖାଆନ୍ତୁ ନାହିଁ। ଏକାଥରେ ଅଧିକ ଖାଇବା ପରିବର୍ତ୍ତେ ଅଳ୍ପ ଅଳ୍ପ କରି ଦିନକୁ ୪ ରୁ ୫ ଥର ଖାଇବା ଭଲ। ଖାଇ ସାରିବା ପରେ ସଙ୍ଗେ ସଙ୍ଗେ ଶୋଇବା ଉଚିତ ନୁହେଁ। ଅତି କମରେ ୨ ରୁ ୩ ଘଣ୍ଟା ପରେ ଶୋଇବା ଭଲ। ଅଦା, କଦଳୀ, ଓଟସ୍, ଦହି ଭଳି ହାଲୁକା ଖାଦ୍ୟ ପେଟ ପାଇଁ ଉପକାରୀ ହୋଇପାରେ। ଚା, କଫି, ମଦ୍ୟପାନ ଏବଂ ଧୂମପାନ କମ୍ କିମ୍ବା ବନ୍ଦ କରିବା ଉଚିତ, କାରଣ ଏଗୁଡ଼ିକ ଏସିଡିଟି ବଢ଼ାଇପାରେ।

ପରିଶ୍ରା କରିବା ସମୟରେ ପୋଡ଼ା ହେଲେ ସର୍ବପ୍ରଥମେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ଦିନକୁ ପ୍ରାୟ ୨ ରୁ ୩ ଲିଟର ପାଣି ପିଇଲେ ଶରୀରରେ ପାଣିର ଅଭାବ ଦୂର ହୋଇଥାଏ ଏବଂ ମୂତ୍ରପଥ ସଫା ହୋଇଯାଏ। ନଡ଼ିଆ ପାଣି, ଲେମ୍ବୁ ପାଣି କିମ୍ବା ଅଧିକ ଚିନି ନଥିବା ତରଳ ପାନୀୟ ମଧ୍ୟ ଉପକାରୀ ହୋଇପାରେ।

ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରିବା ମଧ୍ୟ ଜରୁରୀ। ପରିଶ୍ରାକୁ ଦୀର୍ଘ ସମୟ ଧରି ଅଟକାଇ ରଖିବା ଉଚିତ ନୁହେଁ। ଯଦି ପୋଡ଼ା ସହିତ ବାରମ୍ବାର ପରିଶ୍ରା ଲାଗୁଛି, ଜ୍ୱର ହେଉଛି, ରକ୍ତ ଆସୁଛି କିମ୍ବା ତଳ ପେଟରେ ଅଧିକ ଯନ୍ତ୍ରଣା ଅନୁଭବ ହେଉଛି, ତେବେ ଏହା ମୂତ୍ର ସଂକ୍ରମଣର ଲକ୍ଷଣ ହୋଇପାରେ। ଏପରି ସ୍ଥିତିରେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବାଶ୍ୟକ। ସୁସ୍ଥ ଜୀବନଶୈଳୀ ଅନେକ ପେଟ ଓ ମୂତ୍ର ସମସ୍ୟାକୁ ରୋକିପାରେ। ପ୍ରତିଦିନ ହାଲୁକା ବ୍ୟାୟାମ କରନ୍ତୁ, ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ ଏବଂ ମାନସିକ ଚାପ କମ୍ ରଖନ୍ତୁ। ଅଧିକ ଫଳ, ପନିପରିବା ଏବଂ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଭଲ ରହିଥାଏ।

ଏଥିସହ ଜାଣିରଖନ୍ତୁ ଯେ, ଯଦି ପେଟରେ ପୋଡ଼ା ବାରମ୍ବାର ହେଉଛି, ଓଜନ କମିଯାଉଛି, ବାନ୍ତିରେ ରକ୍ତ ଆସୁଛି କିମ୍ବା କଳା ରଙ୍ଗର ମଳ ହେଉଛି, ତେବେ ଶୀଘ୍ର ଡାକ୍ତରଙ୍କୁ ଦେଖାନ୍ତୁ। ସେହିପରି ପରିଶ୍ରାରେ ପୋଡ଼ା ୧ରୁ୨ ଦିନରୁ ଅଧିକ ରହିଲେ, ଜ୍ୱର, ଅଧିକ ଯନ୍ତ୍ରଣା କିମ୍ବା ରକ୍ତ ଆସିଲେ ମଧ୍ୟ ଚିକିତ୍ସା ଆବଶ୍ୟକ। ଏହା କେବେ କେବେ ସଂକ୍ରମଣ, କିଡନୀ ଷ୍ଟୋନ୍ କିମ୍ବା ଅନ୍ୟ କୌଣସି ରୋଗର ଲକ୍ଷଣ ହୋଇପାରେ। ପେଟ ଏବଂ ପରିଶ୍ରାରେ ପୋଡ଼ା ଭଳି ସମସ୍ୟାକୁ ହାଲୁକା ଭାବରେ ନେବା ଉଚିତ ନୁହେଁ। ସଠିକ୍ ଖାଦ୍ୟାଭ୍ୟାସ, ପର୍ଯ୍ୟାପ୍ତ ପାଣି ପିଇବା, ସ୍ୱଚ୍ଛତା ରକ୍ଷା ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇଲେ ଏହି ସମସ୍ୟାରୁ ଅନେକ ସମୟରେ ମୁକ୍ତି ମିଳିପାରିବ। ଯଦି ଲକ୍ଷଣ ଦୀର୍ଘ ସମୟ ଧରି ରହେ କିମ୍ବା ଗୁରୁତର ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ ନେଇ କାରଣ ଜାଣି ଉଚିତ ଚିକିତ୍ସା କରାଇବା ହିଁ ସର୍ବୋତ୍ତମ ପଦକ୍ଷେପ।

# ସକାଳେ ଖାଲିପେଟରେ ଖାଆନ୍ତୁ ପାଣିରେ ଭିଜା ମେଥି

ସୁସ୍ଥ ଜୀବନ ପାଇଁ ସଠିକ୍ ଖାଦ୍ୟ ଅଭ୍ୟାସ ଏବଂ ପ୍ରାକୃତିକ ଜିନିଷର ବ୍ୟବହାର ବହୁତ ଗୁରୁତ୍ୱପୂର୍ଣ୍ଣ। ମେଥି ଏକ ପୌଷ୍ଟିକ ମସଲା। ଯାହାରେ ଫାଇବର, ଆଇରନ, ପ୍ରୋଟିନ, ଭିଟାମିନ ଏବଂ ଆଣ୍ଟିଅକ୍ସିଡେଣ୍ଟ ଗୁଣରେ ଭରପୂର। ଏହାକୁ ଆୟୁର୍ବେଦିକ ଔଷଧ ଭାବେ ମଧ୍ୟ ବିବେଚନା କରାଯାଏ। ତେଣୁ ଏହାକୁ ଖାଲିପେଟରେ ସକାଳୁ ଖାଇବା ଦ୍ୱାରା ଅନେକ ଲାଭ ପ୍ରଦାନ କରିଥାଏ। ରାତିରେ ମେଥି ଦାନାକୁ ପାଣିରେ ଭିଜାଇ ସକାଳେ ଖାଲି ପେଟରେ ଚୋବାଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଏହା ହଜମ ପ୍ରକ୍ରିୟାକୁ ଉନ୍ନତ କରିବା, ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବା ଏବଂ କୋଲେଷ୍ଟ୍ରୋଲ କମାଇବା ଭଳି ସମସ୍ୟାର ସମାଧାନ କରିବାରେ ସହାୟକ କରିଥାଏ। ଏହି ସବୁ ପୋଷକ ତତ୍ତ୍ୱ ପାଇଁ ଏହାକୁ ସ୍ୱାସ୍ଥ୍ୟର ଭଣ୍ଡାର ବୋଲି କୁହାଯାଏ। ଏହା ବ୍ୟତୀତ ଅନେକ ସମସ୍ୟା ଦୂର କରିବା ପାଇଁ ମଧ୍ୟ ମେଥି ପ୍ରଭାବଶାଳୀ। ତେବେ ସକାଳୁ ଖାଲିପେଟରେ ଭିଜା ହୋଇଥିବା ମେଥି ଖାଇବାର ଲାଭ ସମ୍ପର୍କରେ ଆସନ୍ତୁ ଜାଣିବା। ଡାଇବେଟିସ୍ ରୋଗୀଙ୍କ ପାଇଁ ଭିଜା ହୋଇ ରହିଥିବା ମେଥି ଖାଇବା ବରଦାନ ସଦୃଶ ହୋଇଥାଏ। ମେଥିରେ ଥିବା ଫାଇବର, କାର୍ବୋହାଇଡ୍ରେଟ୍ ଏବଂ ଗ୍ଲୁକୋଜର ଅବଶୋଷଣ ପ୍ରକ୍ରିୟାକୁ କମ୍ କରିଦେଇଥାଏ। ଯାହା ଦ୍ୱାରା ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରି ରଖାଯାଇପାରିବ। ଏଥିସହ ଇନସୁଲିନ୍ କ୍ଷରଣକୁ ମଧ୍ୟ ଉନ୍ନତ କରିଥାଏ। ଯାହା ଟାଇପ୍ 2 ମଧୁମେହ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

ଆଜିକାଲିର ଖରାପ ଲାଇଫଷ୍ଟାଇଲ ପାଇଁ ଗ୍ୟାସ୍, ଏସିଡିଟି ଏବଂ କବ୍ଜ ଭଳି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଭିଜା ହୋଇ ରହିଥିବା ମେଥିରେ ଫାଇବରର ଗୁଣ ଭରପୁର ମାତ୍ରାରେ ଥାଏ। ଯାହା ଅନ୍ତନଳୀକୁ ସଫା ରଖିଥାଏ। ସକାଳୁ ଖାଲି ପେଟରେ ଏହି ଭିଜା ହୋଇ ରହିଥିବା ମେଥି ଦାନାକୁ ଚୋବାଇ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଉନ୍ନତ ହେବା ସହ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ୍ୟ ଦୂର କରିଥାଏ।

ମେଥି ଦାନାରୁ ଫ୍ଲାଭୋନଏଡ୍ ପ୍ରଚୁର ପରିମାଣର ମିଳିଥାଏ। ଯାହା ଶରୀରର ଖରାପ କୋଲେଷ୍ଟ୍ରୋଲ ଏବଂ ଟ୍ରାଇଗ୍ଲାଇସରାଇଡ୍ ପରିମାଣକୁ ହ୍ରାସ କରିବାରେ ସାହାଯ୍ୟ କରେ। ଖରାପ କୋଲେଷ୍ଟ୍ରୋଲକୁ ହ୍ରାସ କରି ଭଲ କୋଲେଷ୍ଟ୍ରଲ୍ ବୃଦ୍ଧି କରେ। ଯେତେବେଳେ କୋଲେଷ୍ଟ୍ରୋଲ ନିୟନ୍ତ୍ରଣ ରହିଥାଏ ସେତେବେଳେ ଧମନୀରେ ବ୍ଲକେଜ ହେବାର ଆଶଙ୍କାକୁ କମ୍ କରିଥାଏ। ଯାହା ଦ୍ୱାରା ହାର୍ଟ ଷ୍ଟ୍ରୋକ୍ ଭଳି ବିପଦରୁ ରକ୍ଷା କରିଥାଏ। ଏଥିପାଇଁ ମେଥିଦାନାକୁ ଏହି ସମସ୍ୟା ପାଇଁ ଉତ୍ତମ ବିକଳ୍ପ ଭାବେ ବିବେଚନା କରାଯାଏ । ଯଦି ଆପଣ ଓଜନ କମ୍ କରିବାକୁ ଚାହୁଁଛନ୍ତି ତେବେ ମେଥି ଦାନା ସକାଳୁ ଖାଲି ପେଟରେ ଖାଆନ୍ତୁ। ଯାହା ଆପଣଙ୍କର ଓଜନ ନିୟନ୍ତ୍ରଣର ଯାତ୍ରାକୁ ସହଜ କରିବାରେ ସାହାଯ୍ୟ କରିବ। ସକାଳେ ଏହାକୁ ଚୋବାଇ ଖାଇବା ଦ୍ୱାରା ଏହା ଆପଣଙ୍କ ମେଟାବୋଲିଜିମକୁ ବୃଦ୍ଧି କରି ଆପଣଙ୍କ ଶରୀରର ଚର୍ବି ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଯଦି ଆପଣମାନଙ୍କର ଏହିସବୁ ସମସ୍ୟା ଦେଖାଦେଉଛି ତେବେ ସକାଳେ ଖାଲି ପେଟରେ ଭିଜା ମେଥି ଚୋବାଇ ଖାଇବାର ଅଭ୍ୟାସ କରନ୍ତୁ। ଯାହା ଆପଣଙ୍କ ପାଇଁ ଖୁବ୍ ସ୍ୱାସ୍ଥ୍ୟକର ବୋଲି ପ୍ରମାଣିତ ହୋଇପାରେ। ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି ଏବଂ କୌଣସି ଔଷଧ ଖାଉଛନ୍ତି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ମେଥି ଦାନା ଖାଇବା ଉଚିତ।



### କ୍ଷୁଦ୍ର ଜଳ ବିଭାଜନ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ

# ଚେକଡ୍ୟାମ ଏବେ 'ସୁନା ଅଣ୍ଡାଦିଆ କୁକୁଡ଼ା'

**କଳାହାଣ୍ଡି,୨୯।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ କ୍ଷୁଦ୍ର ଜଳ ବିଭାଜନ ବିଭାଗ ପୁଣି ଥରେ ବିବାଦ ଓ ଚର୍ଚ୍ଚାର ପରିସରକୁ ଆସିଛି। ବିଭାଗୀୟ ଅଧିକାରୀଙ୍କ ବେଫାଉଁଆ ନୀତି ଏବଂ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କାର ଜଳସେଚନ ଯୋଜନା ଏବେ ସମ୍ପୂର୍ଣ୍ଣ ବାଟବଣା ହୋଇଛି। ବିଶେଷ କରି ଦଣ୍ଡପାଟ ଅଞ୍ଚଳରେ ଏହାର ଅନେକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିବା ବେଳେ, ବର୍ତ୍ତମାନ ଚେକଡ୍ୟାମ ମରାମତି ଆଳରେ ବ୍ୟାପକ ସରକାରୀ ଅର୍ଥ ହରିଲୁଟ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ସ୍ଥାନୀୟ ଅଭିଯୋଗ ଅନୁଯାୟୀ, ପଦ୍ମପୁର, ସାନକେନ୍ଦୁଗୁଡ଼ା,



ଶାଗବାହେଲି ଏବଂ ଭରୁଆମୁଣ୍ଡା ଜୋର (ନାଳ) ଅଞ୍ଚଳରେ ଛତୁ ଫୁଟିଲା ଭଳି ଗୋଟିଏ ପରେ ଗୋଟିଏ ଚେକଡ୍ୟାମ ନିର୍ମାଣ କରାଯାଇଛି। ଆଠନଳା ଦେଇ ବାହାରି ମୁଦ୍ରା ନଦୀରେ ମିଶିଥିବା ଏହି ନାଳରେ ପଦ୍ମପୁର ଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ପ୍ରାୟ ୭୦ ରୁ ୮୦ ଟି ଚେକଡ୍ୟାମ ନିର୍ମାଣ ହୋଇଥିବା ଅନୁମାନ କରାଯାଉଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏତେ ସଂଖ୍ୟକ ପ୍ରକଳ୍ପ ସତ୍ତ୍ୱେ ସ୍ଥାନୀୟ ଚାଷୀ ବା ସାଧାରଣ ଜନତାଙ୍କ କୌଣସି କାମରେ ଏହା ଆସୁନାହିଁ।ନିମ୍ନମାନର କାମ ଯୋଗୁଁ ଅଧିକାଂଶ ଚେକଡ୍ୟାମ ବର୍ତ୍ତମାନ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ଏହାର ବାସ୍ତବ ସ୍ଥିତି ଦେଖିଲେ ମନେହେଉଛି 'କାହାର କାନ ଅଛି ତ ନାକ ନାହିଁ'। ଜଳ ସଂରକ୍ଷଣ କରି ଚାଷ ଜମିକୁ ପାଣି ଯୋଗାଇବା ପରିବର୍ତ୍ତେ ଏହି ସଂରଚନାଗୁଡ଼ିକ କେବଳ କଂକ୍ରିଟର କ୍ଷତବିକ୍ଷତ ସ୍ତୁପ ପାଲଟିଛି।ଅତିତର ଦୁର୍ନୀତିକୁ ଘୋଡ଼ାଇବା ଏବଂ ନୂତନ ଭାବେ ସରକାରୀ ପାଣ୍ଠି ହଡ଼ପ କରିବା ପାଇଁ ବର୍ତ୍ତମାନ ଏହି ଚେକଡ୍ୟାମଗୁଡିକର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ପଦ୍ମପୁର, ସାନକେନ୍ଦୁଗୁଡ଼ା, ଶାଗବାହେଲି-ଭରୁଆମୁଣ୍ଡା ଜୋରରେ ଚାଲିଥିବା ମରାମତି କାମ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଚକ୍ଷୁରେ ଦେଖିବାକୁ ପାଉଛନ୍ତି।ସାଧାରଣରେ ଚର୍ଚ୍ଚା ହେଉଛି ଯେ, କ୍ଷୁଦ୍ର ଜଳ ବିଭାଜନ ବିଭାଗର ଚେକଡ୍ୟାମ ପ୍ରକଳ୍ପଗୁଡ଼ିକ ସତେ ଯେମିତି ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ପାଇଁ 'ସୁନା ଅଣ୍ଡା ଦିଆ କୁକୁଡ଼ା' ପାଲଟିଛି। ଜନସାଧାରଣଙ୍କ ସେବା କିମ୍ବା କୃଷିର ଉନ୍ନତି ଏହି ଯୋଜନାର ଲକ୍ଷ୍ୟ ନୁହେଁ, ବରଂ କେବଳ 'ଠିକାଦାର ପୋଷା ନୀତି' ଆପଣାଇ ସରକାରୀ ଅର୍ଥ ଆତ୍ମସାତ କରିବା ବିଭାଗର ମୂଳ ଉଦ୍ଦେଶ୍ୟ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି।ଏହି ସଙ୍ଗୀନ ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଣ୍ଡପାଟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶିଶୁ କଲ୍ୟାଣ ସମିତିର ନୂତନ ଭବନ ଉଦ୍‌ଘାଟିତ

## ଦୀର୍ଘ ୧୩ ବର୍ଷ ପରେ ମିଳିଲା ନିଜସ୍ୱ ସରକାରୀ ଭବନ



**ସୁବର୍ଣ୍ଣପୁର,୨୯।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଶିଶୁ କଲ୍ୟାଣ ସମିତିର ନୂତନ ସରକାରୀ ଭବନ ଉଦଘାଟନ କଲେ ଜିଲ୍ଲାପାଳ ଡ. ନୃପରାଜ ସାହୁ। ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷା ପରେ ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର ର ନୂତନ ସରକାରୀ କାର୍ଯ୍ୟାଳୟ ଭବନ ଉଦ୍ଘାଟିତ ହୋଇଛି। ନୂତନ କାର୍ଯ୍ୟାଳୟ ଦ୍ୱାରା ଶିଶୁ ମାନଙ୍କ ସୁରକ୍ଷା, ଯତ୍ନ ଓ ପୁନର୍ବାସ ସମ୍ବନ୍ଧୀୟ କାର୍ଯ୍ୟ ଅଧିକ ସୁବିଧାଜନକ ଓ ସୁଚାରୁ ଭାବେ ସମ୍ପାଦିତ ହୋଇପାରିବ। ଉଦ୍ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବର୍ଣ୍ଣପୁର ଡା. ନୃପରାଜ ସାହୁ ଫିତା କାଟି କାର୍ଯ୍ୟାଳୟକୁ ଉଦ୍ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଯୋଗ ଦେଇଥିବା ବେଳେ ଶିଶୁ କଲ୍ୟାଣ ସମିତି, ପୂର୍ବତନ ଶିଶୁ କଲ୍ୟାଣ ସମିତିର ସଭ୍ୟ ରାଧେଶ୍ୟାମ ପଣ୍ଡା, ସାନ୍ତୁନୁ କୁମାର କର୍ଣ୍ଣ, ହେମନ୍ତ କୁମାର ସା, ଦିଲ୍ଲୀପ କୁମାର ମୁଖୀ, ସାମାଜିକ କର୍ମୀ ଗୋବିନ୍ଦ ମହାରଣା, ସଖୀ, ଉତ୍କଳ ବାଳାଶ୍ରମ ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟାଳୟ ଭବନ ଶିଶୁ ସୁରକ୍ଷା ଦିଗରେ ଏକ ନୂଆ ପଦକ୍ଷେପ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି ନୂତନ ସରକାରୀ କାର୍ଯ୍ୟାଳୟ ପାଇଁ ନୂତନ ଭାବେ ନିଯୁକ୍ତ ହୋଇଥିବା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ଲୀନା ବାବୁ, ସଦସ୍ୟା ଅଞ୍ଜଳି ନେଗୀ, ରଞ୍ଜିତା ସାହୁ, ସଦସ୍ୟ କେଶବ ଚନ୍ଦ୍ର ମେହେର ଓ ବ୍ରଜେନ୍ଦ୍ର କୁମାର୍ ବିଶି ସମସ୍ତେ ମିଶି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ଏବଂ ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ସମିତିର ଅଭିଯୋଗକୁ ଗୁରୁତର ସହ ନେଇ ତାଙ୍କର ପ୍ରଚେଷ୍ଟା ଫଳରେ ଉକ୍ତ କାର୍ଯ୍ୟାଳୟ କୁ ମଞ୍ଜୁର କରିଥିଲେ। ପୂର୍ବରୁ ଭଡ଼ା ଘରେ କାର୍ଯ୍ୟାଳୟ ଚାଲୁ ଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଉଥିଲା। ନୂତନ ସରକାରୀ ଭବନ ମିଳିବା ପରେ ଶିଶୁ ମାନଙ୍କ ହିତରେ ଶୁଣାଣି ଓ ଅନ୍ୟାନ୍ୟ କାର୍ଯ୍ୟ ଆହୁରି ଭଲ ଭାବରେ ହୋଇପାରିବ।

## ବାଇକକୁ ପିଟିଲା ସ୍କୁଲ ଭ୍ୟାନ୍, ଜଣେ ମୃତ, ୧ ଗୁରୁତର

**କେସିଙ୍ଗା,୨୯।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ଉତ୍କେଲା ଗ୍ରାମରୁ କୋକୋଡମାଲକୁ ସଂଯୋଗ କରୁଥିବା ପିଚ୍ଛୁଡି ରାସ୍ତା ପାର୍ଶ୍ୱସ୍ଥିତ ମେର୍ଶି ଇଂରାଜୀ ବିଦ୍ୟାଳୟ ସମ୍ମୁଖରେ ଏକ ଦୁର୍ଘଟଣା ଘଟିଛି।

ସୋମବାର ସ୍କୁଲ ଛୁଟି ହେବା ପରେ ଭ୍ୟାନଟି ସ୍କୁଲରୁ ପିଲାଙ୍କୁ ନେଇ ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ କୋକୋଡ଼ମାଲ ଗ୍ରାମରୁ ଉତ୍କେଲା ଅଭିମୁଖେ ଯାଉଥିବା ଏକ ବାଇକ୍ ସହ ଜୋରଦାର ଧକ୍କା ହୋଇଥିଲା। ବାଇକରେ ଯାଉଥିବା କୋକୋଡମାଲ୍ (କନ୍ଦେଇମାଲ୍) ଗ୍ରାମର ଯୁବକ ଆକାଶ ଜାଲ (୧୪)ଙ୍କର ଏଥିରେ ମୃତ୍ୟୁ ହୋଇଥିବା ବେଳେ ପଙ୍କଜ ଜାଲ (୨୩) ନାମକ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ ଘଟଣାସ୍ଥଳରେ ଆକାଶଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ ଉଦ୍ଧାର



କରି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଡାକ୍ତର ଆକାଶଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଥିବା ପଙ୍କଜଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ସ୍କୁଲ ଭ୍ୟାନରେ ପ୍ରାୟ ୩୦ ଜଣ ଛୋଟ ପିଲା ବସିଥିବା ବେଳେ ଏତେବଡ଼ ଦୁର୍ଘଟଣା ପରେ ମଧ୍ୟ ସୌଭାଗ୍ୟବଶତଃ କେହି ବି ଆହତ ହୋଇନାହାନ୍ତି। ବାଇକ୍ ଯୋଗେ ଆସୁଥିବା ଦୁଇ ଯୁବକ ଗୋଟିଏ ପରିବାରର ଦୁଇ ଭାଇ ବୋଲି ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ସ୍କୁଲ ଭ୍ୟାନ ଡ୍ରାଇଭର ଜଣଙ୍କ ଫେରାର ହୋଇଯାଇଥିବା ବେଳେ ମେର୍ଶି ସ୍କୁଲରେ କୋକୋଡମାଲ୍ ଗ୍ରାମବାସୀ କ୍ଷତିପୂରଣ ଦାବି ନେଇ ହୋହଲ୍ଲା କରିଛନ୍ତି, ଯାହାକୁ ନେଇ ସେଠାରେ ଚାପା ଉତ୍ତେଜନା ଜାରି ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣାସ୍ଥଳରେ କେସିଙ୍ଗା ଓ ଭବାନୀପାଟଣା ପୁଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଉତକେଲା ଫାଣ୍ଡି ଅଧିକାରୀ କହିଛନ୍ତି ଯେ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଅଭିଯୋଗ ଶୁଣାଣି: ୭୮ଟି ଆବେଦନ ଗ୍ରହଣ, ସମାଧାନକୁ ନେଇ ଉଠିଲା ପ୍ରଶ୍ନ

**ଥୁଆମୂଳ ରାମପୁର,୨୯।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ବ୍ଲକସ୍ତରୀୟ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଧ୍ରୁବଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ (ଏଡିଏମ୍) ତନ୍ମୟ କୁମାର ଦରୱାନ, ଉପଜିଲାପାଳ ପ୍ରଭାତ କୁମାର ପରିଡା, ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ ଏବଂ ଅତିରିକ୍ତ ତହସିଲଦାର ତପନ କୁମାର ପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ଆବେଦନପତ୍ର ଗ୍ରହଣ କରିଥିଲେ। ଶିବିରରେ ମୋଟ ୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୯ଟି ସାମୂହିକ ଓ ୪୯ଟି ବ୍ୟକ୍ତିଗତ ଆବେଦନ ରହିଥିଲା। ମୁଖ୍ୟତଃ ପାନୀୟ ଜଳ ଯୋଗାଣ, ଜିଓ ମୋବାଇଲ ନେଟୱର୍କ ସ୍ଥାପନ ଓ ଦୁର୍ବଳ ସିଗନାଲ ସମସ୍ୟା, ଜମିବାଡ଼ି ବିବାଦ, ବିପର୍ଯ୍ୟସ୍ତ ରାସ୍ତାଘାଟ, ସାମାଜିକ ସୁରକ୍ଷା ଭତ୍ତା ଏବଂ ଯୋଗାଣ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପସ୍ଥାପିତ ହୋଇଥିଲା। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଶୀଘ୍ର ତଦନ୍ତ କରି ନିୟମାନୁଯାୟୀ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

## 'ପାରମ୍ପରିକ ଲୋକକଳା : ସରମଙ୍ଗଳା'

**ସୁବର୍ଣ୍ଣପୁର,୨୯।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପର୍ଣ୍ଣରୀ ଏବଂ ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାର, ନୂଆଁଦିଲ୍ଲୀ ସହଯୋଗରେ ଗଂଗାଧର ମେହେର ଉଚ୍ଚ ବିଦ୍ୟାଳୟ, ସାଗରପାଲି ଠାରେ ଗୁରୁ ଶିଷ୍ୟ ପରମ୍ପରା ରିପେର୍ଟୋରୀ ଅନୁଦାନ ଅଧିନରେ ଏକ ସାରସ୍ୱତ ସାଂସ୍କୃତିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ପାରମ୍ପରିକ ଲୋକକଳା: ସରମଙ୍ଗଳା' ଶୀର୍ଷକରେ ଗଂଗାଧର ମେହେର ଉଚ୍ଚ ବିଦ୍ୟାଳୟ, ସାଗରପାଲି ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ଏହି ସୋପାନରେ କବି ତଥା ଲେଖକ ବରିଷ୍ଠ ଶିକ୍ଷକ ଶ୍ରୀ ବନବାସ ମେହେର ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରି ସରମଙ୍ଗଳା ଲୋକକଳା ଜୀବନ ଭିତରେ କଳାର ରସ ସିକ୍ତ ତରଙ୍ଗ ମନ ଓ ହୃଦୟରେ ଉଦ୍‌ବେଳନ ସୃଷ୍ଟିକରେ; ଜୀବନ ଧାରାକୁ ସହଜ, ସୁନ୍ଦର ମଧୁମୟ କରିବାରେ କଳା ହୁଏ ପ୍ରେରଣାର ଉତ୍ସ। ଜୀବନ ଓ ଜୀବିକା କ୍ଷେତ୍ରରେ କଳାର ମହତ୍ତ୍ୱ ତଥା ବଳିଷ୍ଠ ଯୋଗଦାନ ଅନସ୍ୱୀକାର୍ଯ୍ୟ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ପ୍ରଥମେ ନୃତ୍ୟ ନିର୍ଦ୍ଦେଶକ ତଥା ଲୋକକଳା ଗବେଷକ ଗୁରୁ ଚୌଧୁରୀ ବିଭାର "ପାରମ୍ପରିକ ଲୋକକଳା: ସରମଙ୍ଗଳା" ଶୀର୍ଷକ ଏକ ସୁନ୍ଦର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଲୋକ କଳାକାର ମାନଙ୍କର କଳା ଜୀବନକୁ ସୁଶୃଙ୍ଖଳିତ ତଥା ରସମୟ କରେ । କଳା ବ୍ୟତିରକେ ଜୀବନ ନିରଳସ । କଳା ତ ମନୋରଂଜନ ପ୍ରଦାନ କ୍ଷେତ୍ରରେ ଏକ ମାଧ୍ୟମ ଏବଂ ସୌନ୍ଦର୍ଯ୍ୟ କରିଥାଏ ବୋଲି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ସାହୁ ତାଙ୍କ ସଭାପତିତ୍ୱ ବକ୍ତବ୍ୟରେ କହିଥିଲେ ।



● ସତ କହିବାରୁ ସାମାଜିକ ଅପବାଦ

## ମାନହାନି ମକଦ୍ଦମାର ଚେତାବନୀ

**ବାଲିପାଟଣା,୨୯।୬(ସଂଚାର ବ୍ୟୁରୋ):** କାମଧେନୁ ଯୋଜନାରେ ବେଆଇନ ଲୋନ୍ ହାତେଇବା ଘଟଣାର ପର୍ଦ୍ଦାଫାଶ କରିବା ବାଲିପାଟଣା ଥାନା ବଡ଼ପୁର ଗ୍ରାମର ଅବକାଶ ସ୍ୱାଇଁଙ୍କ ପାଇଁ ମହଙ୍ଗା ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବାରୁ ପ୍ରତିଶୋଧ ପରାୟଣ ହୋଇ ଗ୍ରାମର ଭାଗ୍ୟ ଲକ୍ଷ୍ମୀ ସ୍ୱାଇଁ ନାମକ ଜଣେ ମହିଳା ତାଙ୍କ ବିରୋଧରେ ଚୋରିର ମିଥ୍ୟା ଅଭିଯୋଗ ଆଣିଥିବା ଏକ ସମ୍ବାଦଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି।ମହିଳାଙ୍କ ଦ୍ୱାରା କରାଯାଇଥିବା କପୋଳକଳ୍ପିତ ଅଭିଯୋଗକୁ ପ୍ରାଥମିକ ତଦନ୍ତ ପରେ ପୁଲିସ ଗ୍ରହଣ କରିନଥିଲା।ଥାନାରେ ଯୋଜନା ଫେଲ୍ ମାରିବା ପରେ ମହିଳା ଜଣକ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ସହାୟତା ନେଇଥିଲେ। ସମ୍ପୃକ୍ତ ଗଣମାଧ୍ୟମ ଦ୍ୱିତୀୟ ପକ୍ଷର କୌଣସି ପ୍ରତିକ୍ରିୟା ନନେଇ ସାମାଜିକ ସ୍ତରରେ ହେୟଜ୍ଞାନ କରିବା ପାଇଁ ଏକପାଖିଆ ଭ୍ରାମକ ଖବର ପ୍ରସାରଣ କରିଥିବା ଅଭିଯୋଗ ହୋଇଛି। ସାମାଜିକ ପ୍ରତିଷ୍ଠା କ୍ଷୁଣ୍ଣ କରିବା ଅଭିଯୋଗରେ ଅବକାଶ ସ୍ୱାଇଁ ଓ ଗ୍ରାମବାସୀ ଉକ୍ତ ମହିଳା ଏବଂ ସମ୍ପୃକ୍ତ ଗଣମାଧ୍ୟମ ବିରୋଧରେ ଥାନାର ଆଶ୍ରୟ ନେଇଛନ୍ତି। ଖୁବଶୀଘ୍ର କୋର୍ଟରେ ଏକ ମାନହାନି ମୋକଦ୍ଦମା କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।ସେପଟେ ସଂପୃକ୍ତ ମହିଳାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ, 'ଆପଣ ମୋତେ କାହିଁକି ପଚାରୁଛନ୍ତି ମୁଁ ଯାହା କହିବି ପୋଲିସକୁ କହିବି' ବୋଲି କହି ପ୍ରତିକ୍ରିୟା ରଖିବାକୁ ମନା କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗାଡ଼ି ନେଇଥିବା ଓ ରଖିଥିବା ୨ବ୍ୟକ୍ତି କେଶବ ସାହୁ ଓ ଅନ୍ୟ ଲୋକଟିକୁ ଘଟଣା ସ୍ଥଳକୁ ଆଣି ଦୋଷୀ ଓ ନିର୍ଦ୍ଦୋଷୀଙ୍କୁ ସର୍ବସମ୍ମୁଖେକୁ ଆଣିବାକୁ ଗ୍ରାମବାସୀ ସମୂହ ଦାବି କରିଛନ୍ତି।

● ବୈଶିଙ୍ଗା -ରୁପସା ରାସ୍ତା ଏବେ ମରଣଯନ୍ତା

## ଯାନବାହାନ ଚଳାଚଳରେ ବାଧା ଉପୁଜୁଛି

**ବୈଶିଙ୍ଗା,୨୯।୬ (ସଂଚାର ବ୍ୟୁରୋ):** ଓଡିଶାରେ ଶାସନ ଗାଦିକୁ ୨୫ ବର୍ଷ ଧରି ସମ୍ଭାଳିଥିବା ପୂର୍ବ ବିଜେଡି ସରକାର କେତେ ସ୍ୱଚ୍ଛ ତାହାର ପ୍ରମାଣ ହେଲା ରାସ୍ତା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପୂର୍ବରୁ ପ୍ରଥମେ ଗମନାଗମନ ବ୍ୟବସ୍ଥାକୁ ବିଚାରକୁ ନିଆଗଲେ ରାସ୍ତାକାମ ନାମରେ କେବଳ ଅର୍ଥ ହରିଲୁଟ୍ ହୋଇଥିବାର ଜଣାଯାଏ।ଯେଉଁ ରାସ୍ତା ତିଆରି ହେବାକୁ ତିନି ମାସ ସମୟ ଲାଗେ ସେ ସେହି ରାସ୍ତା ତିନି ମାସରେ ମଧ୍ୟ ନଷ୍ଟ ହୋଇଯାଇଥାଏ। ଏହାର ପ୍ରମାଣ ସ୍ୱରୂପ ବୈଶିଙ୍ଗା -ରୁପ୍ସା ରାସ୍ତାର ଅବସ୍ଥାକୁ ଦେଖିଲେ ଯାଇ ବୁଝାପଡ଼ିବ। ବୈଶିଙ୍ଗା ଠାରୁ ଅସ୍ତପୁରା ପର୍ଯ୍ୟନ୍ତ ୫ କି.ମି.ରାସ୍ତା ସମ୍ପୂର୍ଣ୍ଣ ହୋଇଥିଲା ବେଳେ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇ ଥିବାର ଦେଖାଯାଉଛି। ଏହି ରାସ୍ତାଟି ୧୮ନଂ ଜାତୀୟ ରାଜପଥ ବୈଶିଙ୍ଗା ଠାରୁ ୬୦ ନଂ ଜାତୀୟ ରାଜପଥ ରୁପ୍ସା ସହିତ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହ ଶହ ଭାରିଯାନ ଚଳାଚଳ କରିଥାଏ। ପ୍ରତିବର୍ଷ ଏହି ରାସ୍ତାର କିଛି ଅଂଶ ନୂଆ ପିଚୁ ହେବା ସହିତ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାର ବିଭାଗୀୟ



ଅଧିକାରୀଙ୍କ ଠାରୁ ଜଣାଯାଇଛି। ସେହିଭଳି ଦୁଇବର୍ଷ ତଳେ ବୈଶିଙ୍ଗା ଠାରୁ ଅସ୍ତପୁରା ପର୍ଯ୍ୟନ୍ତ ଯେଉଁ ରାସ୍ତା ପ୍ରସସ୍ତିକରଣ କରାଯାଇଥିଲା ତା ପାଇଁ ପ୍ରାୟ ଦୁଇ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂତ୍ରରୁ ଜଣାଯାଏ। ମାତ୍ର ସେହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଦୈନିକ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ସହିତ ଅକର୍ମଣ୍ୟ ହେବା ଏବଂ ମୃତ୍ୟୁବରଣ କରିଥିବାର ମଧ୍ୟ ନଜିର ରହିଛି। ନୂଆ ବିଜେପି ସରକାର ଙ୍କୁ ବହୁ ଅଭିଯୋଗ ପରେ ଅଳ୍ପ ଅଳ୍ପ ସ୍ଥାନରେ ପେଚିଂ କରାଯାଇଛି ସତ ମାତ୍ର ତାହା ମଧ୍ୟ ଉଠିଗଲାଣି। ଏଣୁ ଏହି ରାସ୍ତା ତୁରନ୍ତ ନିର୍ମାଣ ପାଇଁ ଦାବୀ ହେଉଛି। ବିଭାଗୀୟ ଅଧିକାରୀ ନିଜେ ରାସ୍ତାର ଅବସ୍ଥା ଦେଖି ମରାମତିର ଆବଶ୍ୟକତା ଅଛି କି ନାହିଁ ଜାଣିପାରିବେ। ଯେଉଁ ଠିକାଦାର କାର୍ଯ୍ୟ କରିଛନ୍ତି ତାଙ୍କର ମରାମତି ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ କାହିଁକି ହୋଇପାରୁନାହିଁ ବୋଲି ଚର୍ଚ୍ଚା ହେଉଛି ।

## ଭାରସାମ୍ୟ ହରାଇ ଓଲଟିଲା ନଳକୂପ ଗାଡ଼ି, ଚାଳକ ଆହତ



**କନ୍ଧମାଳ,୨୯।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଆଡାସିପଡ଼ା ପଞ୍ଚାୟତର ବଡ଼ଭୁଇଁ ଦଳପଡ଼ା ସାହିରେ ରବିବାର ଏକ ନଳକୂପ ଖନନ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗାଡ଼ି ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦଳପଡ଼ା ସାହିରେ ନୂତନ ନଳକୂପ ଖନନ କାର୍ଯ୍ୟ ପାଇଁ ଏକ ନଳକୂପ ଗାଡ଼ି ଆସିଥିଲା। ନଳକୂପ ଖନନ ସ୍ଥଳକୁ ପହଞ୍ଚିବା ପାଇଁ ଗାଡ଼ିଟି ପଛକୁ ବ୍ୟାକ କରୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଏଥିରେ ଗାଡ଼ି ଚାଳକ ଆହତ ହୋଇଥିଲେ। ଘଟଣାର ଖବର ପାଇ ଗ୍ରାମବାସୀଙ୍କ ସହ ସମାଜସେବୀ ଦେବାଶିଷ ସାହାଣୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ପରେ ଆହତ ଚାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

## ମାଛ ମାରିବାକୁ ଯାଇ ପାଣିରେ ବୁଡ଼ି ଜୀବନ ଗଲା

**ବରଗଡ଼,୨୯।୬ (ସଂଚାର ବ୍ୟୁରୋ):** ବରଗଡ଼ ମୁଖ୍ୟ କେନାଲକୁ ମାଛ ମାରିବାକୁ ଯାଇଥିବାବେଳେ ରବିବାର ଜଣେ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ହେଲେ, ଭଟଲି ଥାନା ଅନ୍ତର୍ଗତ ଜଡ଼ା ଗ୍ରାମର କୁଶ ଗୁରୁ । ଭଟଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ପୁଲିସ ଅଧିକ ତଦନ୍ତ ଚଲାଇଛି। ସୂଚନା ଅନୁଯାୟୀ, ମୃତକ ଜଣକ ମାଛ ମାରିବା ପାଇଁ ବରଗଡ଼ ମୁଖ୍ୟ କେନାଲକୁ ଯାଇଥିଲେ। ସେ ମାଛ ମାରୁଥିବା ସମୟରେ କେନାଲରେ ବୁଡ଼ି ଯାଇଥିଲେ ଓ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା।

### କେବେ ଦୂର ହେବ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନେଟୱର୍କ ଓ ପାନୀୟ ଜଳ ସମସ୍ୟା ?

# ସମସ୍ୟାର ଗନ୍ତାଘର ସାଜିଛି ଦୁର୍ଗମ ଅଞ୍ଚଳ

**କନ୍ଧମାଳ,୨୯।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତର ବୁଡ଼ିମ୍ଳିକା ଓ ପାଣ୍ଡୁବାଡ଼ା ଭଳି ଦୁର୍ଗମ ଅଞ୍ଚଳର ଆଦିବାସୀ ଗାଁରେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ ହେଇଛି। ପକ୍କା ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ମୋବାଇଲ ନେଟୱର୍କ, ଶିକ୍ଷା ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାର ଅଭାବ ଯୋଗୁଁ ଗ୍ରାମବାସୀ ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟାରେ ଜୀବନ ବିତାଉଛନ୍ତି। ବିକାଶର ଅନେକ ଦାବି ସତ୍ତ୍ୱେ ଏହି ଦୁଇ ଗାଁର ବାସ୍ତବ ଚିତ୍ର ଆଜି ବି ଚିନ୍ତାଜନକ।ହେଲେ ସରକାର ପରେ ସରକାର ବଦଳଉଛି କିନ୍ତୁ ସରକାର ଯୋଜନା ସଠିକ୍ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି ନା,



ଜାଣି ଶୁଣି ପ୍ରଶାସନ ନିରବ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବର୍ଷ ବର୍ଷ ଧରି ବିକାଶର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସଲାଗୁଡ଼ା ପଞ୍ଚାୟତର ବୁଡ଼ିମ୍ଳିକା ଓ ପାଣ୍ଡୁବାଡ଼ା ଗାଁକୁ ମୌଳିକ ସୁବିଧା ପହଞ୍ଚିପାରିନାହିଁ। ଘଞ୍ଚ ଜଙ୍ଗଲ ଓ ପାହାଡ଼ ଘେରା ଏହି ଗାଁକୁ ପହଞ୍ଚିବା ପାଇଁ କୁଡୁକେଲକିଆ ଗାଁଠାରୁ ପ୍ରାୟ ୩ରୁ ୪ କିଲୋମିଟର ପଥୁରିଆ ଓ ବିପଦସଙ୍କୁଳ ଜଙ୍ଗଲ ରାସ୍ତା ଦେଇ ଚାଲିବାକୁ ପଡ଼ିଥାଏ। ଜଙ୍ଗଲ ଜାତ ଦ୍ରବ୍ୟ ଓ ଶିଆଳି ପତ୍ର ସଂଗ୍ରହ ହିଁ ଏଠାକାର ଲୋକଙ୍କ ଜୀବିକାର ପ୍ରମୁଖ ଆଧାର। ଏହି ନିରୀହ ଗରିବ ଆଦିବାସୀ ମାନଙ୍କୁ ସରକାର କାହିଁକି ଅଣ ଦେଖା କରୁଛି। ରାସ୍ତା ନଥିବାରୁ ଗାଁରେ ନଳକୂପ ସ୍ଥାପନ ସମ୍ଭବ ହୋଇପାରିନାହିଁ। ଫଳରେ ୩୦ରୁ ଅଧିକ ଆଦିବାସୀ ପରିବାର ଖଡ଼ଗ ନଦୀ ଓ ଚୂଆ ପାଣି ଉପରେ ନିର୍ଭର କରୁଛନ୍ତି। ମୋବାଇଲ ନେଟୱର୍କ ନଥିବାରୁ ଜରୁରୀ ସମୟରେ ଯୋଗାଯୋଗ ମଧ୍ୟ ବଡ଼ ସମସ୍ୟା ପାଲଟିଛି। ଏ ମାନଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି। ଆଜି ପର୍ଯ୍ୟନ୍ତ ସରକାର ଯୋଜନା ଏମାନଙ୍କ ପାଖରେ ପହଞ୍ଚିନଥିବା ଅଭିଯୋଗ କରୁଛନ୍ତି ଗ୍ରାମବାସୀ। ସରକାର କରୁଛି କଣ ଖାଲି ଲୁଟିବାରେ ଜାଣିଛି, ବିକାଶର ଚିନ୍ତା କିଛି ନାହିଁ। ଶିକ୍ଷା କ୍ଷେତ୍ରରେ ମଧ୍ୟ ସ୍ଥିତି ଉଦ୍‌ବେଗଜନକ।

## ଯୁଗ୍ମ ଅଭିଯୋଗ ଶୁଣାଣି: ୧୩୩ଟି ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୨୯।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ କେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୧୩୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୧୧୬ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ପରିବାରକୁ ଭେଟିଲେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍

● ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

**ବେତନଟୀ,୨୯।୬(ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ତାରାକଠି ଗ୍ରାମ ର ବୁଧୁନି ସିଂ ଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ର ଅନୁଧ୍ୟାନ ପାଇଁ ମହିଳା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଙ୍କ ନେତୃତ୍ୱ ରେ ମୃତ ମହିଳା ଙ୍କ ଘର ବେତନଟୀ ତାରାକାଠି ଗ୍ରାମ କୁ ଯାଇ ତାଙ୍କ ପରିବାର ବର୍ଗ ଙ୍କୁ ଭେଟିଥିଲେ। ମୃତ ମହିଳା ଙ୍କୁ ସ୍ୱାମୀ ଓ ପରିବାର ବର୍ଗ ନିଜକୁ ଅସୁରକ୍ଷିତ ମଣୁଥିବା କଥା ଟିମ୍ ଆଗରେ ପ୍ରକାଶ କରିଥିଲେ, ବେତନଟୀ ଥାନା ଆଇ ଆଇ ସି ଙ୍କୁ ଭେଟି କେଶ ର ଅଗ୍ରଗତି ବାବଦରେ ବୁଝିଥିଲେ ଏବଂ ଞ. ଚ ମୟୁରଭଞ୍ଜ ଙ୍କୁ ଭେଟି ମୃତ ପରିବାର କୁ ସୁରକ୍ଷା ଏବଂ ଦୋଷୀ କୁ ସଠିକ ଭାବେ ତଦନ୍ତ କରି କଠର ଦଣ୍ଡବିଧାନ ପାଇଁ ଦାବି ଜଣାଇ ଥିଲେ ଏହି ପ୍ରତିନିଧି ଦଳ ରେ ଉତ୍ତର ଓଡିଶା ମହିଳା ବିଜେଡି ସଭାପତି ପ୍ରୀତିନନ୍ଦା କାନୁନଗୋ, ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ମହିଳା ନେତ୍ରୀ ବୀଣାପାଣି ସାହୁ, ମହିଳା ବିଜେଡି ରାଜ୍ୟ ସମ୍ପାଦକ ସବିତା ବେହେରା ଏବଂ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ସୁବାସିନୀ ନାୟକ, ସମିତି ସଭ୍ୟ କିଶୋର ନାୟକ, ଯୁବ ନେତା ରାଜେନ ଦାଶ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଚିତେଶ୍ୱର ବେହେରା, ବିଶ୍ୱବିଦ୍ୟାଳୟ ଆବାହକ ଦୀପକ ସାହୁ ଉପସ୍ଥିତ ଥିଲେ।

# ଡିଜିଟାଲ୍ ଦକ୍ଷତା ବୃଦ୍ଧି ପାଇଁ ଆଇଆଇଏମ୍ ରାୟପୁର ଓ ବିଶାଖାପାଟଣା ସହ ଚୁକ୍ତି ନାମା

**ସମ୍ବଲପୁର,୨୯।୬(ସଂଚାର ବ୍ୟୁରୋ):** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ନିଜ କର୍ମଚାରୀଙ୍କ ଡିଜିଟାଲ୍ ଦକ୍ଷତା ବୃଦ୍ଧି ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ତଥା କୃତ୍ରିମ ବୃଦ୍ଧିମତା, ମେସିନ୍ ଲର୍ଣ୍ଣିଂ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ପ୍ରଦାନ ପାଇଁ କମ୍ପାନୀ ଭାରତୀୟ ପରିଚାଳନା ସଂସ୍ଥାନ ତଥା ଆଇ.ଆଇ.ଏମ୍ ରାୟପୁର ଏବଂ ଆଇ.ଆଇ.ଏମ୍ ବିଶାଖାପାଟଣା ସହିତ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ସହଯୋଗ ଅଧୀନରେ




ଏମ୍.ସି.ଏଲର ସମୁଦାୟ ୮୦୦ ଜଣ ଅଧିକାରୀଙ୍କୁ ସଂଗଠିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବ। ଏଥିମଧ୍ୟରୁ ୫୦୦ ଜଣ ଅଧିକାରୀଙ୍କୁ ଆଇ.ଆଇ.ଏମ୍ ରାୟପୁର ଏବଂ ୩୦୦ ଜଣ ଅଧିକାରୀଙ୍କୁ ଆଇ.ଆଇ.ଏମ୍ ବିଶାଖାପାଟଣା ଦ୍ୱାରା ପ୍ରଶିକ୍ଷିତ କରାଯିବ। ଏହି ସ୍ୱତନ୍ତ୍ର ପାଠ୍ୟକ୍ରମକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି, ଯାହା ଅଧିକାରୀମାନଙ୍କୁ ଏ.ଆଇ ଏବଂ ଏମ୍.ଏଲର ଉନ୍ନତ ଜ୍ଞାନ ଏବଂ ବ୍ୟବହାରିକ ପ୍ରୟୋଗ ବିଷୟରେ ଅବଗତ କରାଇବ। ଏହାଦ୍ୱାରା ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ, କାର୍ଯ୍ୟକ୍ଷମତାର ସରଳୀକରଣ ଏବଂ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନୂତନ ଚିନ୍ତାଧାରାର ବିକାଶ ହୋଇପାରିବ। ଏମ୍.ସି.ଏଲର ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ କେଶବ ରାଓ, ଆଇ.ଆଇ.ଏମ୍ ବିଶାଖାପାଟଣାର ଡିନ୍ (ଏକାଡେମିକ୍ସ) ପ୍ରଫେସର ବିଜୟ ଭାସ୍କର ମାରିସେଟ୍ଟି ଏବଂ ଆଇ.ଆଇ. ଏମ୍ ରାୟପୁରର ପ୍ରଭାରୀ ନିର୍ଦ୍ଦେଶକ ପ୍ରଫେସର ସଞ୍ଜୀବ ପ୍ରାଶର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଏମ୍.ସି.ଏଲର ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଉଦୟ ଅନନ୍ତ କାଓଲେ, କମ୍ପାନୀର ନିର୍ଦ୍ଦେଶକଗଣ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଭାଗିଦାରୀ ଏମ୍.ସି.ଏଲର ଡିଜିଟାଲ୍ ରୂପାନ୍ତରଣ ଯାତ୍ରାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଏହା କମ୍ପାନୀରେ ଭବିଷ୍ୟତର ନେତୃତ୍ୱ ନେବା ଭଳି ଦକ୍ଷତା ପ୍ରସ୍ତୁତ କରିବ ଏବଂ କାର୍ଯ୍ୟଦକ୍ଷତା, ଉତ୍ପାଦନ ଓ ବ୍ୟବସାୟିକ ଉତ୍କର୍ଷତା ବୃଦ୍ଧି ପାଇଁ ଏ.ଆଇଏବଂ ଏମ୍.ଏଲ୍ ର ସଫଳ ବ୍ୟବହାରରେ ସହାୟକ ହେବ। ଦ୍ରୁତ ଗତିରେ ବଦଳୁଥିବା ବ୍ୟବସାୟିକ ପରିବେଶରେ ନିଜ ପ୍ରତିଯୋଗିତାମୂଳକ ମନୋଭାବ ବଜାୟ ରଖିବା ପାଇଁ କର୍ମଚାରୀଙ୍କ ଦକ୍ଷତା ବିକାଶ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଆପଣେଇବା ଦିଗରେ ଏମ୍.ସି.ଏଲ୍ ର ନିରନ୍ତର ପ୍ରୟାସକୁ ଏହି ପଦକ୍ଷେପ ପୁନର୍ବାର ପ୍ରମାଣିତ କରିଛି।